# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-288 ♦THURSDAY ♦16 APRIL 2026 ♦PAGE-12 ♦₹ 7.00

JEYPORE

♦ବର୍ଷ-୪୩ ♦ସଂଖ୍ୟା-୨୮୮ ♦ଗୁରୁବାର ♦୧୬ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

‘ଅପରେସନ୍ ସିନ୍ଦୂର୍’ରେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...

# ଓଡ଼ିଆ ଅସ୍ମିତାକୁ ଧକ୍କା

# କମିବ ଓଡ଼ିଶାର ପତିଆରା

■ ଭୁବନେଶ୍ୱର, ୧୫।୪ (ସମିସ): ଗତ ନିର୍ବାଚନରେ ଓଡ଼ିଶାରୁ ବିଜେପି ୨୦ ଆସନ ଜିତିଲା। ଓଡ଼ିଶାବାସୀଙ୍କ ଏହି ଅଭୂତପୂର୍ବ ଓ ଅବିଶ୍ୱାସ୍ୟ ସମର୍ଥନ ଯୋଗୁଁ କେନ୍ଦ୍ରରେ ବିଜେପି ସରକାର ଗଠନ ପଥ ପରିଷ୍କାର ହେଲା। ଓଡ଼ିଶାରୁ ଏତେ ସଂଖ୍ୟକ ସାଂସଦ ନିର୍ବାଚିତ ହୋଇ ନ ଥିଲେ, କେନ୍ଦ୍ରରେ ବିଜେପି ପାଇଁ ସରକାର ଗଠନ କଷ୍ଟକର ହୋଇପଡ଼ିଥାଆନ୍ତା।ସେତେବେଳେ ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିବା ନିମନ୍ତେ ବିଜେପିର ଜାତୀୟ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଓଡ଼ିଶାର ପ୍ରତିଷ୍ଠା ଓ ପତିଆରାକୁ ହ୍ରାସ ପାଇଁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର। ପ୍ରସ୍ତାବିତ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣରେ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁ, କେରଳ, ଆନ୍ଧ୍ର, ତେଲଙ୍ଗାନା ପରି ଓଡ଼ିଶା ମଧ୍ୟ ବିପୁଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।ସୀମା ପୁନଃନିର୍ଦ୍ଧାରଣରେ ପ୍ରତି ରାଜ୍ୟର ଲୋକସଭା ଓ ବିଧାନସଭା ଆସନ ୫୦% ବୃଦ୍ଧି ପାଇଁ ପ୍ରାଥମିକ ଭାବରେ କୁହାଯାଉଥିଲେ


- ୨୦ ବିଜେପି ସାଂସଦ ଦେବାର ପ୍ରତିଫଳ ଭୋଗିବେ ଓଡ଼ିଶାବାସୀ
- ବିହାରରେ ଆସନ ବଢ଼ିବ ୮୦%, ଉତ୍ତରପ୍ରଦେଶରେ ୭୫%
- ଓଡ଼ିଶାରେ ୩୫ %, କେରଳରେ ୧୯%, ତାମିଲନାଡୁରେ ୩୦%
- ୩୧ ପରିବର୍ତ୍ତେ ୨୯ରେ ସୀମିତ ରହିବ ଓଡ଼ିଶାର ଲୋକସଭା ଆସନ
- ୨୧୭ ପରିବର୍ତ୍ତେ ୧୯୬ ହେବ ରାଜ୍ୟ ବିଧାନସଭା ଆସନ ସଂଖ୍ୟା

ହେଁ ବାସ୍ତବରେ ଏଥିରେ ଯାବତୀୟ ପେଞ୍ଚପାଞ୍ଚ କରାଯାଇଛି। ମୋଟ ଉପରେ ୫୦% ଆସନ ବୃଦ୍ଧି କରାଯାଇଥିଲେ ହେଁ ଉତ୍ତରଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ଅଧିକ ଭାଗ ପାଇବେ ଓ ଓଡ଼ିଶା ସହ ଦକ୍ଷିଣ ଭାରତୀୟ ରାଜ୍ୟର ପ୍ରତିନିଧିତ୍ୱ ଜାତୀୟସ୍ତରରେ ହ୍ରାସ ପାଇବ ବୋଲି ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ବିଜେପି ଶାସିତ ରାଜ୍ୟଗୁଡ଼ିକରେ ପ୍ରସ୍ତାବିତ ଆସନ ସଂଖ୍ୟା ବର୍ତ୍ତମାନର ଆସନ ତୁଳନାରେ ପାଖାପାଖି ୭୦% ରୁ ୮୦ % ବୃଦ୍ଧି ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

### ସୀମା ପୁନଃନିର୍ଦ୍ଧାରଣରେ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ

# ୪୮ ଘଣ୍ଟାରେ ଡାକନ୍ତୁ ବିଧାନସଭା



- ୧୫ ପ୍ରତିଶତ ପର୍ଯ୍ୟନ୍ତ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ
- ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତି ନ ହେବାକୁ ହେଉ ସଂକଳ୍ପ
- ଓଡ଼ିଆ ଭାବେ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରନ୍ତୁ ମୁଖ୍ୟମନ୍ତ୍ରୀ
- ରାଜନୈତିକ ଅଧିକାର ସୁରକ୍ଷିତ ରହିଲେ, ପୁନଃ ନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ
- ମହିଳାଙ୍କ ରାଜନୈତିକ ସଂରକ୍ଷଣ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଦେବ ବିଜେଡି

■ ଭୁବନେଶ୍ୱର, ୧୫।୪ (ସମିସ): ସଂସଦର ସ୍ୱତନ୍ତ୍ର ଅଧିବେଶନରେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ରେ ଓଡ଼ିଶା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟର ସଂସଦୀୟ କ୍ଷେତ୍ର ସଂଖ୍ୟା ୨୧ରୁ ୨୯କୁ ବୃଦ୍ଧି ସତ୍ତ୍ୱେ ରାଜ୍ୟର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟସ୍ତରରେ ୧୫% ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶାର ରାଜନୈତିକ ଅଧିକାର ଯେପରି ଏକ ସହସ୍ରାଂଶ କ୍ଷତି ନ ହେବ ସେଥିପାଇଁ ଜଣେ ଓଡ଼ିଆ ଭାବରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ। ୪୮ ଘଣ୍ଟାରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇ ଏ ସଂକ୍ରାନ୍ତରେ ସଂକଳ୍ପ ଗୃହୀତ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ।

ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ୨୧ ଜଣ ସାଂସଦ ଅଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୩.୯ ପ୍ରତିଶତ। ମାତ୍ର ଆସନ୍ତାକାଲି ସଂସଦର ସ୍ୱତନ୍ତ୍ର ଅଧିବେଶନରେ ବିଲ୍ ପାରିତ ସହ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ଏହି ସଂଖ୍ୟା ୨୯କୁ ବୃଦ୍ଧି ପାଇବ ସିନା, ଲୋକସଂଖ୍ୟା ଅନୁପାତ ୩.୪ ପ୍ରତିଶତକୁ କମିଯିବ। ଫଳରେ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶରେ ଅଗ୍ରଣୀ ଓଡ଼ିଶା ଜାତୀୟସ୍ତରରେ ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ପ୍ରତିନିଧିତ୍ୱ ହାନିର ସମ୍ମୁଖୀନ ହେବ। ଏହା ଜାତୀୟସ୍ତରରେ ଆମର ରାଜନୈତିକ ସ୍ୱର ଓ ପ୍ରଭାବକୁ କ୍ଷୀଣ କରିବ ଏବଂ ଅନ୍ୟ ରାଜ୍ୟମାନଙ୍କ ପକ୍ଷରେ ପୁନର୍ବଣ୍ଟନ କରାଯିବ। ବିଭିନ୍ନ ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ଓଡ଼ିଶା ଚତୁର୍ଥ ସବୁଠାରୁ ବଡ଼ କ୍ଷତିଗ୍ରସ୍ତ ରାଜ୍ୟ ହେବ। ଏହା ୪.୫ କୋଟି ଓଡ଼ିଆଙ୍କ ଆକାଂକ୍ଷା ପ୍ରତି ଶକ୍ତ ପ୍ରହାର ସଦୃଶ ହୋଇଥିବା ବେଳେ ଆଗାମୀ ପିଢି ପାଇଁ ଗୁରୁତର ଅନ୍ୟାୟ ସୃଷ୍ଟି କରିବ ବୋଲି ଆଶଙ୍କା କରିଛନ୍ତି ନବୀନ। ଏହି ପ୍ରସଙ୍ଗରେ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାର ରାଜନୈତିକ ଅଧିକାର ଅକ୍ଷୁର୍ଣ୍ଣ ରହିଲେ ଆମେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ କରିବୁ, ମାତ୍ର ଓଡ଼ିଶାର ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତିକୁ ଗ୍ରହଣ କରିପାରିବୁ ନାହିଁ। ତେଣୁ ସ୍ୱତନ୍ତ୍ର ଅଧିବେଶନରେ ଏମିତି ଏକ ପ୍ରସ୍ତାବ ପାରିତ କରାଯାଉ, ଯେଉଁଥିରେ ଓଡ଼ିଶାର ୦.୦୦୧ ପ୍ରତିଶତ ରାଜନୈତିକ ଅଧିକାର କ୍ଷତି ହେବ ନାହିଁ ▶ପୃଷ୍ଠା-୭

# ହର୍ମୁଜରେ ଆମେରିକାର ସାମରିକ ଅବରୋଧ ଜାରି

### ଇରାନର ୮ଟି ତୈଳ ଟ୍ୟାଙ୍କରକୁ ଅଟକାଇଲା ନୌସେନା

■ତେହେରାନ/ୱାସିଂଟନ, ୧୫।୪(ଏଜେନ୍ସି): ଯୁଦ୍ଧବିରତି ମଧ୍ୟରେ ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବାପରେ ହର୍ମୁଜରେ ଆମେରିକାର ଅବରୋଧକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଆମେରିକା ନୌସେନା ଅତିକମରେ ୮ଟି ଇରାନୀ ତୈଳ ଟ୍ୟାଙ୍କରକୁ ଅଟକାଇ ସେଗୁଡ଼ିକୁ ପଛକୁ ଫେରିଯିବାକୁ ବାଧ କରିଛି । ଏଥିରେ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ସମଗ୍ର ପାରସ୍ୟ ଉପସାଗର, ଓମାନ ସାଗର ଏବଂ ଲୋହିତ ସାଗର ଅବରୋଧ କରିବାକୁ ଧମକ ଦେଇଛି । ଇରାନ ସେଂଟ୍ରାଲ କମାଣ୍ଡ ମୁଖ୍ୟ ଏହି ଧମକ ଦେଇ କହିଛନ୍ତି ଯେ ହର୍ମୁଜରେ ଆମେରିକା ନୌସେନାର ଅବରୋଧ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଓ ବାଣିଜ୍ୟ ପ୍ରତି ବିପଦ ସୃଷ୍ଟି କରିଛି । ଏହି ଅବରୋଧ ସମାପ୍ତ ନକଲେ ସମଗ୍ର ପାରସ୍ୟ ଉପସାଗରରେ ବାଣିଜ୍ୟ କାରବାରକୁ ଅବରୋଧ କରିବ ଇରାନ ।

### ପାରସ୍ୟ ଉପସାଗର ଅବରୋଧ ପାଇଁ ଧମକ ଦେଲା ଇରାନ

ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟ ଅନୁଯାୟୀ, ଆମେରିକା ନୌସେନା ରେଡ଼ିଓ ଯୋଗାଯୋଗ ମାଧ୍ୟମରେ ଇରାନ ଅଭିମୁଖେ ଯାଉଥିବା ଜାହାଜଗୁଡ଼ିକୁ ଚେତାବନୀ ଦେଉଛି । ଆମେରିକା ଏହି ଅବରୋଧ ପାଇଁ ୧୫ରୁ ଅଧିକ ଯୁଦ୍ଧ ଜାହାଜ ଏବଂ ହଜାର ହଜାର ସୈନ୍ୟଙ୍କୁ ନିୟୋଜିତ କରିଛି । ଅଟକାଯାଇଥିବା ▶ପୃଷ୍ଠା-୭

## ମହିଳାଙ୍କୁ ରାଜନୈତିକ ସଂରକ୍ଷଣ

# ବିଜୁଙ୍କ ସ୍ୱପ୍ନ, ନବୀନଙ୍କ ପ୍ରୟାସ

- ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିଲେ ବିଜୁ
- ମହିଳା ସଶକ୍ତୀକରଣ ଅଭିଯାନକୁ ଆନ୍ଦୋଳନରେ ପରିଣତ କରିଥିଲେ ନବୀନ
- ପଞ୍ଚାୟତ ଓ ପୌର ନିର୍ବାଚନରେ ସଂରକ୍ଷଣକୁ ୫୦ ପ୍ରତିଶତକୁ କରିଥିଲେ ବୃଦ୍ଧି
- ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଦେଇଥିଲେ ଦଳୀୟ ଟିକେଟ
- ସମର୍ଥନ ପାଇଁ ୨୨ଟି ରାଜନୈତିକ ଦଳ ନିକଟକୁ ପଠାଇଥିଲେ ଦଳୀୟ ପ୍ରତିନିଧି

■ ଭୁବନେଶ୍ୱର, ୧୫।୪ (ସମିସ): ଆସନ୍ତାକାଲିଠାରୁ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ ଆସିବ। ଯାହାକୁ ଶାସକ ବିଜେପି ଐତିହାସିକ ବୋଲି ଉଲ୍ଲେଖ କରି ଏହାଦ୍ୱାରା ମହିଳା ସଶକ୍ତୀକରଣ ଅଭିଯାନକୁ ଏକ ବଡ଼ ସଫଳତା ମିଳିବ ବୋଲି କହୁଛି; ତାହାକୁ ୪ ଦଶନ୍ଧି ତଳେ ରାଜ୍ୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାରେ ମହିଳା ସଶକ୍ତୀକରଣର ଆଦ୍ୟ ପୁରୋଧା ବିଜୁ ପଟ୍ଟନାୟକ କାର୍ଯ୍ୟକାରୀ କରି ସାରିଥିଲେ । ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରି ଇତିହାସ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ପାଇଁ ଚଳାଇଥିବା ପ୍ରୟାସ ସାରା ଦେଶକୁ ସମ୍ପ୍ରସାରିତ ହୋଇଥିଲା। ନବୀନ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଥିଲେ ଓ ଦେଶର ୨୨ଟି ରାଜନୈତିକ ଦଳର ମୁଖ୍ୟଙ୍କ ନିକଟକୁ ପ୍ରତିନିଧି ପଠାଇ ଏ ସଂକ୍ରାନ୍ତରେ ସମର୍ଥନ ଲୋଡ଼ିଥିଲେ। ଯାହା ଏବେ ସାକାର ହେବାକୁ ଯାଉଛି। ଦେଶରେ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇଛି।

୯୦ ଦଶକରେ ଯେତେବେଳେ ମହିଳାଙ୍କୁ ରାଜନୀତି କ୍ଷେତ୍ରରେ ଏକ ସୀମିତ ସ୍ଥାନରେ ରଖାଯାଇଥିଲା, ସେହି ସମୟରେ ବିଜୁ ପଟ୍ଟନାୟକ ହିଁ ପ୍ରଥମେ ଏହି ଧାରାକୁ ଭାଙ୍ଗିଥିଲେ। ▶ପୃଷ୍ଠା-୭






# ସିବିଏସ୍‌ଇ ଦଶମ ଫଳ ପ୍ରକାଶିତ

- ପାସ୍ ହାର ଦେଶରେ ୯୩.୭୦%; ଓଡ଼ିଶାରେ ୯୩.୬୬%
- ଭୁବନେଶ୍ୱର ରିଜିଅନ୍‌ରେ ୯୪.୬୭% କୃତକାର୍ଯ୍ୟ; ଛାତ୍ରୀ ଆଗରେ

■ ଭୁବନେଶ୍ୱର, ୧୫।୫ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୨୪ ଲକ୍ଷ ୮୩ ହଜାର ୪୭୯ ଜଣ ପିଲା ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୨୪ ଲକ୍ଷ ୭୧ ହଜାର ୭୭୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଲକ୍ଷ ୧୬ ହଜାର ୮ ଜଣ ଅର୍ଥାତ୍ ୯୩.୭୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ପାସ୍‌ହାର ବଢ଼ିଛି। ୨୦୨୫ରେ ୯୩.୬୬% ପିଲା ପାସ୍ କରିଥିବାବେଳେ ୨୦୨୬ରେ ୯୩.୭୦% ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୯୨.୬୯ ପ୍ରତିଶତ ଥିବାବେଳେ ଛାତ୍ରୀଙ୍କ ▶ପୃଷ୍ଠା-୭




## ରାଘବ ଚଢ଼ାଙ୍କୁ ଜେଡ୍‌ପ୍ଲସ୍ ସୁରକ୍ଷା

ଚଣ୍ଡିଗଡ଼/ନୂଆଦିଲ୍ଲୀ:୧୫ ।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଏବଂ ଏହାର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି । ଦଳୀୟ ପଦବୀରୁ ହଟାଯିବାର ମାତ୍ର କିଛି ଦିନ ମଧ୍ୟରେ ଆଜି ପଞ୍ଜାବ ସରକାର ରାଘବଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ୍ ଶ୍ରେଣୀର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିନେଇଛନ୍ତି ।

- ପ୍ରତ୍ୟାହାର କଲା ପଞ୍ଜାବ
- ସୁରକ୍ଷା ଦେଲା କେନ୍ଦ୍ର

ପଞ୍ଜାବ ପୋଲିସର ଏହି ନିଷ୍ପତ୍ତି ପରେ ୩୭ ବର୍ଷୀୟ ଚଢ଼ାଙ୍କ ସୁରକ୍ଷାରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ମୁଖ୍ୟାଳୟକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଘବ ଚଢ଼ା ଏବଂ ଆପ୍ ହାଇକମାଣ୍ଡଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଦୂରତା ପଛରେ କିଛି ପ୍ରମୁଖ କାରଣ ରହିଥିବା ଚର୍ଚ୍ଚା ହେଉଛି ଗତ ଏପ୍ରିଲ ୨ ତାରିଖରେ ରାଘବଙ୍କୁ ରାଜ୍ୟସଭାରେ ଦଳର ଉପନେତା ପଦରୁ ହଟାଇ ଦିଆଯାଇଥିଲା । ପଞ୍ଜାବର ଆମ୍ ଆଦମୀ ପାର୍ଟି ସରକାରଙ୍କ ଏହି ପଦକ୍ଷେପକୁ ରାଜନୈତିକ ପ୍ରତିଶୋଧ ବୋଲି କେତେକ ମହଲରେ ସମାଲୋଚନା କରାଯାଉଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାର ରାଘବଙ୍କୁ ଆଜି ଜେଡ୍ ସୁରକ୍ଷା ପ୍ରଦାନ କରିଛନ୍ତି ।

## ପବନ ଖେରାଙ୍କୁ ଝଟ୍‌କା

ନୂଆଦିଲ୍ଲୀ:୧୫ ।୪(ଏଜେନ୍ସି): କଂଗ୍ରେସର ବରିଷ୍ଠ ନେତା ତଥା ମିଡିଆ ବିଭାଗ ମୁଖ୍ୟ ପବନ ଖେରାଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଆଣିଥିବା ଅଭିଯୋଗ ମାମଲାରେ ସୁପ୍ରିମକୋର୍ଟ ଆଜି ପବନ ଖେରାଙ୍କୁ ମିଳିଥିବା 'ଟ୍ରାଞ୍ଜିଟ୍ ଜାମିନ' ଉପରେ ରୋକ୍ ଲଗାଇଛନ୍ତି । ତେଲେଙ୍ଗାନା ହାଇକୋର୍ଟ ଦେଇଥିବା ଏହି ଏକ ସପ୍ତାହର ଜାମିନ ଆଦେଶକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିବା ସହ ଖେରାଙ୍କୁ ଆସାମର ସମ୍ବନ୍ଧିତ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଅତୁଲ ଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆସାମ ସରକାରଙ୍କ ଆବେଦନ ଉପରେ ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି । ସୁପ୍ରିମକୋର୍ଟ ଏହି ମାମଲାରେ ପବନ ଖେରାଙ୍କୁ ନୋଟିସ୍ ଜାରି କରି ତିନି ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ପାଖରେ ୩ଟି ପାସପୋର୍ଟ ରହିଛି ଏବଂ ଦୁବାଇ ତଥା ଆମେରିକାରେ ତାଙ୍କର ଅଘୋଷିତ ସମ୍ପତ୍ତି ରହିଛି ବୋଲି ଖେରା ଦାବି କରିଥିଲେ । ତେଲଙ୍ଗାନା ହାଇକୋର୍ଟ ପବନ ଖେରାଙ୍କୁ ଗିରଫଦାରୀରୁ କିଛି ଦିନ ପାଇଁ ସୁରକ୍ଷା ପ୍ରଦାନ କରିଥିଲେ ହେଁ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କ ପାଇଁ ଅସୁବିଧା ବଢ଼ିଯାଇଛି । ବର୍ତ୍ତମାନ ତାଙ୍କୁ ଆସାମ ଯାଇ ଆଇନଗତ ଲଢେଇ ଲଢ଼ିବାକୁ ପଡ଼ିବ ।

## ତୁର୍କୀରେ ପୁଣି ବିଦ୍ୟାଳୟ ଗୁଳିକାଣ୍ଡ: ୪ ମୃତ, ୨୦ ଆହତ

ତୁର୍କୀ, ୧୫।୪(ଏଜେନ୍ସି): ଦକ୍ଷିଣ ତୁର୍କୀର କାହରାମାନମାରାସ ଅଞ୍ଚଳରେ ଥିବା ଆୟସେର କାଲିକ ବିଦ୍ୟାଳୟରେ ବୁଧବାର ଗୁଳିକାଣ୍ଡ ଘଟିଛି । ଏହି ଆକ୍ରମଣରେ ଜଣେ ଶିକ୍ଷକ ଏବଂ ୩ ଜଣ ଛାତ୍ରଙ୍କ ସମେତ ମୋଟ ୪ ଜଣ ପ୍ରାଣ ହରାଇଛନ୍ତି । ଏହା ସହିତ ପ୍ରାୟ ୨୦ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସ୍ଥାନୀୟ ଗଭର୍ଣ୍ଣରଙ୍କ ସୂଚନା ଅନୁଯାୟୀ, ଆକ୍ରମଣକାରୀ ଜଣକ ସେହି ବିଦ୍ୟାଳୟର ଜଣେ ଛାତ୍ର ଥିଲେ । ସେ ୫ଟି ବନ୍ଧୁକ ଏବଂ ୭ଟି ମାଗାଜିନ ନିଜ ସହ ଲୁଚାଇ ଆଣିଥିଲେ । ବିଦ୍ୟାଳୟର ୨ଟି ଶ୍ରେଣୀ ଗୃହରେ ପ୍ରବେଶ କରି ଆଖିବୁଜା ଗୁଳି ଚାଳନା କରିଥିଲେ । ପ୍ରାଥମିକ ତଦନ୍ତରୁ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକ ତାଙ୍କ ପିତା ତଥା ପୂର୍ବତନ ପୋଲିସ ଅଧିକାରୀଙ୍କର ବୋଲି ଜଣାପଡ଼ିଛି । ଗୁଳିକାଣ୍ଡ ପରେ ଆକ୍ରମଣକାରୀ ନିଜେ ମଧ୍ୟ ଆତ୍ମହତ୍ୟା କରିଛି । ଉଲ୍ଲେଖଯୋଗ୍ୟ, ତୁର୍କୀରେ ଦୁଇ ଦିନ ମଧ୍ୟରେ ଏହା ଦ୍ୱିତୀୟ ବିଦ୍ୟାଳୟ ଗୁଳିକାଣ୍ଡ ଘଟଣା । ଗତକାଲି ଦେଶର ଅନ୍ୟ ଏକ ବିଦ୍ୟାଳୟରେ ଜଣେ ପୂର୍ବତନ ଛାତ୍ର ଗୁଳି ଫୁଟାଇ ୧୬ ଜଣଙ୍କୁ ଆହତ କରିଥିଲେ ଏବଂ ପରେ ନିଜକୁ ଗୁଳି କରି ପ୍ରାଣ ହରାଇଥିଲେ ।

## ଆପ୍ ସାଂସଦ ଅଶୋକ ମିତ୍ତଲଙ୍କ ଉପରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୧୫।୪(ଏଜେନ୍ସି): ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍)ର ରାଜ୍ୟସଭା ସାଂସଦ ଅଶୋକ ମିତ୍ତଲଙ୍କ ବାସଭବନ ଏବଂ ତାଙ୍କ ସହ ଜଡ଼ିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଚଢ଼ଉ କରିଛି । ଏହି ଘଟଣାକୁ ନେଇ ଆପ୍ ଓ ବିଜେପି ମଧ୍ୟରେ ରାଜନୈତିକ ଯୁଦ୍ଧ ତୀବ୍ର ହୋଇଛି । ସୂଚନା ଅନୁସାରେ, ଜଳନ୍ଧର, ଗୁରୁଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୦ଟି ସ୍ଥାନରେ ଇଡି ପକ୍ଷରୁ ଖୋଳତାଡ଼ କରାଯାଇଛି । ଏଥିମଧ୍ୟରେ ଫଗୱାରାସ୍ଥିତ ଲଭଲି ପ୍ରଫେସନାଲ ୟୁନିଭର୍ସିଟି ଏବଂ ଗୁରୁଗ୍ରାମର ଟେଟ୍ରା କଲେଜ ଅଫ୍ ବିଜନେସ୍ ଓ ମାଷ୍ଟର୍ସ ୟୁନିଅନ କଲେଜ ଅଫ୍ ବିଜନେସ୍ ପରି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ସାମିଲ ରହିଛି । ଏହି ଅନୁଷ୍ଠାନଗୁଡ଼ିକର କିଛି ବିଦେଶୀ ଆର୍ଥିକ କାରବାରକୁ ନେଇ ଇଡି ତଦନ୍ତ କରୁଥିବା ଜଣାପଡ଼ିଛି । ଏହି ଚଢ଼ଉ ପଛରେ ଗଭୀର ରାଜନୈତିକ ଷଡ଼ଯନ୍ତ୍ର ଥିବା ଆପ୍ ଅଭିଯୋଗ କରିଛି । ରାଘବ ଚଢ଼ା ଓ ବିଜେପି ମଧ୍ୟରେ ସଲାସୁତୁରା କଥା ମଧ୍ୟ ଉଠିଛି । ପାର୍ଟିର ମୁଖପାତ୍ର ପ୍ରିୟଙ୍କା କକ୍କର ରାଜନୀତିରେ କୌଣସି ଘଟଣା ସଂଯୋଗ ନୁହଁ ବୋଲି କହିଛନ୍ତି । ସାଂସଦ ରାଘବ ଚଢ଼ା ନିକଟରେ ବିଜେପିର ବରିଷ୍ଠ ନେତାମାନଙ୍କୁ ଭେଟିଥିଲେ ଏବଂ ସେହି ବୈଠକରେ ହିଁ ଚଢ଼ାଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରିବା ସହ ଅଶୋକ ମିତ୍ତଲଙ୍କ ବିରୋଧରେ ଚଢ଼ଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ଦାବି କରିଛନ୍ତି ।



# ପୁଣି ଆଶା ଦେଖାଇଲେ ଟ୍ରମ୍ପ

## ଖୁବ୍‌ଶୀଘ୍ର ଶେଷ ହେବ ଇରାନ ଯୁଦ୍ଧ

ଇସଲାମାବାଦ/ୱାସିଂଟନ, ୧୫ ।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧାବସ୍ଥାର ସମାଧାନ ପାଇଁ ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଆଲୋଚନା ହେବାର ସମ୍ଭାବନା ସୃଷ୍ଟି ହୋଇଛି । ପାକିସ୍ତାନର ଇସଲାମାବାଦଠାରେ ହେବାକୁ ଥିବା ଏହି ବୈଠକ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସକାରାତ୍ମକ ସଂକେତ ଦେଇଥିଲେ ହେଁ, ୱାସିଂଟନ ପକ୍ଷରୁ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖାଯାଇଛି । ବୈଠକ ପୂର୍ବରୁ ଆମେରିକା ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ଦୁଇଟି ସର୍ତ୍ତ ପୂରଣ ହେଲେ ହିଁ ଆଲୋଚନା ସାର୍ଥକ ହେବ । ଆମେରିକା ଚାହୁଁଛି ଯେ ହରମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ଅବାଧ ହେଉ । ଯଦି ଇରାନ ଅନ୍ୟ ଦେଶର ଟ୍ୟାଙ୍କରକୁ ଅଟକାଏ, ତେବେ ଇରାନର କୌଣସି ଜାହାଜକୁ ମଧ୍ୟ ସେହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଆମେରିକା ଚେତାବନୀ ଦେଇଛି । ଆମେରିକା ଦ୍ୱିତୀୟ ସର୍ତ୍ତ ରଖିଛି ଯେ, ଇସଲାମାବାଦ ଆସୁଥିବା ଇରାନ ପ୍ରତିନିଧି ଦଳ ପାଖରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ରହିବା ଆବଶ୍ୟକ । ବିଶେଷ କରି ଇରାନର ଶକ୍ତିଶାଳୀ ସେନା ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ର ସମ୍ମତି ଏହି ଆଲୋଚନା ପାଇଁ ଅପରିହାର୍ଯ୍ୟ ।

- ଆମେରିକାର ବାର୍ତ୍ତା ନେଇ ଇରାନ ଗଲା ପାକିସ୍ତାନ ପ୍ରତିନିଧି ଦଳ
- ଆମେରିକା ସହିତ ସଂପର୍କରେ ରହିଛି ତେହେରାନ୍

ଆମେରିକାର ଏହି ବାର୍ତ୍ତା ନେଇ ପାକିସ୍ତାନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଇରାନ ଯାଉଥିବା ଜଣାପଡ଼ିଛି । ସେମାନେ ଆମେରିକାର ସର୍ତ୍ତ ଓ ଆଭିମୁଖ୍ୟ ବିଷୟରେ ଇରାନ ସରକାରଙ୍କୁ ଅବଗତ କରାଇବେ । ଏହାପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ଆଜି କହିଛନ୍ତି ଯେ ଇରାନ ଓ ଆମେରିକା ମଧ୍ୟରେ ଖୁବଶୀଘ୍ର ଆଲୋଚନା ହେବାକୁ ଯାଉଛି । ତେଣୁ ଏହି ଯୁଦ୍ଧ ଆଉ ବେଶି ଦିନ ଚାଲିବ ନାହିଁ । ମଧ୍ୟସ୍ଥି ଜରିଆରେ କଥାବାର୍ତ୍ତା ଚାଲିଛି ଏବଂ ଏହା ସଫଳ ହେବ ବୋଲି ସେ ଆଶାବାଦୀ । ୭ ସପ୍ତାହ ଧରି ଚାଲିଥିବା ଏହି ଯୁଦ୍ଧରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଛି ବୋଲି ସେ ଦାବି କରିଛନ୍ତି ।

ରିପୋର୍ଟ ଅନୁଯାୟୀ, ଇରାନର ରାଜନୈତିକ ନେତୃତ୍ୱ ଏବଂ ସାମରିକ ନେତୃତ୍ୱ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି । ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଶୀଘ୍ର ଏକ ବୁଝାମଣା କରିବାକୁ ଚାହୁଁଥିବା ବେଳେ, କିଛି ବରିଷ୍ଠ ସାମରିକ ଅଧିକାରୀ ଏଥିରେ ବାଧା ସୃଷ୍ଟି କରୁଥିବା ଜଣାପଡ଼ିଛି । ଗତ ସପ୍ତାହରେ ହୋଇଥିବା ଆଲୋଚନାରେ କୌଣସି ସ୍ଥାୟୀ ସମାଧାନ ବାହାରି ପାରିନଥିଲା । ତେଣୁ ଚଳିତ ସପ୍ତାହ ଶେଷ ସୁଦ୍ଧା କିମ୍ବା ଆସନ୍ତା ସପ୍ତାହ ଆରମ୍ଭରେ ଉଭୟ ପକ୍ଷ ପୁଣି ଥରେ ମୁହାଁମୁହିଁ ବସିପାରନ୍ତି । ପାକିସ୍ତାନ ଏହି ଆଲୋଚନା ପାଇଁ ମଧ୍ୟସ୍ଥତା କରୁଥିବାବେଳେ ଦୁଇ ଦେଶରୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଥିବା ସୂଚନା ମିଳିଛି । ଦୀର୍ଘ ୧୯୭୯ ପରଠାରୁ ଆମେରିକା ଓ ଇରାନ ମଧ୍ୟରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଆଲୋଚନା । ଯଦି ଆମେରିକାର ସର୍ତ୍ତ ଅନୁଯାୟୀ ଇରାନ ନିଜର ଆଭିମୁଖ୍ୟ ବଦଳାଏ, ତେବେ ବିଶ୍ୱ ବଜାରରେ ତୈଳ ସଙ୍କଟ ଦୂର ହେବା ସହ ଏକ ସମ୍ଭାବ୍ୟ ମହାଯୁଦ୍ଧର ଆଶଙ୍କା ଟଳିଯାଇପାରେ ।

## ଇସ୍ରାଏଲ ଉପରକୁ ହିଜବୁଲ୍ଲାର ୩୦ ରକେଟ୍ ମାଡ଼

ବେରୁଟ/ତେଲ୍ ଆଭିଭ, ୧୫ ।୪(ଏଜେନ୍ସି):ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଦୀର୍ଘଦଶନ୍ଧିପରେଅନୁଷ୍ଠିତହୋଇଥିବାପ୍ରତ୍ୟକ୍ଷଶାନ୍ତିଆଲୋଚନାରମାତ୍ରକିଛିଘଣ୍ଟା ମଧ୍ୟରେ ପୁଣି ଥରେ ରକ୍ତପାତର ଆଶଙ୍କା ଘନୀଭୂତ ହୋଇଛି । ବୁଧବାର ସକାଳେ ଇସ୍ରାଏଲର ଉତ୍ତର ସୀମାନ୍ତକୁ ଲକ୍ଷ୍ୟ କରି ଲେବାନନର ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ପ୍ରାୟ ୩୦ଟି ରକେଟ୍ ନିକ୍ଷେପ କରିଛି । ୱାଶିଂଟନରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ କଥାବାର୍ତ୍ତା ଚାଲିଥିବାବେଳେ ଏହି ଆକ୍ରମଣ ବିଶ୍ୱ ସମୁଦାୟକୁ ଚକିତ କରିଛି । ଇସ୍ରାଏଲ ସେନାବାହିନୀ (ଆଇଡିଏଫ୍) ର ସୂଚନା ଅନୁଯାୟୀ, ବୁଧବାର ଭୋରରୁ ଉତ୍ତର ଇସ୍ରାଏଲ ଅଞ୍ଚଳରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା । ପ୍ରାୟ ୩୦ଟି ରକେଟ୍ ଲେବାନନ୍ ସୀମାପାର କରି ଇସ୍ରାଏଲ ଭୂଖଣ୍ଡରେ ମାଡ଼ ହୋଇଛି । ଆମେରିକା ମଧ୍ୟସ୍ଥତାରେ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ଓ ଲେବାନନ୍ ପ୍ରତିନିଧିମାନେ ଆଲୋଚନା ପାଇଁ ଏକତ୍ରିତ ହୋଇଥିଲେ । ଏହାର ତୁରନ୍ତ ପରେ ଏହି ଆକ୍ରମଣ ଶାନ୍ତି ପ୍ରକ୍ରିୟାକୁ ଶକ୍ତ ଧକ୍କା ଦେଇଛି । ହିଜବୁଲ୍ଲାର ଏହି କାର୍ଯ୍ୟାନୁଷ୍ଠାନ ଇରାନ-ଇସ୍ରାଏଲ ଯୁଦ୍ଧ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି ।

ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଆନ୍ତର୍ଜାତୀୟସ୍ତରରେ ଉଦ୍ୟମ ଜାରି ରହିଥିବାବେଳେ ଦକ୍ଷିଣ ଲେବାନନର ଚିତ୍ର ଏବେ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଦକ୍ଷିଣ ଲେବାନନକୁ ଗାଜାରେ ପରିଣତ କରୁଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ୍ ସେନା ବୁଲଡୋଜର ସାହାଯ୍ୟରେ ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରି ସେଠାରେ ସ୍ଥାୟୀ ସାମରିକ ଆଉଟପୋଷ୍ଟ ବା ଘାଟି ନିର୍ମାଣ କରୁଛି । ଇସ୍ରାଏଲର ପ୍ରମୁଖ ସମ୍ବାଦପତ୍ର 'ହାରେଟ୍‌ଜ' ସହ ଆଲୋଚନା ବେଳେ କିଛି ସେନା ଅଧିକାରୀ ସ୍ୱୀକାର କରିଛନ୍ତି ଯେ, ସେମାନେ ଲେବାନନରେ ଠିକ୍ ସେହିଭଳି କାର୍ଯ୍ୟ କରୁଛନ୍ତି ଯେପରି ଗାଜାରେ କରିଥିଲେ । ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଘରଗୁଡ଼ିକୁ ଭାଙ୍ଗି ସଫା କରାଯାଉଛି । ଦିନକରେ କେତେ ଗୃହ ଧ୍ୱଂସ କରାଗଲା, ତାହାକୁ ନେଇ ସଫଳତାର ମାପକାଠି ନିର୍ଦ୍ଧାରଣ କରାଯାଉଛି । ସୈନିକମାନଙ୍କ କହିବା ଅନୁଯାୟୀ, ନୂଆ କରି ନିର୍ମାଣ ହେଉଥିବା ଘାଟିଗୁଡ଼ିକ କୌଣସି ଅସ୍ଥାୟୀ ବ୍ୟବସ୍ଥା ନୁହେଁ, ବରଂ ଏହା ଦୀର୍ଘକାଳୀନରହଣିପାଇଁଉଦ୍ଦିଷ୍ଟ ।ଇସ୍ରାଏଲ୍‌ସେନାଲେବାନନରଲିଟାନିନଦୀଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଥିବା ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିସାରିଛନ୍ତି । ସେନା ଅଧିକାରୀଙ୍କ ମତରେ, ଗାଜା ତୁଳନାରେ ଲେବାନନରେ ଏହି ରଣନୀତି କଷ୍ଟକର ହୋଇପାରେ । ଗାଜା ସମତଳ ଭୂମି ହୋଇଥିବା ବେଳେ ଲେବାନନର ପାହାଡ଼ିଆ ଅଞ୍ଚଳ ହିଜବୁଲ୍ଲାକୁ ଅଧିକ ସୁବିଧା ପ୍ରଦାନ କରେ । ଏହି ଜଟିଳ ଭୂଗୋଳ ଯୋଗୁଁ ଇସ୍ରାଏଲ୍ ସୈନ୍ୟମାନେ ହିଜବୁଲ୍ଲାର ରକେଟ୍ ଏବଂ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ଆକ୍ରମଣର ସହଜ ଶିକାର ହେବାର ଆଶଙ୍କା ରହିଛି ।

**ଲେବାନନରେ ଇସ୍ରାଏଲ ନିର୍ମାଣ କରୁଛି ସ୍ଥାୟୀ ସାମରିକ ଘାଟି**



## ଟ୍ରମ୍ପଙ୍କୁ ଇରାନର ବ୍ୟଙ୍ଗ

ଦୁଶାନ୍‌ବେ (ତାଜିକିସ୍ତାନ), ୧୫ ।୪ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଏଆଇ- ନିର୍ମିତ ଚିତ୍ରକୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି । ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା କୂଟନୈତିକ ଯୁଦ୍ଧ ଏବେ ସୋସିଆଲ ମିଡିଆରେ ପହଞ୍ଚିଛି । ତାଜିକିସ୍ତାନସ୍ଥିତ ଇରାନ ଦୂତାବାସ ପକ୍ଷରୁ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଆକ୍ରମଣ କରୁଥିବାର ଦର୍ଶାଯାଇଛି । କିଛିଦିନ ତଳେ ଡୋନାଲ୍ଡ ଟ୍ରମ୍ପ ନିଜର 'ଟ୍ରୁଥ୍ ସୋସିଆଲ୍' ଆକାଉଣ୍ଟରେ ଏକ ଏଆଇ ଚିତ୍ର ଶେୟାର କରିଥିଲେ । ସେଥିରେ ଟ୍ରମ୍ପ ଜଣେ ଯୀଶୁଙ୍କ ଭଳି ପୋଷାକ ପିନ୍ଧି ଜଣେ ରୋଗୀକୁ ସୁସ୍ଥ କରୁଥିବାର ଦେଖିବାକୁ ମିଳିଥିଲା । ଏହି ଚିତ୍ର ପ୍ରକାଶ ପାଇବା ପରେ ଆମେରିକାରେ ଥିବା ଖ୍ରୀଷ୍ଟିଆନ କର୍ମକର୍ତ୍ତା ଏବଂ ଧର୍ମଗୁରୁମାନେ ଏହାକୁ 'ଧର୍ମନିନ୍ଦା' (ବ୍ଲାସଫେମିସ) ବୋଲି କହି କଡ଼ା ସମାଲୋଚନା କରିଥିଲେ । ଟ୍ରମ୍ପ ନିଜକୁ ଭଗବାନଙ୍କ ସହ ତୁଳନା କରୁଥିବା ଅଭିଯୋଗ ହୋଇଥିଲା । ଆମେରିକା ସହ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନ ଏହି ସୁଯୋଗକୁ ହାତଛଡ଼ା କରିନାହିଁ । ଇରାନର ବିଭିନ୍ନ ଦୂତାବାସ ଏହି ଚିତ୍ରକୁ ନେଇ ଟ୍ରମ୍ପଙ୍କୁ ଥଟ୍ଟା କରିବାରେ ଲାଗିଛନ୍ତି । ଏପ୍ରିଲ ୧୫ରେ ତାଜିକିସ୍ତାନସ୍ଥିତ ଇରାନ ଦୂତାବାସ ଏକ ଏଡିଟେଡ୍ ଭିଡିଓ ଶେୟାର କରିଛି । ଏଥିରେ ଯୀଶୁ ଖ୍ରୀଷ୍ଟ ଅତ୍ୟନ୍ତ କ୍ରୋଧିତ ହୋଇ ଟ୍ରମ୍ପଙ୍କୁ ମୁଥା ମାରୁଥିବାର ଦର୍ଶାଯାଇଛି । ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ ଏହି ଚିତ୍ରକୁ ଶେୟାର କରି କଟାକ୍ଷ କରିଥିଲେ । ସେମାନେ ପ୍ରଶ୍ନ କରିଥିଲେ ଯେ, ଟ୍ରମ୍ପ ଯେଉଁ ବ୍ୟକ୍ତିଙ୍କୁ ସୁସ୍ଥ କରୁଛନ୍ତି ସେ କ'ଣ ଜେଫ୍ରି ଏପଷ୍ଟାଇନ୍? ବିବାଦ ବଢ଼ିବା ପରେ ଟ୍ରମ୍ପ ଶେଷରେ ପୋଷ୍ଟଟିକୁ ଡିଲିଟ୍ କରିଦେଇଥିଲେ ।

## ଆମେରିକାରେ ଭାରତୀୟ ବଂଶୋଦ୍ଭବ ବିଚାରପତି ବରଖାସ୍ତ

ୱାଶିଂଟନ, ୧୫ ।୪(ଏଜେନ୍ସି): ଆମେରିକାରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଚାଲିଥିବା କଠୋର ଦେଶାନ୍ତରଣ ନୀତି ମଧ୍ୟରେ ଜଣେ ଭାରତୀୟ ବଂଶୋଦ୍ଭବ ବିଚାରପତି ବଳି ପଡ଼ିଛନ୍ତି । ଏକ ହାଇପ୍ରୋଫାଇଲ୍ 'ଡିପୋର୍ଟେସନ' ବା ଦେଶରୁ ବହିଷ୍କାର ମାମଲାରେ ରୋକ ଲଗାଇଥିବା ଯୋଗୁଁ ଇମିଗ୍ରେସନ ଜଜ୍ ରୂପଲ ପଟେଲଙ୍କୁ ତାଙ୍କ ପଦରୁ ବରଖାସ୍ତ କରାଯାଇଛି । ଶୁକ୍ରବାର ଦିନ ବରଖାସ୍ତ ହୋଇଥିବା ୬ ଜଣ ବିଚାରପତିଙ୍କ ମଧ୍ୟରେ ପଟେଲ ଅନ୍ୟତମ । ରୂପଲ ପଟେଲଙ୍କୁ ୨୦୨୪ ମସିହାରେ ନିଯୁକ୍ତି ଦିଆଯାଇଥିଲା ଏବଂ ତାଙ୍କର ପରୀକ୍ଷାମୂଳକ କାର୍ଯ୍ୟକାଳ (ପ୍ରୋବାବେସନ ପିରିୟଡ଼) ଶେଷ ହେବାକୁ ଯାଉଥିଲା । ତେବେ ଏକ ନିର୍ଦ୍ଦିଷ୍ଟ ମାମଲାକୁ ନେଇ ପ୍ରଶାସନ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା । ଜାନୁଆରୀ ମାସରେ ରୂପଲ ପଟେଲ ତୁର୍କୀର ଜଣେ ଛାତ୍ରୀ ରୁମେୟସା ଓଜତୁର୍କଙ୍କ ବହିଷ୍କାର ବିରୋଧରେ ରାୟ ଦେଇଥିଲେ । ପାଲେଷ୍ଟାଇନ ପ୍ରସଙ୍ଗରେ ଲେଖିବା ଯୋଗୁଁ ଛାତ୍ରୀଙ୍କ ଭିସା ରଦ୍ଦ କରାଯାଇଥିଲା, କିନ୍ତୁ ବିଚାରପତି ପଟେଲ ଏହାକୁ ରୋକି ଦେଇଥିଲେ । ଅଭିଯୋଗ ହେଉଛି ଯେ, ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିଚାରପତିମାନଙ୍କ ଉପରେ କେବଳ ଦେଶରୁ ବହିଷ୍କାର ସପକ୍ଷରେ ରାୟ ଦେବା ପାଇଁ ଚାପ ପ୍ରୟୋଗ କରାଯାଉଛି । ପଦରୁ ହଟିବା ପରେ ରୂପଲ ପଟେଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆମେରିକାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିରପେକ୍ଷ ଶୁଣାଣିର ଅଧିକାର ରହିଛି ।



## ବିହାରରେ ନୀତୀଶ ଯୁଗ ଶେଷ, 'ସମ୍ରାଟ' ଯୁଗ ଆରମ୍ଭ

ପାଟନା, ୧୫ ।୪(ଏଜେନ୍ସି): ବିହାର ରାଜନୀତିରେ ଏକ ବଡ଼ ଧରଣର ଓଲଟପାଲଟ ପରେ ଆଜି ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱରେ ନୂତନ ସରକାର ଗଠିତ ହୋଇଛି । ବୁଧବାର ପୂର୍ବାହ୍ନ ୧୧ଟାରେ ଲୋକ ଭବନଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ସମ୍ରାଟ ଚୌଧୁରୀ ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ବିହାର ଇତିହାସରେ ଏହା ପ୍ରଥମ ବିଜେପି ନେତୃତ୍ୱାଧୀନ ସରକାର । ସମ୍ରାଟଙ୍କ ସହ ଜେଡିୟୁ ନେତା ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଶପଥ ଗ୍ରହଣ ପରେ ନୂତନ ସରକାରରେ ବିଭାଗ ବଣ୍ଟନ କରାଯାଇଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନିଜ ପାଖରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ ରଖିଛନ୍ତି । ଦୀର୍ଘ ୨୦ ବର୍ଷ ଧରି ବିହାରର ମୁଖ୍ୟମନ୍ତ୍ରୀ ରହିବା ପରେ ନୀତୀଶ କୁମାର ଗତ ସୋମବାର ନିଜ ପଦରୁ ଇସ୍ତଫା ଦେଇଥିଲେ । ସେ ଏବେ ରାଜ୍ୟସଭା ସଦସ୍ୟ ଭାବେ ନିଜର ନୂତନ ଇନିଂସ ଆରମ୍ଭ କରିଛନ୍ତି । ମଙ୍ଗଳବାର ଏନଡିଏ ବିଧାୟକ ଦଳ ବୈଠକରେ ନୀତୀଶ ନିଜେ ସମ୍ରାଟ ଚୌଧୁରୀଙ୍କ ନାମ ପ୍ରସ୍ତାବ କରିଥିଲେ । ସେଠାରେ ସମ୍ରାଟ, ନୀତୀଶଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିବାର ଦୃଶ୍ୟ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ଇସ୍ତଫା ଦେବା ପରେ ନୀତୀଶ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ବର୍ତ୍ତମାନ ନୂତନ ସରକାର ଏଠାକାର କାମକାର୍ଯ୍ୟ ବୁଝିବେ । ନୂଆ ସରକାରଙ୍କୁ ମୋର ପୂର୍ଣ୍ଣ ସମର୍ଥନ ରହିବ । ବିହାରର ବିକାଶ ଧାରା ଆଗକୁ ଜାରି ରହିବ । ଅନ୍ୟପଟେ ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ସେ ନୀତୀଶଙ୍କଠାରୁ ରାଜନୀତି ଶିଖିଛନ୍ତି ଏବଂ ତାଙ୍କର ସମୃଦ୍ଧ ବିହାର ସ୍ୱପ୍ନକୁ ସେ ଆଗକୁ ନେଇଯିବେ । ବିହାରରେ ନୀତୀଶ ଯୁଗର ଅନ୍ତ ଏବଂ ବିଜେପି ନେତୃତ୍ୱରେ ସମ୍ରାଟ ଚୌଧୁରୀଙ୍କ ଅଭ୍ୟୁଦୟ ରାଜ୍ୟ ରାଜନୀତିକୁ ଏକ ନୂତନ ଦିଶା ଦେଇଛି । ଜେଡିୟୁ ଓ ବିଜେପି ମଧ୍ୟରେ ଥିବା ଏହି ନୂଆ ସମୀକରଣ ଆଗାମୀ ଦିନରେ ବିହାରର ପ୍ରଶାସନିକ ଓ ରାଜନୈତିକ ସ୍ଥିତିକୁ କିପରି ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା ।

- ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ ଚୌଧୁରୀ
- ବିଜୟ ଚୌଧୁରୀ ଓ ବିଜେନ୍ଦ୍ର ଯାଦବଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦାୟିତ୍ୱ


**ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ (୨୯ ବିଭାଗ)**
ଗୃହ, କୃଷି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କଳା ଓ ସଂସ୍କୃତି ଏବଂ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ରାଟଙ୍କ ନିୟନ୍ତ୍ରଣରେ ରହିବ ।

**ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧୁରୀ (୧୦ ବିଭାଗ)**
ଜଳ ସମ୍ପଦ, ସଂଖ୍ୟାଲଘୁ କଲ୍ୟାଣ, ଶିକ୍ଷା, ପରିବହନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ତାଙ୍କୁ ପ୍ରଦାନ କରାଯାଇଛି ।

**ଉପ-ମୁଖ୍ୟମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ (୮ ବିଭାଗ)**
ଶକ୍ତି ଏବଂ ଅର୍ଥ ଭଳି ପ୍ରମୁଖ ବିଭାଗର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି ।

## ସୀମା ପୁନଃନିର୍ଦ୍ଧାରଣ ନେଇ ବ୍ୟାପିଲା ଅସନ୍ତୋଷର ନିଆଁ

- ମହିଳା ବିଲ୍ ସହିତ ସୀମା ନିର୍ଦ୍ଧାରଣକୁ ଯୋଡ଼ାଯିବାକୁ ବିରୋଧ
- ମହିଳା ବିଲ୍‌କୁ ସମର୍ଥନ; ସୀମା ବିଲ୍‌କୁ ବିରୋଧ
- ଆନ୍ଦୋଳନ ଧମକ ଦେଲେ ଏମ୍‌କେ ଷ୍ଟାଲିନ୍



ନୂଆଦିଲ୍ଲୀ, ୧୫ ।୪(ଏଜେନ୍ସି): ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ ସଂପର୍କରେ କେନ୍ଦ୍ର ସରକାର ଚିଠାପ୍ରସ୍ତାବ ଜାରି କରିବା ପରେ ଏହାକୁ ନେଇ ସାରା ଦେଶରେ ଅସନ୍ତୋଷର ନିଆଁ ବ୍ୟାପିବାରେ ଲାଗିଛି । ଏହି ବିଲ ଉପରେ ଆଲୋଚନା ଓ ଅନୁମୋଦନ ପାଇଁ ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ । ଏହି ଅଧିବେଶନ ପୂର୍ବରୁ ସରକାରଙ୍କ ଏହି ପ୍ରସ୍ତାବିତ ବିଲକୁ ନେଇ ବିରୋଧୀ ଦଳ ସ୍ୱର ଉତ୍ତୋଳନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ସହିତ ସୀମା ନିର୍ଦ୍ଧାରଣ ବିଲକୁ ଯୋଡ଼ି ସରକାର ରାଜନୀତି କରୁଛନ୍ତି । ଏହା ସେମାନଙ୍କ ପାଇଁ ଗ୍ରହଣଯୋଗ୍ୟ ନୁହେଁ । ସେମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଥିବା ବେଳେ ସୀମା ପୁନଃନିର୍ଦ୍ଧାରଣ ବିଲକୁ ବିରୋଧ କରିବେ । ସରକାରୀ ବିଲ ଉପରେ ଆଲୋଚନା ପାଇଁ ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ବିଭିନ୍ନ ବିରୋଧୀ ଦଳର ନେତା ଏକାଠି ହୋଇଥିଲେ । ମହିଳା ବିଲ୍ ଆଳରେ ସୀମା ପୁନଃନିର୍ଦ୍ଧାରଣ ପାଇଁ ସରକାର ଚଳାଇଥିବା ଉଦ୍ୟମକୁ ବିରୋଧ କରିବାକୁ ସେମାନେ ସ୍ଥିର କରିଛନ୍ତି । ବୈଠକ ପରେ ଖଡ଼ଗେ କହିଛନ୍ତି ଯେ ସେମାନେ ମହିଳା ବିଲକୁ ସମର୍ଥନ କରିବେ । କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲକୁ ବିରୋଧ କରାଯିବ । ବୈଠକରେ କଂଗ୍ରେସ ସମେତ ଡିଏମକେ, ଟିଏମସି, ଶିବସେନା (ଉଦ୍ଧବ), ଶରଦଙ୍କ ଏନସିପି, ସମାଜବାଦୀ ପାର୍ଟି, ନେସନାଲ କନଫେରେନ୍ସ, ଆରଜେଡି, ଆପ୍ ଏବଂ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ସାମିଲ ହୋଇଥିଲେ ।

ଇତିମଧ୍ୟରେ ସୀମା ପୁନଃନିର୍ଦ୍ଧାରଣ ବିଲ ବିରୋଧରେ ତାଙ୍କର ଆଭିମୁଖ୍ୟକୁ କଡ଼ା କରିଛନ୍ତି ଡିଏମକେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ । ସେ ଆଜି ଡିଏମକେର ବରିଷ୍ଠ ନେତାମାନଙ୍କ ବୈଠକ ଡାକି ସୀମା ପୁନଃନିର୍ଦ୍ଧାରଣ ବିଲକୁ ତୀବ୍ର ବିରୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣ ସଂପର୍କରେ କେନ୍ଦ୍ର ସରକାର ରାଜ୍ୟମାନଙ୍କ ସହିତ ଆଲୋଚନା କରି ନାହାନ୍ତି । ଏକପାଖିଆ ଭାବେ ସରକାର ସଂଖ୍ୟାବୃଦ୍ଧି କରିବାକୁ ଯାଉଛନ୍ତି । ଏଥିରେ ତାମିଲନାଡୁର ସ୍ୱାର୍ଥ ହାନୀ ହେଲେ ସମଗ୍ର ତାମିଲନାଡୁରେ ଆନ୍ଦୋଳନ କରାଯିବ ।

ସୂଚନାଯୋଗ୍ୟ ଯେ ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି କରିବା ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ଲୋକସଭା ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ପ୍ରସ୍ତାବ ମଧ୍ୟ ରହିଛି ।

### ଶଙ୍ଖ ଭବନରେ 'ମହିଳା ସଶକ୍ତୀକରଣର ମହାନାୟକ ବିଜୁବାବୁ' ଶୀର୍ଷକ ଆଲୋଚନାଚକ୍ର

# ବିଜୁ ଓ ନବୀନଙ୍କ ପ୍ରୟାସର ଫଳଶ୍ରୁତି ମହିଳା ସଂରକ୍ଷଣ

ଭୁବନେଶ୍ୱର, ୧୫।୪ (ସମିସ): ଯେତେବେଳେ ମହିଳାଙ୍କ ସାମଗ୍ରିକ ଉନ୍ନତି କଥା କେହି ଚିନ୍ତା କରୁ ନ ଥିଲେ, ୯୦ ଦଶକରେ ମହିଳା ସଶକ୍ତୀକରଣ ପାଇଁ ସ୍ୱପ୍ନ ଦେଖିବା ସହ ଅଭିଯାନ ଆରମ୍ଭ କରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ୧୯୯୨ରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌରସଂସ୍ଥାଗୁଡ଼ିକରେ

- ୧୯୯୨ ମସିହାରେ ମହିଳା ପ୍ରତିନିଧିତ୍ୱ ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ ବିଜୁବାବୁ
- ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ହୋଇଥିଲା ୩୩ ପ୍ରତିଶତ ଆସନ ସଂରକ୍ଷଣ
- ୨୦୧୮ ରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ମହିଳା ସଂରକ୍ଷଣ ବିଲ୍ ହୋଇଥିଲା ପାରିତ




ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରି ବିଜୁ ବାବୁ ଐତିହାସିକ ପଦକ୍ଷେପ ନେଇଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ କରିଥିଲେ। କେବଳ ସଂରକ୍ଷଣ ନୁହେଁ; ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ପାଇଁ ବିଜୁ ବାବୁ ନିରନ୍ତର ଉଦ୍ୟମ କରିଥିଲେ ବୋଲି 'ମହିଳା ସଶକ୍ତୀକରଣର ମହାନାୟକ ବିଜୁବାବୁ' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। କେନ୍ଦ୍ର ସରକାର ସଂସଦରେ ମହିଳା ସଂରକ୍ଷଣ ବିଲ୍ ଆଣିବାକୁ ଯାଉଥିବା ବେଳେ ବିଜୁ ବାବୁଙ୍କ ସେବେକାର ସ୍ୱପ୍ନ ଓ ନବୀନ ବାବୁଙ୍କ ଉଦ୍ୟମ ଫଳପ୍ରଦ ହେବାକୁ ଯାଉଥିବା ବକ୍ତାମାନେ ମତପ୍ରକାଶ କରିଛନ୍ତି।

ମହିଳା ସଶକ୍ତିକରଣର ମହାନାୟକ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପୁଣ୍ୟ ତିଥି ଅବ୍ୟବହିତ ପୂର୍ବରୁ ବୁଧବାର ଶଙ୍ଖ ଭବନରେ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ମହିଳା ସଶକ୍ତୀକରଣର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ, ତାହାର ବର୍ଣ୍ଣନା କରିଥିଲେ। ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଏପ୍ରିଲ ୧୭ ତାରିଖରେ ଦଳ ପକ୍ଷରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ରାଜ୍ୟବ୍ୟାପୀ ପାଳିତ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ଦଳର ଉପସଭାପତି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ୯୦ ଦଶକରେ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ ଭଳି ଐତିହାସିକ ପଦକ୍ଷେପ ନେଇଥିଲେ। ବର୍ତ୍ତମାନର ସରକାର ମହିଳାଙ୍କୁ ସୁରକ୍ଷା ଯୋଗାଇବାରେ ଅସମର୍ଥ ଥିବାବେଳେ ପ୍ରଚାର ସର୍ବସ୍ୱ ଅଭିଯାନରେ ବ୍ୟସ୍ତ ବୋଲି ଶ୍ରୀମତି ମଲ୍ଲିକ କ୍ଷୋଭ ପ୍ରକାଶ କରିଥିଲେ।

ଦଳର ଓବିସି ସେଲ୍ ଉପସଭାପତି ତଥା ବିଧାୟକ ଡ. ଅରୁଣ କୁମାର ସାହୁ ସମାଜରେ ସଶକ୍ତ ମହିଳାଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ବିକାଶ ପାଇଁ ନବୀନ ବାବୁଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମତ ରଖି ତରବରିଆ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି ବୋଲି କହିଥିଲେ। ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, କସ୍ତୁରୀ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ମୁଖପାତ୍ର ଢୁମ୍ବନାଥ ପଣ୍ଡା, ଡ. ଗୀତା ବସ୍ତିଆ ପ୍ରମୁଖ ଏହି ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ।


ପରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ବିଜୁ ବାବୁଙ୍କ ପଦକ୍ଷେପକୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଆଉ ଗୋଟିଏ ପାଦ ଆଗକୁ ନେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଟୁକୁନି ସାହୁ କହିଥିଲେ ଯେ ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାନିତ କରିବା ପାଇଁ ସମଗ୍ର ଦେଶରେ ବିଜୁ ବାବୁ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ। ବରିଷ୍ଠ ନେତ୍ରୀ ରାଜଶ୍ରୀ ମଲ୍ଲିକ କହିଥିଲେ ଯେ ମହିଳାମାନଙ୍କୁ ସଂରକ୍ଷଣ ଦେବା ପାଇଁ ଆସିଥିବା ବିଲକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ତରବରିଆ ଭାବେ ରାଜନୈତିକ ପ୍ରଚାର ସର୍ବସ୍ୱ ଉଦ୍ଦେଶ୍ୟ ରଖି ଏହା କାର୍ଯ୍ୟକାରୀ କରା ନ ଯାଉ।

# ବଢ଼ିଲା ତାତି, ୪୨ ଡିଗ୍ରୀ ଛୁଇଁଲା ପାରଦ

ଭୁବନେଶ୍ୱର, ୧୫।୪ (ସମିସ): ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବଢ଼ି ଚାଲିଛି। ଆଭ୍ୟନ୍ତରୀଣରେ ତାତି ବଢୁଥିବା ବେଳେ ଉପକୂଳରେ ତାତି ସାଙ୍ଗକୁ ଆର୍ଦ୍ରତା ଲୋକଙ୍କୁ କଲବଲ କରୁଛି। ବୁଧବାର ଟିଟିଲାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ଏହାସହ ଭବାନୀପାଟଣାରେ ୪୧.୮, ଝାରସୁଗୁଡ଼ାରେ ୪୧.୬, ସମ୍ବଲପୁର, ହୀରାକୁଦ ଓ ବଲାଙ୍ଗିରରେ ତାତି ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ତାଳଚେର, ବୌଦ୍ଧ ଓ ନୂଆପଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ରହିଛି। ତାତି ବୃଦ୍ଧି ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧-୨ ଡିଗ୍ରୀ ଅଧିକ ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ତେବେ ମଝିରେ ମଝିରେ କିଛି ସ୍ଥାନରେ କାଁଭାଁ କାଳବୈଶାଖୀ ଜନିତ ବର୍ଷା ହୋଇପାରେ।

### ୨୦-୨୫ ତାରିଖରେ ଅନୁଭୂତ ହେବ ପ୍ରଖର ତାତି

### ଆଭ୍ୟନ୍ତରୀଣରେ ୪୫ ଓ ଭୁବନେଶ୍ୱରରେ ୪୦ ଛୁଇଁବ



ଅନ୍ୟପଟେ ଆସନ୍ତା ୩-୪ ଦିନ ଭିତରେ ତାପମାତ୍ରାରେ ଆହୁରି ବୃଦ୍ଧି ଆଶଙ୍କା ରହିଥିବାରୁ ୨୦-୨୫ ତାରିଖ ମଧ୍ୟରେ ପ୍ରଖର ତାତି ଅନୁଭୂତ ହେବାର ଆଶଙ୍କା କରାଯାଉଛି। ଏହି ସମୟରେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିବା ହେତୁ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ପ୍ରବଳ ଗରମ ଓ ଶୁଷ୍କ ବାୟୁ ରାଜ୍ୟକୁ ପ୍ରବାହିତ ହେବ। ଏହାସହିତ ଅପରାହ୍ଣ ପରେ ସମୁଦ୍ର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଓ ଏହା ପ୍ରଭାବରେ ସୃଷ୍ଟି ହେଉଥିବା କାଁ ଭାଁ କାଳବୈଶାଖୀ ମଧ୍ୟ ବନ୍ଦ ହୋଇଯିବ। ଫଳରେ ଏହି ୫ ଦିନ ମଧ୍ୟରେ ତତଲା ମାଟି ସାଙ୍ଗକୁ ପ୍ରବଳ ତାତି ଅନୁଭୂତ ହେବ। ଏମିତି କି ଏହି ସମୟରେ ରାଜ୍ୟର ଆଭ୍ୟନ୍ତରୀଣ ସମେତ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବ। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତାତି ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା କରାଯାଇଛି।

ଗୁରୁବାର ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ତାତି ସାଙ୍ଗକୁ ଆର୍ଦ୍ରତା ଅଧିକ ରହିବା ହେତୁ ଏଠାରେ ଭୀଷଣ ଗୁଳୁଗୁଳି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଅପରାହ୍ଣ କିମ୍ବା ସନ୍ଧ୍ୟାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ହୋଇପାରେ। ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦-୪୦ କିମି ବେଗରେ ପବନ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା

# ଭାଙ୍ଗିଲା ଗେଟ୍; ୨ ଛାତ୍ରୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି/ନୂଆଗଡ଼,୧୫।୪(ସମିସ): ଗଜପତି ଜିଲ୍ଲାରେ ଶିକ୍ଷା ବିଭାଗର ଅବହେଳା ଯୋଗୁ ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। କିଛିଦିନ ତଳେ ଗୋଷାଣି ବ୍ଲକ ଗୁରାଣ୍ଡି ସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ଛାତରୁ ପଡ଼ି ଜଣେ ୧୦ମ ଶ୍ରେଣୀ ଛାତ୍ର ମରଣ ସହ ସଂଘର୍ଷ କରୁଥିବାବେଳେ ଆଜି ନୂଆଗଡ ବ୍ଲକ ପି.ଅନ୍ତରଡ଼ା ପଞ୍ଚାୟତ ରୁବଡିସିଂ ବିଦ୍ୟାଳର ଫାଟକ ଇଟା ପିଲର ପଡ଼ି ଦୁଇ ନିଷ୍ପାପ ଛାତ୍ରୀଙ୍କ ଜୀବନ ଯାଇଛି। ମୃତ ଛାତ୍ରୀ ହେଲେ ଚତୁର୍ଥ ଶ୍ରେଣୀର ଇରନ୍ତି ରଇତ (୯) ଓ ପଞ୍ଚମ ଶ୍ରେଣୀର ବ୍ଲିକ୍ସନ ରଇତ (୧୦)। ଅଘଟଣ ପରେ ଗ୍ରାମବାସୀ ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନଆସିବାରୁ ଜଣେ ଛାତ୍ରୀ ଛଟପଟ ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ।

ପ୍ରକାଶ ଯେ, ବିଦ୍ୟାଳୟରେ ମରାମତି କାମ ଚାଲିଥିଲା। ଗୋଟିଏ ଫାଟକ ନିର୍ମାଣ କାମ ସରିଯାଇଥିବା ବେଳେ ଅନ୍ୟ ଗୋଟିଏ ଫାଟକ ଇଟା ପିଲରଟି ବିପଦସଂକୁଳ ଅବସ୍ଥାରେ ଥିଲା। ବିଦ୍ୟାଳୟରେ ଏକ କୋଠା କାମ ଚାଲିଥିବାବେଳେ ଏହି ବିପଦସଂକୁଳ ଫାଟକ ପଟେ ଠିକାଦାର ନିର୍ମାଣ ସାମଗ୍ରୀ ନେବାଆଣିବା କରୁଥିଲେ। ଦୁର୍ବଳ ଫାଟକ ଦେଇ ସାମଗ୍ରୀ ନେବାଆଣିବାବେଳେ କୌଣସି ଏକ ଗାଡ଼ି ଧକ୍କାରେ ଏହା ଭାଙ୍ଗି ଢଳି ରହିଥିଲା। ମାତ୍ର ଏଥିପ୍ରତି ନାଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନାଁ ବିଭାଗୀୟ ଉଚ୍ଚ



କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ କାହାର ମଧ୍ୟ ନଜର ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ତେବେ ଆଜି ବିଦ୍ୟାଳୟ ନିକଟରେ ଉଭୟ ଛାତ୍ରୀ ସକାଳ ପ୍ରାୟ ସାଢେ ୧୦ଟାରେ ଖେଳୁଥିବାବେଳେ ଫାଟକ ଲୁହାଗେଟ୍ ଲାଗିଥିବା ଇଟାରେ ନିର୍ମିତ ଅଧାଭଙ୍ଗା ପିଲରଟି ଏମାନଙ୍କ ଉପରେ ପଡ଼ିଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାରୁ ଏପରି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଖବର ପାଇ ଆର୍.ଉଦୟଗିରି ପୁଲିସ ସଦଳବଳ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ରଖାଯାଇଛି। ଏନେଇ ଆର୍.ଉଦୟଗିରି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଆର୍.ଉଦୟଗିରି ଏସ୍ଡିପିଓ ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଘଟଣାର ତଦନ୍ତ କରାଯାଇ ଅବହେଳା କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ମୃତ ଛାତ୍ରୀଦ୍ୱୟଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ପାଇଁ କର୍ଣ୍ଣିଏଲ ରଇତ, ସୁଦାମ ରଇତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ନ ମିଳିଲେ ପ୍ରଶାସନ ବିରୋଧରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

### ୩ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ


ଦୁଇ ନିରୀହ ଛାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଏଥିସହ ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

### ଫୁଲବାଣୀ ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

# ପୁଲିସ ମାଡ଼ରେ ମୃତ୍ୟୁ ଅଭିଯୋଗ

ଫିରିଙ୍ଗିଆ,୧୫।୪(ସମିସ): ଫୁଲବାଣୀ ଜେଲ୍‌ରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ହିରନ୍ ବେହେରା। ପୁଲିସ ମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ସୂଚନା ମୁତାବକ ଫୁଲବାଣୀ ଟାଉନ୍ ଥାନା ଅନ୍ତର୍ଗତ ପେଞ୍ଜିସାହିରେ ଗତ ୧୨ ତାରିଖ ଦିନ ଜଣେ ପୁଲିସ କର୍ମଚାରୀ ଯାଉଥିବାବେଳେ ତାଙ୍କ ହାତରୁ ବ୍ୟାଗ୍ ଛଡ଼ାଇ ସେଥିରୁ ୧୦ ହଜାର ଟଙ୍କା ନେଇ ଦୁଇଜଣ ଫେରାର ହୋଇଯାଇଥିଲେ। ଟାଉନ୍ ଥାନା ପୁଲିସ ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେଥିରେ ଜଣେ ନାବାଳକ ଥିଲେ। ପୁଲିସ ଗତ ୧୪ ତାରିଖରେ ହିରନ୍‌କୁ କୋର୍ଟ ଚାଲାଣ କରି ଫୁଲବାଣୀ ମଣ୍ଡଳ କାରାଗାରରେ ରଖିଥିଲା। ଆଜି ସକାଳେ ଅଭିଯୁକ୍ତକୁ ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପୁଲିସ ମାଡ଼ ମାରିବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ: ଆଜି ପରୀକ୍ଷା କରନ୍ତୁ, ଭବିଷ୍ୟତ ସୁରକ୍ଷିତ ରଖନ୍ତୁ



ପ୍ରତାପ ଚନ୍ଦ୍ର ରେଡ୍ଡି
ପ୍ରତିଷ୍ଠାତା, ଆପୋଲୋ ହସ୍ପିଟାଲ୍

ଭାରତବର୍ଷରେ କମ୍ ବୟସରୁ ସ୍ୱାସ୍ଥ୍ୟବସ୍ଥାରେ ସମସ୍ୟା ଆରମ୍ଭ ହୋଇ ଲମ୍ବା ସମୟ ପର୍ଯ୍ୟନ୍ତ ଶରୀରରେ ଲୁଚି ରହିଥାଏ । ଆପୋଲୋ ହସ୍ପିଟାଲ୍‌ର 'ହେଲଥ୍ ଅଫ୍ ଦି ନେଶନ' ୨୦୨୬ ରିପୋର୍ଟ ଅନୁଯାୟୀ ଦେଶରେ ଲୁଚି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ଏବେ ଦୃତଗତିତରେ ସାମନାକୁ ଆସୁଛି ଯାହା ସମୟ ଆଗରୁ ଏହାକୁ ଚିହ୍ନଟ କରି ଏହାକୁ ରୋକିବା ଦରକାର।

୩୦ ଲକ୍ଷରୁ ଉର୍ଦ୍ଧ ସ୍ୱାସ୍ଥ୍ୟ ଯାଞ୍ଚର ରିପୋର୍ଟ ଅନୁସାରେ ପ୍ରତ୍ୟେକ ୫ଜଣ ଯୁବପିଢି ମଧ୍ୟରୁ ଜଣେ ଯୁବକ ପ୍ରିଡାଏବେଟିକ୍, ଚାକିରିଆ ବର୍ଗରେ ୮୦ ପ୍ରତିଶତ ଲୋକ ମୋଟାପଣ, ପ୍ରାୟ ୫୦ ପ୍ରତିଶତ ପ୍ରିଡାଏବେଟିକ୍ ଅଥବା ଡାଏବେଟିସ୍ ରୋଗରେ ପିଡୀତ। ଓଡିଶା ଏବଂ ଭୁବନେଶ୍ୱରରେ ବି ଅବସ୍ଥା ଚିନ୍ତାଜନକ । ଏଠାରେ ୨୨.୮ ପ୍ରତିଶତ ଡାଏବେଟିକ୍, ୨୮.୫ ଉଚ୍ଚ ରକ୍ତଚାପ, ୮୬.୩ ପ୍ରତିଶତ ମୋଟାପଣ, ୬୨.୩ ପ୍ରତିଶତ କୋଲେଷ୍ଟ୍ରଲ ମାତ୍ରାରେ ଅସନ୍ତୁଳତା ଦେଖାଯାଇଛି । ମହିଳା ମାନଙ୍କ ମଧ୍ୟରେ ଅନେମିଆ ଏବଂ ସ୍ତନ କର୍କଟ ରୋଗ ବଡ ସମସ୍ୟା ଠିଆ ହୋଇଛି । ରିପୋର୍ଟ ଅନୁଯାୟୀ ଭାରତରେ ସ୍ତନକର୍କଟ ରୋଗର ୫୧ ବର୍ଷରେ ଜଣାଯାଇଥାଏ ଯାହା ପଶ୍ଚିମଦେଶରେ ପ୍ରାୟ ୧୦ ବର୍ଷ ଆରମ୍ଭରୁ ଜଣାଯାଇଥାଏ।

ରିପୋର୍ଟରେ ଏହାବି ଜଣାପଡୁଛି ଯେ କିଛି ଜଟିଳ ବେମାରି ସାମାନ୍ୟ ରକ୍ତ ପରୀକ୍ଷା ଦ୍ୱାରା ଜଣାପଡେ ନାହିଁ ଯଥା – ୭୪ ପ୍ରତିଶତ ଫେଟିଲିଭର ରୋଗୀଙ୍କ ରକ୍ତ ପରୀକ୍ଷା ସାମାନ୍ୟ ଥିଲା ଏବଂ ୪୫ ପ୍ରତିଶତ ଲୋକଙ୍କୁ ବିନା କୌଣସି ଲକ୍ଷଙ୍କର ହୃଦୟ ଜନିତ ରୋଗର ପ୍ରଥମ ଅବସ୍ଥାର ସଂକେତ ମିଳିଥାଏ । ଏହା ଛଡା ୯୨ ପ୍ରତିଶତ ଲୋକଙ୍କର ଗଟ୍‌ହେଲଥ୍ ଦୁର୍ବଳ, ଜେବେକି ମାନସିକ ସ୍ୱାସ୍ଥ୍ୟରେ ପ୍ରତ୍ୟେକ ୧୦ଜଣଙ୍କ ମଧ୍ୟରୁ ଜଣେ ଏଙ୍ଗ୍‌ଜାଇଟି ଆଉ ୧୫ଜଣଙ୍କ ମଧ୍ୟରୁ ଜଣେ ଡିପ୍ରେସନ ଦ୍ୱାରା ପ୍ରଭାବିତ।

ବିଶେଷଜ୍ଞଙ୍କ ମତ ଅନୁସାରେ ଆଜିକା ସମୟରେ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ରିଆକ୍ଟିଭ୍ ନୁହେଁ, ପ୍ରଓକ୍ଟିଭ୍ ଏବଂ ପ୍ରିଭେଣ୍ଟିଭ୍ ବନାନ୍ତୁ, ନିୟମିତ ସ୍ୱାସ୍ଥ୍ୟଯାଞ୍ଚ, ଉତ୍ତମ ଜୀବନଶୈଳି ଏବଂ ନିରନ୍ତର ଫଲଅପ୍ ଯୋଗୁ ୫୬ ପ୍ରତିଶତ ଉଚ୍ଚରକ୍ତଚାପ, ୩୪ ପ୍ରତିଶତ ଡାଇବେଟିସ୍ ମାମଲାରେ ସୁଧାର ଆସିଛି।

ଆପୋଲୋ ହସ୍ପିଟାଲ ର ଚେୟାରମ୍ୟାନ ଡଃ ପ୍ରତାପ ଚନ୍ଦ୍ର ରେଡ୍ଡି ଙ୍କର କହିବା ଅନୁସାରେ ସ୍ୱାସ୍ଥ୍ୟ ଏବଏ ବ୍ୟକ୍ତିଗତ ଏବଂ ପ୍ରେଡିକ୍ଟିଭ୍ ହେବା ଉଚିତ୍ - ପ୍ରତ୍ୟେକ ମଣିଷଙ୍କର ସ୍ୱାସ୍ଥ୍ୟର ସମାଧାନ ଅନନ୍ୟ ଓ ଭିନ୍ନ।

ଡଃ ପିଥା ରେଡ୍ଡି କୁହନ୍ତି – ମହିଳା ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଶର ପ୍ରଗତିର ମୂଳଦୁଆ । ସେଲ୍ଫ କେୟାର ହିଁ ଅସଲି ଶକ୍ତି।

ଡଃ ସଂଗୀତା ରେଡ୍ଡି କୁହନ୍ତି – ଭବିଷ୍ୟତରେ ହେଲ୍‌ଥ କେୟାର ରୋଗର ଅପେକ୍ଷା କରିବ ନାହିଁ ବରଂ ତାକୁ ପ୍ରଥମରୁ ଚିହ୍ନଟ କରି ରୋକିଦେବ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସର ସଂକଳ୍ପ - ଆପଣଙ୍କ ସ୍ୱାସ୍ଥ୍ୟବସ୍ଥା ଆଜି ପରୀକ୍ଷା କରନ୍ତୁ, କାଲି ପାଇଁ ଛାଡନ୍ତୁ ନାହିଁ ଏବଂ ସ୍ୱସ୍ଥ ଜୀବନ ଯାପନ କରନ୍ତୁ।

# ଭୁବନେଶ୍ୱରରେ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି' ଲୋକାର୍ପିତ




ଭୁବନେଶ୍ୱର,୧୫।୪(ସମିସ): ରାଜଧାନୀର ପ୍ରଦର୍ଶନୀ ପଡ଼ିଆଠାରେ ଏକ ବୃହତ୍ ସମାବେଶ ମାଧ୍ୟମରେ ରାଜ୍ୟର ନୂତନ ଆଞ୍ଚଳିକ ଦଳ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି' ଜନ୍ମ ନେଇଛି। କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଆନୁଷ୍ଠାନିକ ଭାବେ ଏହି ପାର୍ଟିର ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯଦିଓ ରାଜନୈତିକ ସ୍ତରରେ ପୁରୁଖା ବା କୌଣସି ବିଶେଷ ପରିଚିତ ମୁହଁ ଉପସ୍ଥିତ ନ ଥିଲେ, ହେଲେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ସମାବେଶରେ ଯୋଗ ଦେଇଥିବାରୁ, ମୋକିମ ନିଜର ପ୍ରଥମ ପର୍ଯ୍ୟାୟ ଶକ୍ତି ପ୍ରଦର୍ଶନରେ ଏକ ପ୍ରକାର ସଫଳ ହୋଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ ଦଳର ପ୍ରତିଷ୍ଠାତା ତଥା ସଭାପତି ମହମ୍ମଦ ମୋକିମ ପାର୍ଟିର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସମ୍ପୂର୍ଣ୍ଣ ଭାବେ ଏକ ଯୁବ କୈନ୍ଦ୍ରିକ ଓ ଧର୍ମ ନିରପେକ୍ଷ ବିଚାରଧାରାକୁ ନେଇ କାର୍ଯ୍ୟ କରିବ। ବିଶେଷକରି ଓଡ଼ିଆ ଅସ୍ମିତା, ସ୍ୱାଭିମାନ, ଓଡ଼ିଆ ଭାଷା ଏବଂ ସଂସ୍କୃତିର ସଂରକ୍ଷଣ ପାଇଁ ଦଳ ସର୍ବଦା ପ୍ରତିବଦ୍ଧ ରହିବ। ଓଡ଼ିଶାର ଯୁବପିଢ଼ିଙ୍କୁ ଉପଯୁକ୍ତ ନେତୃତ୍ୱ ଶ୍ରେଣୀକୁ ଆଣିବା ସହ ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦଳର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ମହିଳା ସଶକ୍ତୀକରଣ, କୃଷକଙ୍କ ସର୍ବାଙ୍ଗୀନ ବିକାଶ ଏବଂ ଦଳିତ ଓ ପଛୁଆ ବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ପାଇଁ ଦଳ ଏକ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ଓ ଘରୋଇ ହିଂସାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଦଳ ସଂକଳ୍ପବଦ୍ଧ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ପ୍ରଶାସନ ଓ ଗୁଣାତ୍ମକ ଶିକ୍ଷା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପାର୍ଟି ନିଜର ପ୍ରତିଶ୍ରୁତି ଦୋହରାଇଛି। ଓଡ଼ିଶାର ଅମୂଲ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସୁବିନିଯୋଗ କରି ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦଳ ଆଗକୁ କାମ କରିବ। ଏହି ନୂତନ ପାର୍ଟି ଆଗାମୀ ଦିନରେ ଓଡ଼ିଶାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସଭାପତି ଶ୍ରୀ ମୋକିମ୍ କହିଛନ୍ତି।


- ଓଡ଼ିଆ ଅସ୍ମିତା, ଯୁବ ନେତୃତ୍ୱ ହେବ ମୁଖ୍ୟ ଆଭିମୁଖ୍ୟ: ମୋକିମ୍
- ମଞ୍ଚ ତଳେ ବସି ବାପାଙ୍କୁ ପରୋକ୍ଷ ସମର୍ଥନ ଦେଲେ ସୋଫିଆ

ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ ମୋକିମଙ୍କ ବିଧାୟିକା ଝିଅ ସୋଫିଆ ଫିର୍‌ଦୋସ ଉପସ୍ଥିତ ରହି ପରୋକ୍ଷରେ ଆଗାମୀ ଦିନରେ ତାଙ୍କ ବାପାଙ୍କ ହାତମୁଠାକୁ ଟାଣ କରିବେ ବୋଲି ବାର୍ତ୍ତା ଦେଇଛନ୍ତି। ସଭାରେ ରାଜନୈତିକ ଭାଷଣବାଜିରୁ ସେ ଦୂରେଇ ରହିଥିଲେ ମଧ୍ୟ ପ୍ରଥମେ ମଞ୍ଚ ତଳେ ଓ ପରେ ମଞ୍ଚ ଉପରକୁ ଯାଇ ସମାବେଶ ସ୍ଥଳକୁ ଆସିଥିବା ଲୋକମାନଙ୍କୁ ସୋଫିଆ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟପଟେ ଆଗାମୀ ଦିନରେ ତାଙ୍କ ଝିଅ ସୋଫିଆ ହିଁ ଦଳର ନେତୃତ୍ୱ ନେବେ ବୋଲି ମୋକିମ୍ ଇଶାରା ଦେଇଛନ୍ତି। ମୋକିମ୍ କହିଛନ୍ତି, ଅନ୍ୟ ଯୁବଗୋଷ୍ଠୀଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିଲେ ସେମାନେ ମଧ୍ୟ ନିଶ୍ଚୟ ଆଗକୁ ବଢ଼ିପାରିବେ। ହେଲେ କିଛି ବରିଷ୍ଠ ଯୁବକମାନଙ୍କୁ ବାଟ ଛାଡୁ ନାହାନ୍ତି। ସେହି ବରିଷ୍ଠମାନଙ୍କୁ ବାଟ କଢ଼େଇ ଆଗକୁ ବଢ଼ିବା ପାଇଁ ମୋକିମ୍ ଆହ୍ୱାନ ଦେଇଛନ୍ତି। ଏହି ସମାବେଶରେ ନିକଟରେ କଂଗ୍ରେସରୁ ବହିଷ୍କୃତ ହୋଇଥିବା କଟକର ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ମଧ୍ୟ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମଧୁ ମହାନ୍ତି, ବଦ୍ରି ମହାନ୍ତି, ନିକୁଞ୍ଜ ପଶାୟତ, ଅଶୋକ ପ୍ରତିହାରୀ, ଶୁଭେନ୍ଦୁ ଶେଖର ମଲ୍ଲିକ, ସଂଗ୍ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA




# ଆଦ୍ୟାଶା ଆଦର୍ଶ ବିଦ୍ୟାଳୟର ଟପ୍ପର



କୁନ୍ଦୁରା,୧୫।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ଦଶମ ଶ୍ରେଣୀ ପରୀକ୍ଷାରେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡାଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ପ୍ରିୟାଂଶୀ ପଣ୍ଡା ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ରାଜେଶ ପରଜା ୮୨ ପ୍ରତିଶତ ଏବଂ ବିଦ୍ୟାଭୂଷଣ ତ୍ରିପାଠୀ ୭୯ ପ୍ରତିଶତ ନମ୍ବର ରଖିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୮ ଜଣ ଏବଂ ତୃତୀୟ ଶ୍ରେଣୀରେ ୪ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପଣ୍ଡା ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କୃତି ଛତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଭିନବ ସାହୁ ହେଲେ ବନଭାରତୀ ଟପ୍ପର







## ଅଭିନନ୍ଦନ ସ୍ୱାଇଁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର
## ଶିବ ଓ ସାଇ ଆଦର୍ଶ ବିଦ୍ୟାଳୟ ଯୁଗ୍ମ ଟପ୍ପର

କୋରାପୁଟ,୧୫।୪(ସମିସ): କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି।ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ୧୩୦ ଜଣ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୭ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ଅନ୍ୟାନ୍ୟ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଭିନବ ସାହୁ ଅନୁଷ୍ଠାନ ରେ ଶତକଡା ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କର ଏହି କୃତି ଯୋଗୁ ଅଧ୍ୟକ୍ଷା ଅତସି ସାହୁ , ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ସେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ପାଇଁ ଯୋଜନା ରଖିଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଅଭିନନ୍ଦନ ସ୍ୱାଇଁ ୯୮.୩ ପ୍ରତିଶତ ମାର୍କ ରଖି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଟପର ହୋଇଛନ୍ତି। ବିଦ୍ୟାଳୟର ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପାସ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ମାଛରାର ଶିବ ପ୍ରସାଦ ନାୟକ ଓ ସାଇରାଜ ବେହେରା ୯୭.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପର ହୋଇଛନ୍ତି।

# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ




ନନ୍ଦାହାଣ୍ଡି,୧୫।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପରିସରରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଗୁଡିକୁ ବୁଧବାର ଲୋକାର୍ପଣ କରାଯାଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ସଦନ ଗୌଡ଼, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଓ ଦିବ୍ୟଦାନ ସୁନା, ଜିଲ୍ଲା ଏସଡିସି ଅଧ୍ୟକ୍ଷା ବାସନ୍ତୀ ମାଝୀ ଓ ଉପାଧକ ଲିଙ୍ଗରାଜ ଭତରା ଏବଂ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ବୃନ୍ଦ ଯୋଗ ଦେଇଥିଲେ। ତହସିଲଦାର ଚନ୍ଦ୍ର ଦାସ ମହନନ୍ଦିଆ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୁଭଦ୍ରା ଶକ୍ତି କାଫେ, ପ୍ରବେଶ ଦ୍ୱାର, ବଜାର ଗୃହ, ଖୋଲା ଶିଶୁ କସରତ କେନ୍ଦ୍ର, ଡିଜିଟାଲ ପାଠାଗାର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ମହାପୁରୁଷ ଯଥା ମହାତ୍ମା ଗାନ୍ଧୀ, ସୁବାସ ଚନ୍ଦ୍ର ବୋଷ। ଗୋପବନ୍ଧୁ ଦାସ, ଲକ୍ଷ୍ମଣ ନାୟକ, ମଧୁସୂଦନ ଦାସ, ରାଣୀ ଲକ୍ଷ୍ମୀ ବାଈ, ବାଜି ରାଉତ, ସଦାଶିବ ତ୍ରିପାଠୀ, ଏପିଜେ ଅବଦୁଲ କଲାମ, ସ୍ୱାମୀ ବିବେକାନନ୍ଦ ଓ ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସର୍ବ ମୋଟ ୫୩ ଲକ୍ଷ ୨୬ ହଜାର ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଗୁଡିକର ଲୋକାର୍ପଣ ହୋଇଥିବା ସୂଚନା ମିଳିଛି। ଏତଦ୍ ବ୍ୟତୀତ ୧୧ ଜଣ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଆଠ ଜଣ ବ୍ୟକ୍ତିଙ୍କୁ ସ୍ତମ୍ଭ ଖ ସଂଶୋଧିତ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଏଗାର ଜଣଙ୍କ ଉତ୍ତରାଧିକାରୀଙ୍କୁ ମଧ୍ୟ ମନ୍ତ୍ରୀ ଶ୍ରୀ ଗୋଣ୍ଡ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦୁଇଦିନ ପରେ ଶବକୁ ମିଳିଲା ଶ୍ମଶାନ



ଉମରକୋଟ,୧୫।୪ (ସମିସ): ଶବ ସତ୍କାରକୁ ନେଇ ଦେଖା ଦେଇଥିବା ବିବାଦ ତିନି ଦିନପରେ ସମାଧାନ ହୋଇଛି। ଶେଷରେ ନିଜ ଜମିରେ ଶବ ପୋତିବେ ବୋଲି ମୃତକଙ୍କ ସ୍ୱାମୀ ସହମତି ପ୍ରଦାନ କରିଥିଲେ। ଗ୍ରାମବାସୀ ମଧ୍ୟ ଏହି ନିଷ୍ପତିକୁ ସ୍ୱାଗତ ଜଣାଇଲେ। ଦୀର୍ଘ ତିନି ଦିନ ହେବ ଘରେ ପଡ଼ିରହି ଥିବା ଶବ ଶେଷରେ ଶ୍ମଶାନ ପାଇଲା। ଘଟଣା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ଅଣ୍ଡି ଗ୍ରାମର ମାଣିକ ସାନ୍ତାଙ୍କର ଗତ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ମାଣିକଙ୍କ ପରିବାର ନିଜ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶବ ସତ୍କାରକୁ ନେଇ ଗ୍ରାମରେ ବିବାଦ ଆରମ୍ଭ ହୋଇଥିଲା। ଗ୍ରାମର ଅନ୍ୟ ହିନ୍ଦୁଧର୍ମାବଲମ୍ବୀ ମାନେ ଏହି ଶବକୁ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ଥିଲେ। ଏହାପରେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ପାପଡାହାଣ୍ଡି ଆରକ୍ଷୀ ଅଧିକ୍ଷକ ସତ୍ୟଜିତ କାନ୍ଦଲକର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଘ, ଚନ୍ଦାହାଣ୍ଡି ଥାନା ଅଧିକାରୀ ବିମଲ ଲାକ୍ରା, ରାଇଘର ଥାନା ଅଧିକାରୀ ଟିକେନ୍ଦ ବାହୁବଳ ଖଟୁଆ , ଉମରକୋଟ ତହସିଲଦାର ମେଘବାନ ବାଗ ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ,ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର,ଏସ ଆଇ ଅକ୍ଷୟ ମିଶ୍ର, ତିନି ପ୍ଲାଟୁନ ଫୋର୍ସ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହି ଶବ ସଂସ୍କାର କରିଥିଲେ। ପୋଲିସ ଓ ପ୍ରଶାସନ ଉଭୟ ପକ୍ଷକୁ ବୁଝାସୁଝା କରିଥିଲେ। ଶେଷରେ ନିଷ୍କର୍ଷ ବାହାରିଥିଲା

# ସିଜିମାଳିରେ ବିଜେପିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଟିକିରି,୧୫।୪(ସମିସ): ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ୍ ଅନ୍ତର୍ଗତ ସିଜିମାଳୀ ବକ୍ସାଇଟ ଖଣି ଅଞ୍ଚଳରେ ଗତ ୭ ତାରିଖ ଦିନ ରାସ୍ତା ନିର୍ମାଣକୁ ନେଇ ପୋଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଭିତରେ ଖଣ୍ଡ ଯୁଦ୍ଧ ହୋଇଥିଲା। ଏଥିରେ ୩୮ ଜଣ ପୋଲିସ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଥିଲେ। ସେଠାରେ ଚଳିତ ମାସ ୭ ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଏନଏସ ୧୬୩ ଜାରି ରହିଛି। ବୁଧବାର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ବିଜେପିର ଏକ ୧୦ ଜଣିଆ ପ୍ରତିନିଧି ଦଳ କାଶିପୁର ବ୍ଲକ୍‌ର ଶିଜିମାଳି ବକ୍ସାଇଟ ଖଣି ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ଏହି ଦଳରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତରା, ଧର୍ମଗଡ ବିଧାୟକ ସୁଧୀର ପାଟଯୋଶୀ ,ବିଜେପି ଜନଜାତି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳୀରାମ ମାଝୀ , ରଜ୍ୟ ବିଜେପି ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାୟଗଡ଼ା ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ ଉଲକା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାଶ କୁଲ୍ଲସିକା ପ୍ରମୁଖ ଅଛନ୍ତି। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସକାଳେ କଣ୍ଟାମାଳ ଗ୍ରାମରେ ପହଞ୍ଚି ସିଜିମାଳି ଅଞ୍ଚଳ ଲୋକଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ରାଜ୍ୟ ବିଜେପି ନେତୃବୃନ୍ଦଙ୍କୁ ପ୍ରଦାନ କରିବେ। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଯାହା ଯାହା ଘଟଣା ଘଟିଛି ସେମାନେ ପୁଲିସ ଗିରଫ ଭୟରେ କିପରି ଘରୁ ବାହାରି ପାରୁନାହାନ୍ତି, ଲୋକଙ୍କ ଠାରୁ ଶୁଣିଲା ପରେ ଲୋକଙ୍କୁ ଆଶ୍ୱସନା ଦେଇଛନ୍ତି ଯେ ସେମାନେ ନିର୍ଭୟରେ ବୁଲନ୍ତୁ । ସେମାନଙ୍କୁ ପୁଲିସ ଗିରଫ କରିବ ନାହିଁ। ଆଉ ସରକାରଙ୍କ ପାଖରେ ସେମାନଙ୍କ ଅସୁବିଧା ଜଣାଇବେ। ସମସ୍ୟାର କିପରି ସମାଧାନ ହୋଇ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ଉଲକା, ଯଲା କଣ୍ଡାବାବୁ, ମଞ୍ଜୁଳା ମିଣିଆକା ,ସନ୍ତୋଷ ବେହେରା, ଦୁଷ୍ମନ୍ତ ସିଂ , ରାମ ବେହେରା ଓ ଅଞ୍ଚଳର ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଘରେ କେହି ନଥିବା ସମୟରେ ଚୋରି

ଉମରକୋଟ,୧୫।୪ (ସମିସ): ଘରେ କେହି ନଥିବାର ସୁଯୋଗ ନେଇ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା। ସୂଚନା ପ୍ରକାରେ ପୌର ପରିଷଦର ଜେନା ସାହିରେ ରହୁଥିଲେ ଜିତେନ୍ଦ୍ର କୁମାର ଜେନାଙ୍କ ଭଉଣୀ ପ୍ରଣତି ବିଶୋଇ ଓ ତାଙ୍କ ସ୍ୱାମୀ ଦିନେଶ ନାଥ ବିଶୋଇ। ଗତ ୪/୫ ମାସ ହେଲା ସ୍ୱାମୀ ଓ ସ୍ତ୍ରୀ ଦୁହେଁ ବ୍ରହ୍ମପୁରକୁ ମେଡିକାଲ କାମରେ ଯାଇ ରହିଛନ୍ତି। ଯିବା ସମୟରେ ଏ ଦୁହେଁ ଘରକୁ ଭଲଭାବରେ ତାଲା ପକାଇ ଯାଇଥିଲେ। ୧୪ ତାରିଖ ଦିନ ଜିତେନ୍ଦ୍ର ଜାଣିବାକୁ ପାଇଲେ ଯେ ତାଙ୍କ ଭଉଣୀ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘର ଭିତରେ ପଶି ଆଲମିରା ଭାଙ୍ଗି ଆଲମିରା ଭିତରେ ଥିବା ରୂପାର ପାଉଞ୍ଜି ୩ ହଳ, ସୁନାର କାନଫୁଲ ୨ ହଳ, ବ୍ରେସଲେଟ ୧, ପାଟ ଶାଢ଼ୀ ୪ ଖଣ୍ଡ ଓ ନଗଦ ଦଶ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଆଲମାରୀରେ ଥିବା ଜିନିଷ ପତ୍ର ଗୁଡିକୁ ଏଣେତେଣେ ଫୋପାଡି ଦେଇଛନ୍ତି। ଏନେଇ ଆଜି ଜିତେନ୍ଦ୍ର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଜୟପୁର କ୍ରିକେଟ୍ ଲିଗ୍‌ର ଆଜି ଶେଷ ମ୍ୟାଚ୍



ଜୟପୁର,୧୫ ।୪ (ସମିସ): ଜୟପୁର ଦଶହରା ପଡିଆ ଠାରେ ଆୟୋଜିତ କ୍ରିକେଟ ଲିଗର ଆଜି ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ଜଗନ୍ନାଥ ଜିଆଣ୍ଟସ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୮ଟି ରେ ୧୬୬ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳ ଆୟୋଜକ ଇଭିନିଂ କ୍ଲବ ଦଳ ୧୪.୪ ଓଭରରରେ ୭ଟି ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଇଭିନିଂ କ୍ଲବର ଖେଳାଳି ସନ୍ଦିପ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଏମ୍ପାୟର ଭାବେ ଅନିଲ କୁମାର ଓ ଦିଲୀପ ବେହେରା ପରିଚାଳନା କରିଥିଲେ। ଆଜି ଲିଗ୍ ମ୍ୟାଚ ଶେଷ ହେବା ପରେ ଆସନ୍ତା କାଲି ଠାରୁ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଆଦର୍ଶ ବିଦ୍ୟାଳୟର ଟପ୍ପର ହେଲେ ସୋନାକ୍ଷୀ ନାୟକ



ବୈପାରିଗୁଡ଼ା,୧୫।୪(ସମିସ): ବୈପାରିଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡ଼ାର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ବିଦ୍ୟାଳୟର ଟପ୍ପର ହୋଇଛନ୍ତି ସୋନାକ୍ଷୀ ନାୟକ। ପରୀକ୍ଷାରେ ବୈପାରିଗୁଡ଼ା ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡ଼ାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୪୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କ ତାଲିକାରେ ବିଦ୍ୟାଳୟର ଶ୍ରେଷ୍ଠ ଚାରିଜଣ ସଫଳ ପରୀକ୍ଷାର୍ଥୀ ହେଲେ ପ୍ରଥମ ସୁଶ୍ରୀ ସୋନାକ୍ଷୀ ନାୟକ ୯୫ ପ୍ରତିଶତ, ଦ୍ୱିତୀୟ ସୌମ୍ୟ ଜ୍ୟୋତି ରାଉତ ୯୩.୮ ପ୍ରତିଶତ, ତୃତୀୟ ରଶ୍ମି ତେନ୍ତୁଳିପାଡ଼ିଆ ୯୩.୨୦ ପ୍ରତିଶତ ଏବଂ ଚତୁର୍ଥ ସିଦ୍ଧାର୍ଥ ପ୍ରଧାନ ୯୧.୬୦ ପ୍ରତିଶତ ସ୍ଥାନ ପାଇଛନ୍ତି। ଏହାଛଡ଼ା ପ୍ରଥମ ଶ୍ରେଣୀରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୧୪ ଜଣ ଏବଂ ତୃତୀୟ ଶ୍ରେଣୀରେ ୫ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଶଶି ଭୂଷଣ ମହାପାତ୍ରଙ୍କ ଦକ୍ଷ ନେତୃତ୍ୱ ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ଉପଜିଲ୍ଲାପାଳଙ୍କୁ ଭେଟିଲେ ସିପିଆଇ ପ୍ରତିନିଧି ଦଳ




ଜୟପୁର,୧୫ ।୪(ସମିସ): ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ବତାସନା ପଞ୍ଚାୟତ ବାସିନ୍ଦା ଓ ସିପିଆଇ ପ୍ରତିନିଧି ଦଳ ବେଆଇନ୍ ଭାବେ ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦାବି ନେଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଆଲୋଚନା କରିଛନ୍ତି। କୋଟପାଡ ତହସିଲ ବତାସନା ଗ୍ରାମପଞ୍ଚାୟତ ଅଞ୍ଚଳରେ ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏଥିନେଇ ସ୍ଥାନୀୟ ଗରିବ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ସିପିଆଇ ନେତୃତ୍ୱରେ କୋଟପାଡ଼ ତହସିଲ କାର୍ଯ୍ୟାଳୟ ବତାସନା ପଞ୍ଚାୟତବାସୀ ବିଭିନ୍ନ ଦାବି ସହ ମୁଖ୍ୟତଃ ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ ପାଇଁ ଦାବି କରିଥିଲେ। ଏହି ସମ୍ବନ୍ଧରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଉପଜିଲ୍ଲାପାଳ ଯୁଦ୍ଧମଣି ନାୟକଙ୍କ ସହିତ ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ ଏବଂ ବତାସନା ପଞ୍ଚାୟତ ପ୍ରତିନିଧି ମାନେ ଉପସ୍ଥିତ ରହିବା ସହିତ ଆଲୋଚନା କରିଥିଲେ। ଏହିପରି କୋଟପାଡ଼ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହିତ ତଦନ୍ତ ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବତାସନା ପଞ୍ଚାୟତର ରୂମନାଥ ଭତରା, ପୂର୍ଣ୍ଣ ଚନ୍ଦ୍ର ସୁରୁ ,ତ୍ରିପତୀ ଭତରା , ଗୋବର୍ଦ୍ଧନ ଭତରା, ଗୋପବନ୍ଧୁ ହରିଜନ, ମୁକୁନ୍ଦ ଭତରା ପ୍ରମୁଖ ଉପସ୍ଥିତ ଦେଇଥିଲେ।

# ୨୧ କ୍ୱିଣ୍ଟାଲ୍ ମହୁଲ ଜବତ

ଚନ୍ଦ୍ରପୁର,୧୫।୪(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ପାଣ୍ଡରାଖାଲ ଗ୍ରାମରେ ବୁଧବାର ଦିନ ବିଶେଷ ସୂତ୍ରରୁ ଖବର ପାଇ ରାୟଗଡ଼ା ଅବକାରୀ ବିଭାଗ ର ଅବକାରୀ ଭିଜିଲାନ୍ସ ବିଭାଗର ଅଧିକାରୀ କମ୍ପୂପାନି ସିନ୍ଦୂରଙ୍କ ନେତୃତ୍ୱରେ, ପାଣ୍ଡରାଖାଲ ଗ୍ରାମର ବ୍ୟବସାୟୀ ସଦାନନ୍ଦ ସାମଲଙ୍କ ଘରୁ ବେଆଇନ ଭାବେ ବିକ୍ରି ପାଇ ରଖାଯାଇଥିବା୨୧ କ୍ୱିଣ୍ଟାଲ ୧୦୫ ବସ୍ତା ମହୁଲକୁ ଜବତ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି, ଏ ନେଇ ଅବକାରୀ ବିଭାଗ ସଦାନନ୍ଦ ସାମଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ନିରୀକ୍ଷକଙ୍କ ଠାରୁ ସୂଚନା ମିଳିଛି। ଜବତ ସମୟରେ, ଅବକାରୀ କନେଷ୍ଟବଳ, କରୁଣାକର ପାତ୍ର, ସନ୍ୟାସୀ ହିଆଲ, ମହିଳା କନେଷ୍ଟବଲ ରୀନା ବାରିକ ପ୍ରମୁଖ ଉପସ୍ଥିତ ରହି ଜବତ କରିବାରେ ସହଯୋଗ କରିଥିଲେ।

## ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ

# ଜନସାଧାରଣଙ୍କୁ ଧନ୍ୟବାଦ ଦେଲେ ପ୍ରଶାସନ ଓ ବୁଦ୍ଧିଜୀବୀ



ରାୟଗଡ଼ା,୧୫।୪(ସମିସ): ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ରାୟଗଡ ସହରର ଲାଇଫଲାଇନ କୁହାଯାଉଥିବା ରେଳ ଓଭରବ୍ରିଜର ପୁନଃରୁଦ୍ଧାର କାଳୀନ ସମୟରେ ଜନସାଧାରଣଙ୍କ ଦେଖାଇଥିବା ସହଯୋଗ ଓ ସଚେତନତା ଏକ ଉତ୍କୃଷ୍ଟ ଉଦାହରଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ରାୟଗଡର ବୁଦ୍ଧିଜୀବିମାନଙ୍କ ପକ୍ଷରୁ ରାୟଗଡବାସୀଙ୍କୁ ସାଧୁବାଦ ଜଣାଯାଇଛି। ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତର ଚାପ ମଧ୍ୟରେ ଓଭରବ୍ରିଜର ମରାମତି ଓ ସୁଦୃଢୀକରଣ କାମ ଆରମ୍ଭ ହେବାରୁ ସହରରେ ଯାତୟାତ ବ୍ୟବସ୍ଥା ଗତ ଦୁଇମାସରୁ ଅଧିକ ସମୟ ଧରି ପ୍ରଭାବିତ ହୋଇଥିଲା। କାମ ଚାଲିଥିବା ସମୟରେ ରାସ୍ତା ବନ୍ଦ, ବିକଳ୍ପ ରାସ୍ତା ବ୍ୟବହାର ଓ ଦିନଚର୍ଯ୍ୟା କାର୍ଯ୍ୟରେ ବିଳମ୍ବ ଭଳି ଅନେକ ଅସୁବିଧା ସ୍ୱତେ ମଧ୍ୟ ସ୍ଥାନୀୟ ଲୋକମାନେ ଧୈର୍ଯ୍ୟ ଓ ସହିଷ୍ଣୁତା ଏବଂ ଶୃଙ୍ଖଳା ପାଳନ କରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସହ ସହଯୋଗ କରିଛନ୍ତି। ଏହି ସହଯୋଗ ଫଳରେ ପୁନଃରୁଦ୍ଧାର କାମ ଦ୍ରୁତ ଗତିରେ ଆଗକୁ ବଢି ପାରିଥିଲା ଓ ସମ୍ଭାବ୍ୟ ସଡକ ଦୁର୍ଘଟଣାଗୁଡିକୁ ମଧ୍ୟ ରୋକାଯାଇ ପାରିଥିଲା। ବିକଳ୍ପ ରାସ୍ତାରେ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଶେଷ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ବ୍ୟବସ୍ଥା ମଧ୍ୟରେ ସ୍ଥାନୀୟ ଜନସାଧରଣଙ୍କର ସକ୍ରିୟ ସହଭାଗୀତା ପୁନଃରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ବର ଭୂମିକା ନେଇଛି। ଯଦିଓ କାମ ସମୟରେ ଯାତାୟାତ ସମସ୍ୟା ଓ ବିଳମ୍ବ ଦେଖାଦେଇଥିଲା,ତଥାପି ଶୃଙ୍ଖଳିତ ପରିସ୍ଥିତି ରହିଥିବାରୁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ ପ୍ରକାଶ ପାଇଛି। ସହରର ଉନ୍ନତି ଓ ସୁରକ୍ଷିତ ଯାତାୟାତ ପାଇଁ ଏହି ପୁନଃରୁଦ୍ଧାର କାମ ଅତ୍ୟନ୍ତ ଜରୁରୀ ଥିବା ବେଳେ ରାୟଗଡବାସୀଙ୍କ ଏହି ସହଯୋଗ ନିଶ୍ଚିୟଭାବେ ପ୍ରଶଂସାର ଯୋଗ୍ୟ ହୋଇଥିବାରୁ ଏହି ପରିସ୍ଥିତିରେ ରାୟଗଡବାସୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହୃଦୟଙ୍ଗମ ସାଧୁବାଦ ଜଣାଯାଉଛି ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି। ଅପରପକ୍ଷେ ଓଭରବ୍ରିଜର ପୁନଃରୁଦ୍ଧାର କାଳୀନ ସମୟ ମଧ୍ୟରେ ଜନସାଧରଣଙ୍କ ସହଯୋଗକୁ ନେଇ ରାୟଗଡ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ନିର୍ଦ୍ଦେଶକ ଡଃ.ରାଜେଶ କୁମାର ପାଢୀ କହିଛନ୍ତି ଯେ ,ଦୀର୍ଘ ୨ମାସରୁ ଉର୍ଦ୍ଧ ସମୟ ପରେ ଓଭରବ୍ରିଜରେ ସ୍ୱାଭାବିକ ଭାବେ ଗାଡି ଚଳାଚଳ କରିବା ପାଇଁ ଅନୁମତି ଦିଆଯାଇଥିବାରୁ ସମସ୍ତେ ଖୁସି ପ୍ରକଟ କରୁଥିବା କହିଛନ୍ତି। ଏଥିସହ ମରାମତି କାମ ଯୋଗୁଁ ବିକଳ୍ପ ରାସ୍ତାରେ ବିଳମ୍ବ ଯୋଗୁଁ ଲୋକେ ବସଷ୍ଟାଣ୍ଡ,କୋର୍ଟ,ପୋଲିସ ଥାନା,ହାଇସ୍କୁଲ ଓ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ହଇରାଣ ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ସହଯୋଗ କରି ରାୟଗଡବାସୀ ଯେଉଁ କଷ୍ଟ ସହିଲେ ସେମାନଙ୍କୁ ମଧ୍ୟ ଧନ୍ୟବାଦ ବୋଲି କହିଛନ୍ତି। ତେବେ ଓଭରବ୍ରିଜର ତଳ ସ୍ଥାନର ବିକାଶ ସହ ବ୍ରିଜ ପାଶ୍ୱର୍ରେ ଉଠିଥିବା ଗଛଗୁଡିକୁ କାଟିବା ଆବଶ୍ୟକ ରହିଛି ବୋଲି ଶ୍ରୀ ପାଢୀ କହିଛନ୍ତି। ସେହିପରି ରାୟଗଡ ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ମଧ୍ୟ ଓଭରବ୍ରିଜରେ ଗାଡି ଚଳାଚଳ ସ୍ୱାଭାବିକ କରିଥିବାରୁ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ ଜନସାଧାରଣଙ୍କ ଅପେକ୍ଷା ଓ ଧୈର୍ଯ୍ୟକୁ ସାଧୁବାଦ ଜଣାଇବା ସହ ଅନ୍ୟ ସହରରେ ଥିବା ଓଭରବିଜ୍ର ତଳ ପାଶ୍ୱର୍ରେ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ବେଳେ ରାୟଗଡରେ ହେଉନାହିଁ ବୋଲି କହିଛନ୍ତି। ରାୟଗଡବାସୀଙ୍କ ସହନଶୀଳତା ଓ ଉଦାର ମନୋଭାବ ରହିଥିବାରୁ ପ୍ରଶାସନକୁ ସହଯୋଗ କରାଯାଇଛି କିନ୍ତୁ ପ୍ରଶାସନ ମରାମତି କାମ ରାତିଦିନ କରି ବହୁ ପୂର୍ବରୁ ସାରିବା ଆବଶ୍ୟକ ରହିଥିଲା ବୋଲି କହିଛନ୍ତି। ସେହିପରି ' ସକାଳ'ର ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀ ନିଜ ପ୍ରତିକ୍ରିୟାରେ ରାୟଗଡ ଓଭରବ୍ରିଜର ପୁନଃରୁଦ୍ଧାର କାମକୁ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଏହାର ପୁଣି ମରାମତି ଆବଶ୍ୟକ। ହେଲେ ସମସ୍ତ ଗାଡି ଚଳାଚଳ ପାଇଁ ସହରରେ ସ୍ଥାୟୀ ଏକ ବିକଳ୍ପ ରାସ୍ତାର ସୁବ୍ୟବସ୍ଥା ନିହାତି ଆବଶ୍ୟକ ରହିଛି ବୋଲି କହିଛନ୍ତି। ରାୟଗଡବାସୀଙ୍କ ସହଭାଗୀତା ଓ ସହନଶୀଳତାକୁ ସେ ପ୍ରଶଂସା କରିଛନ୍ତି।

ପ୍ରକାଶ ଥାଉ କି,ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବା ରାୟଗଡର ରେଳ ଓଭରବ୍ରିଜର ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଗତ ଜାନୁଆରୀ ମାସ ୧୦ତାରିଖରୁ ଗାଡି ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ତେବେ ଓଭରବ୍ରିଜର ଫୁଟପାଥ କାମ, ତଳେ ଗ୍ରାଉଣ୍ଟିଂ, ଗଛ କାଟିବା ଭଳି ଅନେକ କିଛି ବାକି ରହିଛି ଯାହା ଆସନ୍ତା ମାସ ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି ।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



ଶରତ କୁମାର ମହାନ୍ତି
ବିଶାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଜଗଦଲପୁର ନୂତନ ପିଏଚ୍‌ସିକୁ ପରିଚାଳନା କରିବ ଏନ୍‌ଜିଓ

**ରାୟଗଡ଼ା/ମୁନିଗୁଡ଼ା,୧୫।୪(ସମିସ):**



- ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ବିରୋଧ କଲେ ବିଧାୟକ
- ଜନ ଆନ୍ଦୋଳନର ଚେତାବନୀ

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଜଗଦଲପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ବେସରକାରୀ ଏନଜିଓ ସଂସ୍ଥା ଦ୍ୱାରା ଚିକିତ୍ସା ସେବା ଯୋଗାଇବା ପ୍ରସଙ୍ଗକୁ ନେଇ ରାୟଗଡ଼ା ଜିଲ୍ଲା ପରିଷଦ ବୈଠକରେ ଆଜି ହଟ୍ଟଗୋଳ ହୋଇଥିଲା। ବୈଠକରେ ବିଧାୟକ ନୀଳମାଧବ ହିକକା ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରିବା ସହ ଏହା ଆଗାମୀ ଦିନରେ ଗ୍ରାମୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ଦୁର୍ବଳ କରିଦେବ ବୋଲି କହିଥିଲେ। ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଜଗଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପିପିପି ମୋଡ଼ରେ ପରିଚାଳନା ପାଇଁ ଏକ ଘରୋଇ ସଂସ୍ଥାଙ୍କୁ ହସ୍ତାନ୍ତର କରାଯିବା ଗ୍ରାମୀଣ ଲୋକଙ୍କ ପାଇଁ ଚିନ୍ତାଜନକ। ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସୁବିଧାକୁ ଯଦି ସରକାର ଘରୋଇକରଣ କରିବାକୁ ଆଗୁଆ ହେଉଛନ୍ତି। ତେବେ ସାଧାରଣ ଲୋକ ସରକାର ଉପରେ କେମିତି ଭରସା କରିବେ ବୋଲି ଶ୍ରୀ ହିକକା ପ୍ରଶ୍ନ କରିଥିଲେ। ନିଜ ନିର୍ବାଚନ ମଣ୍ଡଳୀରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ସୁଚାରୁ ଭାବେ ପରିଚାଳନା କରିବା ସରକାରଙ୍କ ଦାୟିତ୍ୱ, ତଥାପି ଏପରି ନୀତିଗତ ପଦକ୍ଷେପ ଲୋକମାନଙ୍କ ଆଶାକୁ ଆଘାତ କରୁଛି। ଏହି ଘରୋଇକରଣ ଯୋଜନାକୁ ବର୍ତ୍ତମାନ ସରକାର ଏହାକୁ ବେଶି ଗୁରୁତ୍ୱ ଦେଇ କାର୍ଯ୍ୟରତ କରୁଛନ୍ତି ବୋଲି ମଧ୍ୟ ଏହାକୁ ଦୃଢ଼ ନିନ୍ଦା କରିଥିଲେ। ରାୟଗଡ଼ ସିଡ଼ିଏମଓଙ୍କ ଚିଠି ସଂଖ୍ୟା ୨୫୪୫ରେ ଗତ ମାର୍ଚ୍ଚ ମାସ ୨୪ତାରିଖରେ ଏକ ଏନଜିଓକୁ ଉକ୍ତ ପିଏଚସିକୁ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସିଡିଏମଓ ଏଭଳି ବ୍ୟବସ୍ଥାକୁ ବନ୍ଦ କରନ୍ତୁ ଅନ୍ୟଥା ଅନଶନ, ଧର୍ମଘଟ କରିବାକୁ ବାଧ ହେବି ବୋଲି ବିଧାୟକ ଶ୍ରୀ ହିକକା କହିବା ସହ ନଜିଓ କେମିତି ଚୟନ ହେଲା ଓ କାହିଁକି ସରକାର ନିଜେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରୁନାହାନ୍ତି ଏବଂ ଲୋକଙ୍କ ଜୀବନ ସହ ଏଭଳି ପରୀକ୍ଷା କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାୟଗଡା ଡିପିଏମ ଲକ୍ଷ୍ମୀଧର ମହାପାତ୍ରଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡାର ଶକ୍ତି ସୋସିଆଲ କଲଚରାଲ ଆଣ୍ଡ ସ୍ପୋର୍ଟିଂ ଅର୍ଗାନାଇଜେସନକୁ ପରିଚାଳନା ପାଇଁ ନିର୍ଦ୍ଦେଶ ହୋଇଥିବା ବେଳେ ଚିକିତ୍ସା ସେବା ସନ୍ତୋଷ ଜନକ ରହିଲେ, ପୁଣି ଏକ ବର୍ଷ ପରେ ଏହାର ନବୀକରଣ କରାଯିବ । ପିଏଚସିରେ ସରକାରଙ୍କ ତରଫରୁ କେବଳ ମାଗଣା ଔଷଧ ପ୍ରଦାନ କରାଯିବାକୁ ଥିବା ବେଳେ ଡାକ୍ତର ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଏନଜିଓ ପକ୍ଷରୁ ନିଯୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି । ଜଗଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ର ଜିଲ୍ଲାର ପ୍ରଥମ ପିପିପି ମୋଡ଼ରେ ହସ୍ତାନ୍ତର ହୋଇଥିବାରୁ ଏହାକୁ ନେଇ ଜଗଦଲପୁର ସରପଞ୍ଚ ରାମେଶ୍ୱର ବାରିଆକା, ସମିତିସଭ୍ୟା,ମୁନିଗୁଡା ବ୍ଲକ କଂଗ୍ରେସ କମିଟି ସଭାପତି ନୀଳାମ୍ବର ବିଭାର, ପୂର୍ବତନ ଜିଲ୍ଲାପରିଷଦ ଚନ୍ଦ୍ରଜିତ ଜାଦବ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ବୀଣାପାଣିସାହୁକାର,ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମାନସ ରଞ୍ଜନ ବେହେରା, ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର,ଶରଧାପୁର ସରପଞ୍ଚ ଅଭି ବାଗ ଓ ସ୍ଥାନୀୟ ବାସିନ୍ଦା ପ୍ରଫୁଲ୍ଲ ରାଉତ, ସୁବାସ ବାଗ, ପ୍ରଫୁଲ୍ଲ ଗୌଡ଼,ପ୍ରଦୀପ ଚନ୍ଦ୍ର ଗୌଡ଼ ପ୍ରମୁଖ ତୀବ୍ର ବିରୋଧ ପ୍ରକାଶ କରୁଛନ୍ତି। ବିଧାୟକ ଏହା ଉପରେ ତୁରନ୍ତ ପୁନଃବିଚାର କରିବାକୁ ସରକାରଙ୍କୁ ଦାବି କରିଥିବା ସହ ଆବଶ୍ୟକ ହେଲେ ଜନଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସତର୍କ କରିଥିଲେ। ସେହିପରି ବୈଠକରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ କରିଥିଲେ। ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଏହି ନୀତି ଉପରେ ପୁନଃଚିନ୍ତା କରିବାକୁ ଜୋରଦାର ଦାବି ଉଠିଥିଲା। ବିବାଦ ସୃଷ୍ଟି ହେବା ପରେ ସରକାର ଯୋଜନା ଉପରେ ପୁନଃବିଚାର କରିବାକୁ ବାଧ୍ୟ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଦୁର୍ଘଟଣା ଘଟାଇଥିବା ଗାଡ଼ି ଚିହ୍ନଟ

ମାଥିଲି ୧୫।୪(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ବାଲିଗୁଡା ଠାରେ ନିର୍ମାଣାଧୀନ ନୂତନ କୋର୍ଟ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଶିକ୍ଷକଙ୍କ ସମେତ ତାଙ୍କ ଶାଶୁ ଗୁରୁତର ହୋଇଥିଲେ। ଦୁଇ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ। ଆହତ ଦୁଇ ଜଣ ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ପଠାଇ ଦେଇଥିଲେ ମାଥିଲି ଉପଖଣ୍ଡ ଚିକିତ୍ସାଧିକାରୀ। ଦୁର୍ଘଟଣାର ଶିକାର ହୋଇଥିବା ଶିକ୍ଷକ ଟୁକୁନା ସାହୁ ଚିକିତ୍ସା ପାଇଁ କୋରାପୁଟ ରେ ଥିବାରୁ ମାଥିଲି ଥାନାରେ ଏତଲା ଦେଇ ପାରି ନଥିଲେ।ଶ୍ରୀ ସାହୁ ଗତକାଲି ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିବା ପରେ ଆଜି ଥାନାକୁ ଯାଇ ଦୁର୍ଘଟଣା ଘଟାଇ ଥିବା ଗାଡି ଓ ଡ୍ରାଇଭର ନାମରେ ଏତଲା ଦେଇଛନ୍ତି। ଶ୍ରୀ ସାହୁଙ୍କ ଏତଲାକୁ ଆଧାର କରି ମାଥିଲି ଥାନା ପୋଲିସ ଘଟଣାର ତଦନ୍ତ ଓ ସିସିଟିଭି ଯାଞ୍ଚ ପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିଛି ମାଥିଲି ପୁଲିସ। ସେହି ଗାଡ଼ିଟି ମାଲକାନଗିରିରୁ ଜୟପୁର ଯାଇ ନୂତନ ବାଇକ୍ ନେବା ଆଣିବା କାର୍ଯ୍ୟରେ ବ୍ୟବହାର ହେଉଥିବା ଗାଡ଼ିର ନମ୍ବର ଓଡି ୩୦ଜି୦୮୩୫। ଗାଡ଼ିଟି ବାଇକ୍ ଆଣିବା ପାଇଁ ମାଲକାନଗିରି ଠାରୁ ଜୟପୁର ଅଭିମୁଖେ ଯାଉଥିବା ବେଳେ ଗତ ୧୧ ତାରିଖ ଶନିବାର ସକାଳ ପ୍ରାୟ ୯ଟା ସମୟରେ ମାଥିଲି ଥାନା ଅନ୍ତର୍ଗତ ବାଲିଗୁଡା ଠାରେ ନିର୍ମାଣାଧୀନ ନୂତନ କୋର୍ଟ ନିକଟରେ ଗାଡ଼ିଟି ଶ୍ରୀ ସାହୁ ଓ ତାଙ୍କର ଶାଶୁ ଯେଉଁ ବାଇକ୍‌ରେ ଯାଉଥିଲେ ତାଙ୍କର ବାଇକ୍‌ର ପଛ ପଟୁ ଧକ୍କା ଦେଇ ଦ୍ରୁତ ଗତିରେ ଗୋବିନ୍ଦପାଲ୍ଲୀ ଆଡ଼କୁ ଚାଲି ଯାଇଥିଲା। କିନ୍ତୁ ମାଥିଲି ପୁଲିସ ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ ତଦନ୍ତ କରୁଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀଣୀ ଦିପାଞ୍ଜଳୀ ପ୍ରଧାନ ପ୍ରକାଶ କରିଛନ୍ତି।

# ପରଜା ଜନଜାତି ଶିଶୁଙ୍କ ଖାଦ୍ୟ ସୁରକ୍ଷା ଓ ପୋଷଣକୁ ନେଇ ସଚେତନତା



ଜୟପୁର,୧୫।୪ (ସମିସ): କୋରାପୁଟ ଜିଲ୍ଲାର ପରଜା ଶିଶୁମାନଙ୍କ ମଧ୍ୟରେ ସ୍ୱଦେଶୀ ଖାଦ୍ୟ ପଦ୍ଧତି, ସୁରକ୍ଷା ଓ ପୋଷଣ ଫଳାଫଳ ସମ୍ବନ୍ଧିତ ସଚେତନତା ତଥା ପ୍ରଚାର କାର୍ଯ୍ୟକ୍ରମ ଆଜି ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ପ୍ରଯୋଜିତ ଏକ ଗବେଷଣା ପ୍ରକଳ୍ପର ଅଂଶ ଭାବେ ଆୟୋଜିତ ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ସମନ୍ୱୟକାରୀ ଡା. ସୂର୍ଯ୍ୟମଣି ପାତ୍ରଙ୍କ ଦ୍ୱାରା ଗବେଷଣା ଫଳାଫଳ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁରର ଉପଜିଲ୍ଲାପାଳ ଯଦୁମଣି ନାୟକ ଆଧୁନିକ ଖାଦ୍ୟ ସଂସ୍କୃତିରେ ପୁରାତନ ତଥା ପୁଷ୍ଟିକର ଖାଦ୍ୟ ଲୁଚି ଯାଉଛି। ପାରମ୍ପରିକ ମିଲେଟ୍ ଆଧାରିତ ଖାଦ୍ୟ , ପଖାଳ ଭାତର ସ୍ୱାଦ ଓ ଶକ୍ତିକୁ ସ୍ମରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଭାରପ୍ରାପ୍ତ ସିଡିଏମଓ ଡା. ଅରୁଣ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟସୂଚକ ବିଷୟରେ ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଦିବାସୀ ସଂସ୍କୃତି ବିଶେଷଜ୍ଞ ଡ. ରାଜେନ୍ଦ୍ର କୁମାର ପାଢି ଯୋଗ ଦେଇ ପାରମ୍ପରିକ କୃଷି ଓ ଖାଦ୍ୟ ପଦ୍ଧତି ପଛରେ ଥିବା ବୈଜ୍ଞାନିକ ଆଧାର ଓ ସୁସ୍ଥ ଭବିଷ୍ୟତ ପାଇଁ ଏହାର ପୁନଃଉତଥାନ ଓ ଆବଶ୍ୟକତାକୁ ନେଇ ମତାମତ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ଆସିଡିଏସର କାର୍ଯ୍ୟକ୍ରମ ଅଧିକାରୀ ସନ୍ଧ୍ୟାରାଣି ପାତ୍ର, କୃଷି ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏମ.ଏସ ସ୍ୱାମୀନାଥର ଜୟପୁରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଗବେଷଣା ଛାତ୍ରୀ କୁମାରୀ ନମ୍ରତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହିପରି ଆଦିବାସୀ ପ୍ରତିନିଧି ରାଇମତି ଘିଉରିଆ, ଚନ୍ଦ୍ରମା ବାଲିଆ ଓ ଲାଇଛନ ମାଝିଙ୍କୁ ସ୍ୱଦେଶୀ ଖାଦ୍ୟ ପ୍ରଚଳନ ସୁରକ୍ଷାରେ ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ପରଜା ଖାଦ୍ୟ ସଂସ୍କୃତି ଉପରେ ଏକ ପୁସ୍ତିକା, ଶିଶୁ ପୋଷଣ ପରାମର୍ଶ ପୁସ୍ତିକା ଓ ମିଲେଟ୍‌ର ପୋଷଣ ଗୁରୁତ୍ୱ ଉପରେ ଏକ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ଆଦିବାସୀ ସମ୍ପ୍ରଦାୟର ସଦସ୍ୟ, ବିଭିନ୍ନ ସଂସ୍ଥାର ଛାତ୍ରଛାତ୍ରୀ ଓ ଶିକ୍ଷକମଣ୍ଡଳୀ ଓ ସ୍ୱାମୀନାଥନ ଫାଉଣ୍ଡେସନର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ରାମଚରିତ ମାନସ, ପ୍ରବଚନ କାର୍ଯ୍ୟକ୍ରମ



ରାମନାଗୁଡ଼ା,୧୫।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ଗ୍ରାମରେ ଥିବା ହନୁମାନ ମନ୍ଦିରର ପ୍ରଥମ ବାର୍ଷିକୀ ଉତ୍ସବ ମହାଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଦୀର୍ଘ ୯ ଦିନ ଧରି ରାମଚରିତମାନସ ପରାୟଣ ସହିତ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରାୟଣ କାର୍ଯ୍ୟକ୍ରମରେ ସନ୍ତ ଚରଣ ଦାସ ମହାରାଜ ରାମଚରିତମାନସର ମୂଳ ପାଠ କରିଥିବା ବେଳେ, ମହନ୍ତ ଶ୍ରୀ ସନାତନ ମହାରାଜ ନିତ୍ୟ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଓଡ଼ିଶାର ଜଣାଶୁଣା କଥାବାଚକ ପଣ୍ଡିତ ଇପ୍ସିତ ମିଶ୍ର ଶ୍ରୀରାମଙ୍କ ଜୀବନ ଓ ଆଦର୍ଶ ଉପରେ ଭକ୍ତମାନଙ୍କୁ ଆଧ୍ୟାତ୍ମିକ କଥା ଶୁଣାଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଟେକିଲି ମଠର ମହନ୍ତ ମଦନ ଗୋପାଳ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ସୁଦୂର ବୃନ୍ଦାବନରୁ ୧୦ରୁ ଅଧିକ ସାଧୁସନ୍ଥ ଯୋଗଦେଇ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। ଏପ୍ରିଲ ୬ ତାରିଖରେ ଗଙ୍ଗା ଆବାହନ ସହ ବିରାଟ ପଟୁଆରେ କଳସ ଯାତ୍ରା ଆୟୋଜିତ ହୋଇଥିଲା। ଏପ୍ରିଲ ୭ରୁ କଥା ଆରମ୍ଭ ହୋଇ ୧୫ ତାରିଖରେ ବିଶ୍ରାମ ହୋଇଥିଲା। ମହା ବିଷୁବ ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କ ଛପନ ଭୋଗ। ମହାବୀର ମନ୍ଦିରର ପ୍ରଥମ ବାର୍ଷିକୀ ଉତ୍ସବ ଅବସରରେ ଘୃତ ଯଜ୍ଞ, ନାମ ଯଜ୍ଞ ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ଯଜ୍ଞର ବ୍ୟବସ୍ଥା କରାଯାଇଥିଲା। ଗୁଲୁମୁଣ୍ଡା ଗ୍ରାମର ସମସ୍ତ ମନ୍ଦିର ପରିସରରେ ଏକ ଲକ୍ଷ ଆଠ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯାହା ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏହି ବିରାଟ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁଲୁମୁଣ୍ଡା ଗ୍ରାମର ରାଜେନ୍ଦ୍ର ପାଢ଼ୀ, ପାର୍ଥ ପଣ୍ଡା, କୃଷ୍ଣ ପାଢ଼ୀ, ଅଂଶୁମାନ ପାଢ଼ୀ, ଭାନୁ ପାଢ଼ୀ, ବାବୁ ରାଓ, ସୁଦାମ ସାହୁ, ବିରାଟ ବେହେରା, କୃଷ୍ଣ ସାହୁ, ସୁରେନ୍ଦ୍ର ସାହୁ, ପାତ୍ରୀ ସାନ୍ତା ରାଓ, ଜଗନ ବେହେରା, ରବୀନ୍ଦ୍ର ବେହେରା ଓ ଅନ୍ୟାନ୍ୟ ଭକ୍ତମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ୧୦ ଦିନ ଧରି କଥାବାଚକଙ୍କ କହିବା ଅନୁଯାୟୀ ଗ୍ରାମରେ ଅଯୋଧ୍ୟା ସଦୃଶ ରାମମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମର ଶେଷ ଦିନରେ ଯୋଗଦେଇଥିବା ସମସ୍ତ ସାଧୁ-ସନ୍ଥ ଓ କଥା ବାଚକମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ମାନ ସହ ସ୍ମୃତିଚିହ୍ନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

**● ମା'ମାଉଲି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ରୋଜାମାଟୁ ଦଳ ଚାମ୍ପିଅନ୍



ପାପଡାହାଣ୍ଡି,୧୫।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଗ୍ରାମର କୈଳାଶ ପଡିଆ ଠାରେ ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ରୋଜାମାଟୁ ଦଳ ଚାମ୍ପିଅନ୍ ହୋଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟରେ ୩୨ ଦଳ ଭାଗ ନେଇଥିଲେ। ଆଜି ଫାଇନାଲ ମ୍ୟାଚରେ ରୋଜାମାଟୁ ଓ କମତା ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ଟସ ଜିତି କାମତା ଦଳ ୧୨ ଓଭରରେ ୧୧୭ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ରୋଜାମାଟୁ ଦଳ ୧୦.୩ ଓଭରରେ ୧୧୮ ରନ ସଂଗ୍ରହ କରି ଲକ୍ଷ୍ୟ ହାସଲ କରିଥିଲେ। ଏହି ମ୍ୟାଚକୁ ରେଫରୀ ଭାବେ ହରି ବାଘ ଓ ଦେବ ସୁନା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ଗୁଡୁ ବିଷୋୟୀ, ତୁଲୁଶା ଭତରା, ବିମଳ ଜୈନ, ନରସିଂହ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ଦ୍ୱାରା ବିଜୟୀ ଦଳକୁ ୩୫ ହଜାର , ଉପ ବିଜେତାକୁ ୨୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ରୋଜାମାଟୁ ଦଳର ସାମନ୍ତ ସାନ୍ତାକୁ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ କମତା ର ଦେବ ସୁନାକୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ବିରେନ ବାଘ, ଜଗା ଡଙ୍ଗରି, ଅନିଲ ସୁନା, ବିକାଶ ବାଘ, ଦେବେନ୍ଦ୍ର ସୁନା, ସୁଜଳ ହରିଜନ, ଥବିର ହରିଜନ, ଅମନ ବାଘ ଓ ଈଶ୍ୱର ସୁନା ପ୍ରମୁଖ ପରିଚାଳନା କରିଥିଲେ।

# ବଙ୍ଗୀୟ ନବ ବର୍ଷ ପାଳିତ

ଏମ୍‌ଭି୭୯, ୧୫।୪(ସମିସ): ବଙ୍ଗୀୟ ନବବର୍ଷ ମାଲକାନଗିରି ଜିଲ୍ଲାରେ ରହୁଥିବା ଅନେକ ବଙ୍ଗୀୟ ପରିବାର ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି। ଜିଲ୍ଲାର ବିଭିନ୍ନ ବଙ୍ଗୀୟ ଗ୍ରାମରେ ଲୋକେ ପରସ୍ପରକୁ ନବବର୍ଷର ଶୁଭେଚ୍ଛା ଜଣାଉଥିବା ସହ ଖୁସି ମନାଉ ଥିବା ବେଳେ ଏମଭି-୭୯ ଗ୍ରାମରେ ଏହା ବେଶ ଉତ୍ସାହ ଓ ଆଡମ୍ବର ସହ ପାଳନ କରାଯାଇଛି। ଗ୍ରାମର ବଙ୍ଗୀୟ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇ ସାମ୍ପ୍ରଦାୟିକ ସମ୍ମିଳନ ଓ ସୌହାର୍ଦ୍ଦ୍ୟର ଅନନ୍ୟ ଦୃଶ୍ୟ ପ୍ରଦର୍ଶନ କରିଥିଲେ। ସକାଳୁ ଘରେ ଘରେ ପୂଜାର୍ଚ୍ଚନା ସରିବା ପରେ ମହିଳାମାନେ ନଗର କୀର୍ତ୍ତନରେ ଭାଗ ନେଇଥିଲେ। ଭକ୍ତିମୟ ସଙ୍ଗୀତ, ଆଳତି ଓ ପରମ୍ପରାଗତ ଆଚାର-ବିଚାର ମାଧ୍ୟମରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବଜାର ଓ ବ୍ୟବସାୟୀମାନେ ବିଶେଷ ପୂଜାର୍ଚ୍ଚନା କରି ନୂଆ ଖାତା ଖୋଲି ବ୍ୟବସାୟର ଶୁଭାରମ୍ଭ କରିଥିଲେ। ଯାହା ବଙ୍ଗୀୟ ପରମ୍ପରାର ଅଂଶ ଅଟେ। ମନ୍ଦିର ପରିସରରେ ଖିଚୁଡ଼ି ଭୋଗ ବଣ୍ଟନ କରାଯାଇଥିବା ବେଳେ ଦୋକାନୀ ମାନେ ମିଠା ବଣ୍ଟନ କରି ନୂଆବର୍ଷର ଆନନ୍ଦକୁ ସାମୂହିକ ଭାବେ ପାଳନ କରିଥିଲେ। ଗ୍ରାମବାସୀ ନୂତନ ବସ୍ତ୍ର ପରିଧାନ କରି ପରିବାର ସହ ଏହି ଦିନଟିକୁ ଆନନ୍ଦମୟ ଭାବେ କାଟିଥିଲେ। ଉତ୍ସବକୁ ଅଧିକ ସାର୍ଥକ କରିବା ପାଇଁ ଗ୍ରାମର ଯୁବକମାନେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହାସହ ସ୍ଥାନୀୟ ଅଞ୍ଚଳରେ ଜଳଛତ୍ର ଆରମ୍ଭ କରାଯାଇ ମାଟି ହାଣ୍ଡିରେ ଥଣ୍ଡା ପାଣି ପ୍ରଦାନ କରାଯାଉଛି। ଯାହା ଗ୍ରୀଷ୍ମକାଳରେ ଲୋକଙ୍କ ପାଇଁ ବିଶେଷ ଉପକାରୀ ହେବ। ଏମ୍‌ଭି-୭୯ରେ ବଙ୍ଗୀୟ ସମ୍ପ୍ରଦାୟ ପାଇଁ ପହିଲା ବୈଶାଖ ଦୁର୍ଗାପୂଜା ପରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବେ ପାଳନ କରାଯାଏ। ଏହା କେବଳ ନୂଆ ବର୍ଷର ଆରମ୍ଭ ନୁହେଁ, ବରଂ ସାମ୍ପ୍ରଦାୟିକ ଏକତା, ସଂସ୍କୃତି ଓ ପରମ୍ପରାର ଜୀବନ୍ତ ପ୍ରତୀକ ଭାବେ ଗ୍ରାମରେ ଉଜାଗର ହୋଇଥାଏ ବୋଲି କୁହାଯାଇଛି।

# ଜଙ୍ଗଲ ଜଳୁଛି, ବଣ୍ୟଜନ୍ତୁ ଗାଁ ମୁହାଁ

ଉମରକୋଟ ୧୫।୪(ସମିସ): ଜଙ୍ଗଲରେ ହୁତୁ ହୁତୁ ହୋଇ ଜଳୁଛି ନିଆଁ। ନିଆଁକୁ ଆୟତ୍ତ କରିବା ପାଇଁ ବିଭାଗ ପକ୍ଷରୁ ନଜର ନାହିଁ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବନଖଣ୍ଡ ଅନ୍ତର୍ଗତ ବେହେଡା ସଂରକ୍ଷିତ ଜଙ୍ଗଲରେ ବାଉଁଶ ଗଛ ସବୁ ଜଳି ଯାଉଥିବାର ଦେଖିବାକୁ ମିଳିଛି। ଉମରକୋଟ -ରାଇଘର ମୁଖ୍ୟ ରାସ୍ତା କଡ଼ରେ ଥିବା ବେହେଡା ରିଜର୍ଭ ଜଙ୍ଗଲରେ ନିଆଁ ଲାଗି ଥିବା ଘଟଣା ବିଷୟରେ ଜିଲ୍ଲା ବନ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କୁ ସୂଚନା ଦେବା ପରେ ଶୀଘ୍ର ନିଆଁ ଲିଭାଯିବ ବୋଲି କହିଥିଲେ। ଅନ୍ୟପଟେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ଅନେକ ବଣ୍ୟଜନ୍ତୁ ଗାଁ ଏବଂ ସହର ମୁହାଁ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଜିଲାର ଅନେକ ସ୍ଥାନରେ ପ୍ରବଳ ମାତ୍ରାରେ ଜଙ୍ଗଲ ନିଆଁ ଲାଗିଥିବା ଯୋଗୁଁ ରାଜ୍ୟ ସରକାର ଜିଲାର ୩ ବନଖଣ୍ଡ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ। ବନ ବିଭାଗ ଏଦିଗରେ ଯଦି ଦୃଷ୍ଟି ନଦିଏ ତାହେଲେ ଆଗାମୀ ଦିନରେ ଜଙ୍ଗଲୀ ଯାନ୍ତୁଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କୁହାଯାଉଛି।

# ସମାଜସେବୀ ମୀରାରାଣୀ ସମ୍ମାନିତ



ମାଲକାନଗିରି,୧୫।୪ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ମଙ୍ଗଳବାର ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଅଞ୍ଚଳ ପାଇଁ କାର୍ଯ୍ୟ କରିଥିବା ବହୁ ବ୍ୟକ୍ତି ମାନଙ୍କୁ କମିଟି ପକ୍ଷରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅଞ୍ଚଳ ପାଇଁ ସର୍ବଦା ସମାଜସେବା କାର୍ଯ୍ୟ କରି ପ୍ରଶଂସା ସାଉଁଟିଥିବା ସମାଜସେବୀ ମୀରାରାଣୀ ସେଠୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମୀରା ଆଜିକୁ ଦୀର୍ଘ ୧୨ ବର୍ଷ ହେବ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସିଂ ଅଫିସର ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ବର୍ତ୍ତମାନ ସେ ଏମଭି-୧୯ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛନ୍ତି। ତେବେ ମୀରାଙ୍କ ବଦଳି ହେବା ପରେ ମଧ୍ୟ ସେ ସର୍ବଦା ବାଲିମେଳା ତଥା ଏହାର ଆଖପାଖ ଅଞ୍ଚଳର ସେବା କରି ଚର୍ଚ୍ଚାରେ ରହି ଆସିଛନ୍ତି। ମୀରାଙ୍କ ଏହି ନିଃସ୍ୱାର୍ଥପର ସେବା ମନୋବୃତ୍ତି ପାଇଁ ଆମ୍ବେଦକର ସ୍ମୃତି କମିଟି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ମୀରାଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା, ଆମ୍ବେଦକର ସ୍ମୃତି କମିଟି ସଭାପତି ହାଡୁ ହନ୍ତାଳ, ସମାଜସେବୀ ଡମ୍ବରୁ ବାଘ ପ୍ରମୁଖ ସମ୍ମାନିତ କରିଛନ୍ତି।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନରଙ୍କ କୋରାପୁଟ ଗସ୍ତ




କୋରାପୁଟ,୧୫।୪(ସମିସ): ସ୍ଥାନୀୟ ସର୍କିଟ୍ ହାଉସଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ବବିତା ପାତ୍ର ଏକ ପ୍ରେସମିଟ୍‌ରେ ଯୋଗଦେଇ ଦେଶର ନାରୀଶକ୍ତି ପାଇଁ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଅନୁଷ୍ଠିତ ହେବାକୁ ଥିବା ବିଶେଷ ଅଧିବେଶନ ସମ୍ପର୍କରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିଳା ଓ ଶିଶୁ ଅଧିକାର କର୍ମୀ ସ୍ୱାତୀ ହୋତା ଏବଂ ଅଞ୍ଜଳି ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀମତୀ ପାତ୍ର କହିଛନ୍ତି ଯେ, ଏହି ତିନି ଦିନିଆ ଅଧିବେଶନ ୨୫ ବର୍ଷର ଅମୃତକାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ୩୩ ପ୍ରତିଶତ ମହିଳା ସଂରକ୍ଷଣ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ବିକଶିତ ଭାରତର ଆଧାରଶୀଳା। ଏହା ଦ୍ୱାରା ମହିଳାମାନେ କେବଳ ନୀତିର ହିତାଧିକାରୀ ହୋଇ ରହିବେ ନାହିଁ ବରଂ ନୀତି ନିର୍ମାତା ସାଜିବେ ବୋଲି ପ୍ରକାଶ କରିଛନ୍ତି। କୋରାପୁଟ ର ମହିଳା ମାନେ ଅର୍ଥନୈତିକ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଥିବା ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସକାଳେ ମହିଳା ମାନଙ୍କର ଏକ ସ୍କୁଟି ରାଲି ଅଶୋକ ନଗର ହନୁମାନ ବାଟିକାରୁ ବାହାରି ସହର ପରିକ୍ରମା କରିଥିଲା। ଅପରାହ୍ନରେ ମହିଳା ମାନଙ୍କର ଏକ ଶୋଭାଯାତ୍ରା ଡିଏନକେ ଛକରୁ ବାହାରି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କମିଶନର ବବିତା ପାତ୍ରଙ୍କ ସମେତ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ସମେତ ଦୁଇ ହଜାର ମହିଳା ଯୋଗ ଦେଇଥିଲେ। ମେଡିକାଲ କଲେଜ ଅଡିଟୋରୀୟମ ଠାରେ ଏକ ସଭା ଅନୁଷ୍ଠିତ ହୋଇ ମିଶନଶକ୍ତି ଉପରେ ଆଲୋଚନା କରାଯାଇଥିଲା। ମହିଳା ମାନେ ମିଶନ ଶକ୍ତି ମାଧ୍ୟମରେ କିପରି ଅଧିକରୁ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ସେ ସଂପର୍କରେ କମିଶନର ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅମୃତ କୁମାର ପାଢ଼ୀ, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି, ଡେପୁଟି କଲେକ୍ଟର ସଙ୍ଗଜିତା ମାଝୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝୀ, ସମାଜସେବୀ ପୂର୍ଣ୍ଣିମା ନାୟକ, ସ୍ୱାତୀ ଓଝା, ଅଞ୍ଜଳି ମିଶ୍ରଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

**ଜିଲ୍ଲା ପରିଷଦ ବୈଠକରେ ଆମ୍ବାଦଳା ସ୍କୁଲରେ ଅନିୟମିତତା ପ୍ରସଙ୍ଗ**

# ତତ୍କାଳ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି



ମୁନିଗୁଡ଼ା,୧୫।୪(ସମିସ): ଆମ୍ବାଦଳ ମଙ୍ଗଳ ବିଭାଗ ହାଇସ୍କୁଲରେ ଚାଲୁଥିବା ଅନିୟମିତତା ପ୍ରସଙ୍ଗ ରାୟଗଡା ଜିଲ୍ଲାପରିଷଦ ବୈଠକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ସୁନା ଏହି ପ୍ରସଙ୍ଗକୁ ଉଠାଇ ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ଅନେକ ଅନିୟମିତତା ଚାଲିଆସୁଥିବା ଅଭିଯୋଗ କରିଥିଲେ। ଅଭିଭାବକମାନଙ୍କୁ ଗାଳି-ଗୁଲଜ କରିବା, ଧମକ ଦେବା ଓ ଦଳିତ ଅଭିଭାବକଙ୍କୁ ଜାତିଆଣ ଆକ୍ଷେପ କରିବା ସମ୍ବନ୍ଧୀୟ ଅଭିଯୋଗ ଥାନାରେ ରହିଥିବା ସତ୍ତ୍ୱେ ପ୍ରଶାସନ କୌଣସି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲାବାମନ ମୂର୍ତ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେଇ ନଥିବାକୁ ସେ ପ୍ରଶ୍ନ କରିଥିଲେ। ଏହାଛଡ଼ା ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଧିକାରୀ ଶ୍ୟାମ ଘନ ଭୂଇଁଆ ଓ ବିଷମ କଟକ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଓ ମୁନିଗୁଡା ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ଗଠିତ ତିନି ସଦସ୍ୟ ତଦନ୍ତ ଦଳ ଦ୍ୱାରା ଅନେକ ଅନିୟମିତତା ପ୍ରମାଣିତ ହେବା ସତ୍ତ୍ୱେ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଗତ ମାର୍ଚ୍ଚ ୨ ତାରିଖରେ ହଷ୍ଟେଲରେ ଜଣେ ଆଦିବାସୀ ଛାତ୍ରୀଙ୍କ ସନ୍ଦିଗ୍ଧ ମୃତ୍ୟୁ ଘଟଣାରେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ଭୂମିକା ନେଇ ସନ୍ଦେହ ଉଠିଥିବା ସତ୍ତ୍ୱେ ପ୍ରଶାସନ ନିଷ୍କ୍ରିୟ ରହିଥିବା ନେଇ ସେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ଆହୁରି କହିଥିଲେ ଯେ, ବିଦ୍ୟାଳୟରେ ସିନିୟର ଛାତ୍ରମାନଙ୍କ ଦ୍ୱାରା ଜୁନିୟରମାନଙ୍କୁ ମାଡ଼ ମାରି ଆହତ କରାଯିବା, ପ୍ରାର୍ଥନା ସଭାକୁ ବିଳମ୍ବରେ ଆସିଥିବା ଛାତ୍ରମାନଙ୍କୁ ତୀବ୍ର ଖରାରେ ଦୀର୍ଘ ସମୟଧରି ଆଣ୍ଠେଇ ରଖିବା ପରି ଅମାନବିକ ଘଟଣା ଘଟିଥିଲେ ମଧ୍ୟ କୌଣସି ପଦକ୍ଷେପ ହୋଇନାହିଁ। ଏପରିକି ଅନ୍ୟ ଜିଲ୍ଲାରେ ସମାନ ଘଟଣାରେ ତୁରନ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ଦୃଷ୍ଟାନ୍ତ ଥିବା ସତ୍ତ୍ୱେ ଆମ୍ବାଦଳା ଘଟଣାରେ ସେହିପରି ପଦକ୍ଷେପ ନ ହେବାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ପ୍ରଶ୍ନ କରିଥିଲେ ଯେ, ଲଗାତାର ଅଭିଯୋଗ ଉଠୁଥିବା ସତ୍ତ୍ୱେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାହିଁକି କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ ଓ ଏହା ପଛରେ କୌଣସି ପ୍ରଭାବଶାଳୀ ହସ୍ତକ୍ଷେପ ଅଛି କି, ଜିଲ୍ଲା ମଙ୍ଗଳ ବିଭାଗରେ ବହୁ ସଂଖ୍ୟକ ବଦଳି ହୋଇପାରୁଥିବା ସତ୍ତ୍ୱେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ନ ହେବାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। ଏହି ପ୍ରସଙ୍ଗରେ ସ୍ଥାନୀୟ ବିଷମକଟକ ବିଧାୟକ ନୀଳ ମାଧବ ହିକ୍‌କା ମଧ୍ୟ ଉପାଧ୍ୟକ୍ଷଙ୍କୁ ସମର୍ଥନ କରି କହିଥିଲେ ଯେ, ମଙ୍ଗଳ ବିଭାଗର ବ୍ୟବସ୍ଥାରେ ଏପରି ଅବହେଳା କେବେ ବି ସହ୍ୟ କରାଯିବ ନାହିଁ। ସେ ତତ୍କାଳ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ବୈଠକରେ ଉପସ୍ଥିତ ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଏହି ପ୍ରସଙ୍ଗ ସମର୍ଥନ କରିଥିଲେ। ଶେଷରେ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜଣାଇଥିବା ସୂଚନା ମିଳିଛି।

ସକାଳ
THE SAKALA

ସମ୍ପାଦକୀୟ



ଜାତୀୟ ସୁରକ୍ଷା ଯେକୌଣସି ସରକାରର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ନାଗରିକଙ୍କ ସାମ୍ବିଧାନିକ ସ୍ୱାଧୀନତାର ସୁରକ୍ଷା ପାଇଁ ମଧ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହେବା ଦରକାର ।
- ଥେରେସା ମେ

# ସୀମା ନିର୍ଦ୍ଧାରଣ ଝଡ଼

୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସଂସଦର ସ୍ୱତନ୍ତ୍ର ଅଧିବେଶନ । ତିନି ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି । ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସହିତ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ଏହି ଅଧିବେଶନରେ ଅନୁମୋଦନ ପ୍ରଦାନ କରିବାକୁ ସରକାର ଯୋଜନା କରିଛନ୍ତି । ମହିଳା ଆସନ ସଂରକ୍ଷଣ ବିଲ୍‌କୁ ପ୍ରାୟ ସବୁ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ନେଇ ଏବେଠାରୁ ବିଶାଳ ଜନଅସନ୍ତୋଷ ଦେଖାଦେଲାଣି । ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେଉଛି ଏକ ନିୟମିତ ପ୍ରକ୍ରିୟା, ଯାହାକି କିଛି ଦଶନ୍ଧି ବ୍ୟବଧାନରେ କରାଯାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସଂଖ୍ୟା ବୃଦ୍ଧି ସହିତ ଲୋକସଭାରେ ରାଜ୍ୟମାନଙ୍କୁ ଯେପରି ଉଚିତ ପ୍ରତିନିଧିତ୍ୱ ମିଳିବ । ସ୍ୱାଧୀନ ଭାରତ ଇତିହାସରେ ପଞ୍ଚମ ଥର ଲାଗି ଏଭଳି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଦେଶରେ ପ୍ରଥମ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ୧୯୫୨ରେ ହୋଇଥିଲା । ୧୯୫୧ ଜନଗଣନାକୁ ଭିତ୍ତି କରି ଲୋକସଭା ସଭ୍ୟ ସଂଖ୍ୟା ୪୯୪ ଧାର୍ଯ୍ୟ ହୋଇଥିଲା । ପୁଣି ୧୯୬୩ ଏବଂ ୧୯୭୩ରେ ମଧ୍ୟ ଅନୁରୂପ ସୀମା ପୁନଃନିର୍ଦ୍ଧାରଣ କରାଯାଇଥିଲା । ୧୯୭୧ ଜନଗଣନାକୁ ଆଧାର କରି ୧୯୭୩ରେ କରାଯାଇଥିବା ସୀମା ପୁନଃନିର୍ଦ୍ଧାରଣ ବେଳେ ଲୋକସଭା ସଭ୍ୟ ସଂଖ୍ୟା ୫୪୩କୁ ଧାର୍ଯ୍ୟ କରାଯାଇଥିଲା, ଯାହା ଆଜି ବି ଅବ୍ୟାହତ ରହିଛି । ସେତେବେଳେ ଦେଶର ଲୋକସଂଖ୍ୟା ୫୪.୮ କୋଟି ଥିଲା । ୨୦୦୨ରେ ସୀମା ପୁନଃନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଲୋକସଭା ସଭ୍ୟସଖ୍ୟା ଅପରିବର୍ତ୍ତିତ ରହିଥିଲା । କେବଳ ସୀମାପୁନର୍ଗଠନ କରାଯାଇଥିଲା । ୧୯୭୧ ତୁଳନାରେ ୨୦୧୧ରେ ଜନସଂଖ୍ୟା ଦୁଇ ଗୁଣା ବୃଦ୍ଧି ପାଇଥିବାରୁ ଏଥର ଲୋକସଭା ସଭ୍ୟସଂଖ୍ୟା ୮୫୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି । ସଂସଦରେ ଏ ସଂକ୍ରାନ୍ତ ବିଲ୍ ଆଗତ ହେବାପୂର୍ବରୁ ଝଡ଼ ଆରମ୍ଭ ହୋଇଗଲାଣି । ଆସାମ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଶେଷ ହୋଇଛି ଏବଂ ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଶୀର୍ଷରେ ପହଞ୍ଚିଥିବା ବେଳେ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ଏଭଳି ବିଲ୍ ଆଗତ କରାଇବାକୁ ନେଇ ଦେଶସାରା ପରିବେଶ ସରଗରମ ହୋଇଉଠିଛି । ବିରୋଧୀ ଦଳ ଏହି ଅଧିବେଶନର ସମୟକୁ ନେଇ ଆପତ୍ତି ଉଠାଇବା ସହିତ ଅଭିଯୋଗ କରିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ଆଳରେ ସରକାର କ୍ଷମତାସୀନ ଦଳର ସ୍ୱାର୍ଥ ପାଇଁ ଲୋକସଭା ଆସନ ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି । ଏହା କେବଳ ଯେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ବିବାଦ ସୃଷ୍ଟି କରିବ ତାହା ନୁହେଁ; ଏହା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ବିପର୍ଯ୍ୟସ୍ତ କରିପକାଇବ ।

ଦକ୍ଷିଣ ଭାରତ ରାଜ୍ୟର ଅନେକ ନେତା ଅଭିଯୋଗ କରିଛନ୍ତି ଯେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବଢ଼ିଲେ, ଏହାର ସବୁଠାରୁ ବେଶି ଫାଇଦା ଉତ୍ତର ଏବଂ ମଧ୍ୟ ଭାରତର ରାଜ୍ୟମାନଙ୍କୁ ମିଳିବ । କାରଣ ଜନସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟମାନେ ଅଧିକ ଆସନ ପାଇବେ । ଅନ୍ୟପକ୍ଷରେ ପରିବାର ନିୟୋଜନ ନୀତିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିଥିବା ଦକ୍ଷିଣ ଭାରତର ଅନେକ ରାଜ୍ୟଙ୍କ ଭାଗରେ କମ୍ ଆସନ ପଡ଼ିବ । ଏହା ହେଲେ କେନ୍ଦ୍ରରେ ସରକାର ଗଠନରେ ଦକ୍ଷିଣ ଅପେକ୍ଷା ଉତ୍ତର ଭାରତ ରାଜ୍ୟମାନଙ୍କର ଅଧିକ ଦବ୍‌ଦବା ରହିବ । ସରକାର ଗଠନ ଏବଂ ନୀତି ନିର୍ଦ୍ଧାରଣରେ ଛୋଟ ଛୋଟ ରାଜ୍ୟ ଏବଂ ବିଶେଷକରି ଦକ୍ଷିଣାଞ୍ଚଳ ରାଜ୍ୟମାନଙ୍କର ବିଶେଷ ଭୂମିକା ରହିବ ନାହିଁ । ସେମାନଙ୍କର ସ୍ୱାର୍ଥର କୌଣସି ମହତ୍ୱ ରହିବ ନାହିଁ । କଂଗ୍ରେସ ନେତା ଶଶୀ ଥରୁରଙ୍କ ମତରେ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା କେରଳ, ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟମାନଙ୍କ ପ୍ରଭାବ ଜାତୀୟ ରାଜନୀତିରେ ହ୍ରାସ ପାଇବ ।

୨୦୧୧ ଜନସଂଖ୍ୟା ଆଧାରରେ ଲୋକସଭା ଆସନ ବଢ଼ିଲେ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ହିନ୍ଦୀ ଭାଷାଭାଷୀ ରାଜ୍ୟମାନେ ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିବେ । ଏହି ରାଜ୍ୟମାନଙ୍କ ଅନୁସାରେ ଦେଶର ଶାସନ ଚାଲିବ । ସରକାର ଗଠନ ଏବଂ ଜାତୀୟ ନୀତି ନିର୍ଦ୍ଧାରଣରେ ଏମାନଙ୍କର ବିଶେଷ ଭୂମିକା ରହିବ । ପରିବାର ନିୟୋଜନ ନୀତି କାର୍ଯ୍ୟକାରୀ କରିଥିବାରୁ ଦକ୍ଷିଣାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହା ଦଣ୍ଡ ସଦୃଶ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଲୋକସଭା ଆସନ ସଂଖ୍ୟା ବଣ୍ଟନରେ ଏଭଳି ତାରତମ୍ୟ ରହିଲେ ଦେଶର ସଂଘୀୟ ଢାଞ୍ଚା ଭୁଶୁଡ଼ି ପଡ଼ିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ଡିଏମ୍‌କେ ସୁପ୍ରିମୋ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡୀ, ଟିଏମ୍‌ସି ନେତା ଡେରେକ ଓବ୍ରଏନ ଏବଂ କପିଲ ଶିବଲ ମଧ୍ୟ ସମାନ ଆଶଙ୍କା ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ବିଲ୍‌କୁ କେହି ବିରୋଧ କରୁନାହାନ୍ତି । କିନ୍ତୁ ଏହାରି ଆଳରେ ଲୋକସଭା ଆସନ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାର କୌଣସି ଆବଶ୍ୟକତା ନାହିଁ । ୨୦୨୯ ନିର୍ବାଚନରେ ବିଜେପିକୁ ଫାଇଦା ପହଞ୍ଚାଇବା ଲାଗି ସରକାର ତରବର ହୋଇ ଏଭଳି ବିଲ୍ ଆଣିଥିବା ସେମାନେ କହିଛନ୍ତି । ରାଜ୍ୟମାନଙ୍କ ସହ ବିନା ପରାମର୍ଶରେ ସରକାର ଏକପାଖିଆ ଭାବେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିଲେ ୧୯୫୦ ଏବଂ ୧୯୬୦ ଦଶକ ଭଳି ତାମିଲନାଡୁରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ସମଗ୍ର ବିରୋଧୀ ଦଳ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଛି । କିନ୍ତୁ ମହିଳା ବିଲ୍ ଆଳରେ ସରକାର ଯେଉଁଭଳି ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ କରିବାକୁ ଯାଉଛନ୍ତି, ତାହାକୁ ଗ୍ରହଣ କରାଯିବ ନାହିଁ । ଏହା ବିରୋଧରେ ଇଣ୍ଡିଆ ମେଣ୍ଟ ମତଦାନ କରିବ ସେ ବୋଲି କହିଛନ୍ତି ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଇ ୨୦ ପେଟ୍ରୋଲ

ଇଂ ମାୟାଧର ସ୍ୱାଇଁ

ଏହି ବର୍ଷ ଅପ୍ରେଲ ୧ ତାରିଖରୁ ଦେଶର ସମସ୍ତ ପେଟ୍ରୋଲ ପମ୍ପରେ ଇ୨୦ ପେଟ୍ରୋଲ ଦେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବାଧ୍ୟତାମୂଳକ କରାଯାଇଛି । ଇ ୨୦ ପେଟ୍ରୋଲ ହେଉଛି ସାଧାରଣ ପେଟ୍ରୋଲ ଓ ଇଥାନଲର ମିଶ୍ରଣ । ଏହି ଇନ୍ଧନରେ ୮୦ ପ୍ରତିଶତ ହେଉଛି ପେଟ୍ରୋଲ ଏବଂ ୨୦ ପ୍ରତିଶତ ଇଥାନଲ । ଯାନବାହାନ ଇନ୍ଧନରେ ପେଟ୍ରୋଲ ପରିମାଣ ହ୍ରାସ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଭାରତ ଏହାର ଆବଶ୍ୟକ ପେଟ୍ରୋଲିୟମର ୭୦ ପ୍ରତିଶତରୁ ଅଧିକ ଆମଦାନୀ କରିଥାଏ । ଏଥିପାଇଁ ବୈଦେଶିକ ପୁଞ୍ଜି ବ୍ୟୟ ହେବା ସହିତ ଅନେକ ଭୂରାଜନୈତିକ କାରଣରୁ ପେଟ୍ରୋଲ ଆଣିବା ବେଳେ ଆମେରିକା କଟକଣା ଜାରି କଲା । ଏବେ ଇରାନ ଏବଂ ଅମେରିକା – ଇସ୍ରାଏଲ ଯୁଦ୍ଧ ଯୋଗୁଁ ଇରାନ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳରେ ପ୍ରତିରୋଧ କରିବାରୁ ତୈଳ ଆସିବାରେ ବାଧା ପହଞ୍ଚିଛି । ବର୍ତ୍ତମାନର ଉପସାଗରୀୟ ଯୁଦ୍ଧ ଯୋଗୁଁ ଦେଶକୁ ପେଟ୍ରୋଲିୟମ ତୈଳ ଆମଦାନୀରେ ହ୍ରାସ ଘଟିଛି ।

ଭାରତ ସରକାର ଅପ୍ରେଲ ୧ ରୁ ଇ୨୦ ପେଟ୍ରୋଲ ପ୍ରଚଳନ କରିଥିଲେ ସୁଦ୍ଧା ଏହି ବିଷୟରେ ବହୁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ । ପେଟ୍ରୋଲ ଓ ଡିଜେଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ପାଇଁ କେନ୍ଦ୍ର ସରକାର ୨୦୨୩ ମସିହାରେ ବିଲ୍ ଆଣିଥିଲେ ଏବଂ ୨୦୩୦ ମସିହା ସୁଦ୍ଧା ଇନ୍ଧନରେ ଇଥାନଲର ପରିମାଣକୁ ୩୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ କହିଥିଲେ । ଅନେକ ଜାଣି ନ ଥିବେ ଯେ ଆମେ ଅପ୍ରେଲ ମାସ ପୂର୍ବରୁ ଇ ୧୦ ପେଟ୍ରୋଲ ବ୍ୟବହାର କରୁଥିଲେ, ଅର୍ଥାତ୍ ଇନ୍ଧନରେ ୧୦ ପ୍ରତିଶତ ଇଥାନଲ ଥିଲା ଏବଂ ଏହା ବର୍ତ୍ତମାନ ୨୦ ପ୍ରତିଶତକୁ ବୃଦ୍ଧି ପାଇଛି । ଇ ୨୦ ପେଟ୍ରୋଲ ବ୍ୟବହାର ଦେଶ ପାଇଁ ଅନେକ ଉପକାର କରିବ । ଅର୍ଥନୀତି ଦୃଷ୍ଟିରୁ ଦେଖିଲେ ଏହାଦ୍ୱାରା ଅଶୋଧିତ ପେଟ୍ରୋଲିୟମ ରପ୍ତାନୀ ହ୍ରାସ ପାଇବ ଏବଂ ଦେଶର ବୈଦେଶିକ ପୁଞ୍ଜି ସଞ୍ଚୟ ହୋଇପାରିବ । ଦ୍ୱିତୀୟରେ ପୃଥିବୀର ଭୂରାଜନୈତିକ ଦୃଷ୍ଟିରୁ ଆମକୁ ଆମ ଦେଶ ଉପରେ ଥିବା ନିର୍ଭରଶୀଳତା ହ୍ରାସ ପାଇବ । ଏହାର ଅନ୍ୟ ଏକ ଉପକାର ହେଉଛି ପରିବେଶଗତ । ପେଟ୍ରୋଲ ଦହନ ଅପେକ୍ଷା ଇଥାନଲ ଦହନରେ କମ୍ ପରିମାଣର କାର୍ବନ ମନୋକ୍ସାଇଡ ଓ ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ । ପ୍ୟାରିସ ରାଜିନାମା ଅନୁଯାୟୀ ଭାରତ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ରାଷ୍ଟ୍ରରେ ପରିଣତ ହେବା ପାଇଁ ଘୋଷଣା କରିଛି । ଏପ୍ରିଲରୁ ଇ ୨୦ ପେଟ୍ରୋଲ ବ୍ୟବହାର ଏଥିରେ ଆମର ସହାୟତା ହେବ । ଇ ୨୦ ପେଟ୍ରୋଲ ବ୍ୟବହାରର ଅନ୍ୟ ଏକ ଉପକାର ହେଉଛି ଯେ ଏହାଦ୍ୱାରା ଦେଶର କୃଷକ ସମାଜ ଲାଭବାନ ହେବେ । ସାଧାରଣତଃ ଆଖୁ




ଓ ମକାରୁ ଇଥାନଲ ଉତ୍ପାଦନ କରାଯାଏ । ଏଣୁ ଏହାକୁ ଚାଷ କରି ଚାଷୀମାନେ ଉପକୃତ ହୋଇପାରିବେ । ଇଥାନଲ ହେଉଛି ଗୋଟିଏ ଜୈବ ଇନ୍ଧନ. ଯାହା କୃଷି ଜାତ ପଦାର୍ଥରୁ ଉତ୍ପାଦନ କରାଯାଇଥାଏ । ଗାଡ଼ିର ଇଞ୍ଜିନର କାର୍ଯ୍ୟ ପାଇଁ ଇ ୨୦ ପେଟ୍ରୋଲ ହେଉଛି ଉତ୍କୃଷ୍ଟ । ଇ ୨୦ ପେଟ୍ରୋଲର ଅକ୍ଟେନ ସଂଖ୍ୟା ୯୫ ଥିବା ବେଳେ ସାଧାରଣ ପେଟ୍ରୋଲ ଏହା ହେଉଛି ୯୧ ରୁ ୯୨ ମଧ୍ୟରେ । ଅକ୍ଟେନ ସଂଖ୍ୟା ଅଧିକ ହେଲେ ଇଞ୍ଜିନରେ ପେଟ୍ରୋଲର ଦହନ ଉତ୍ତମ ହେବ ।

ଅନେକ ଉପକାର ସତ୍ତ୍ୱେ ଇ ୨୦ ପେଟ୍ରୋଲର ମଧ୍ୟ କେତେକ ଅସୁବିଧା ଅଛି । ସାଧାରଣ ପେଟ୍ରୋଲ ଅପେକ୍ଷା ଏହାର ଶକ୍ତି ସାନ୍ଦ୍ରତା ହେଉଛି କମ୍ । କାରଣ ଇଥାନଲର କ୍ୟାଲୋରୀୟ ମୂଲ୍ୟ ହେଉଛି ପେଟ୍ରୋଲଠାରୁ କମ୍ । ଏଣୁ ଗାଡ଼ିର ମାଇଲେଜ ଦୁଇରୁ ସାତ ପ୍ରତିଶତ ହ୍ରାସ ପାଇପାରେ । ପୁନଶ୍ଚ ଇ ୨୦ ପେଟ୍ରୋଲ ବ୍ୟବହାର କଲେ ପୁରୁଣା ଗାଡିଗୁଡିକର ରବର ଅଂଶ ଓ ଗାସ୍କେଟଗୁଡିକ ଶୀଘ୍ର କ୍ଷୟ ହେବ । ୨୦୨୩ ମସିହା ପରେ ନିର୍ମିତ ଗାଡ଼ିଗୁଡ଼ିକ ଇ ୨୦ ପେଟ୍ରୋଲ ପାଇଁ ଡିଜାଇନ ହୋଇଛି ଏବଂ ଏଗୁଡିକ ଉପରେ ଇ ୨୦ ପେଟ୍ରୋଲର ଏହି ପ୍ରଭାବ ପଡିବ ନାହିଁ । ମାତ୍ର ଏହା ପୂର୍ବରୁ ନିର୍ମିତ ଗାଡିଗୁଡିକ ଅଧିକ ମରାମତି ଆବଶ୍ୟକ କରିପାରେ । ଇଥାନଲ ଅଧିକ ମାତ୍ରାରେ ଆର୍ଦ୍ରତାଗ୍ରାହୀ ହୋଇଥିବାରୁ ଏହା ପରିବେଶରୁ ଜଳୀୟବାଷ୍ପ ଗ୍ରହଣ କରିଥାଏ ଏବଂ ଏକ ଦୃଢ଼ ଦ୍ରାବକ ଭାବେ କାର୍ଯ୍ୟ କରେ । ଏହା ଫଳରେ ଲୁହା ଇନ୍ଧନ ପାଇପ, ଇନ୍ଧନ ଟାଙ୍କି ଓ କାର୍ବୁରେଟର୍‌ରେ ସଂକ୍ଷାରଣ ଘଟିଥାଏ । କିନ୍ତୁ ନୂଆ ଗାଡ଼ିର ଡିଜାଇନରେ ଏଥିପ୍ରତି ଧ୍ୟାନ ଦିଆଯାଇ ଥିବାରୁ ଏହି ଅସୁବିଧା ହେବ ନାହିଁ ।

ଇଥାନଲ ଦହନରେ କାର୍ବନ ମନୋକସାଇଡ, ଅଣ-ମିଥେନ ହାଇଡ୍ରୋକାର୍ବନ ଏବଂ ସୂକ୍ଷ୍ମ କଣିକା ଉତ୍ସର୍ଜନ ହ୍ରାସ ପାଉଥିବା ବେଳେ ନାଇଟ୍ରୋଜେନ ଅକ୍‌ସାଇଡ୍ ଓ କାର୍ବୋନିଲ୍ ଉତ୍ସର୍ଜନ ବୃଦ୍ଧି ପାଇଥାଏ । ଶେଷ ଦୁଇ ପଦାର୍ଥ ହେଉଛି ବିଷାକ୍ତ । ବ୍ରାଜିଲ ଆଖୁରୁ ପ୍ରଚୁର ପରିମାଣର ଇଥାନଲ ଉତ୍ପାଦନ କରୁଛି ଏବଂ ଏହାକୁ ବ୍ୟବହାର କରୁଛି । ଏହା ଏହି ଦୁଇ ପଦାର୍ଥର ଉତ୍ସର୍ଜନକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆଇନ୍ ପ୍ରଣୟନ କରିଛି । କିନ୍ତୁ ଭାରତରେ ସେପରି ଆଇନ୍ ନାହିଁ ।

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ହେଲେ ଦେଶରେ ଏହାର ଉତ୍ପାଦନକୁ ବଢ଼ାଇବାକୁ ପଡ଼ିବ । ରାସାୟନିକ ଔଷଧ ଓ ପାନୀୟ ଶିଳ୍ପ ଗୁଡିକରେ ଇଥାନଲ କଞ୍ଚାମାଲ ହିସାବରେ ବ୍ୟବହୃତ ହୁଏ । ଏହି ଶିଳ୍ପ ଗୁଡିକୁ ଇଥାନଲ ଯୋଗଣ ପାଇଁ ଭାରତ ବାହାରୁ ମକା ଆମଦାନୀ କରୁଛି । ବର୍ତ୍ତମାନ ଏହାକୁ ମଧ୍ୟ ଅଧିକ ପରିମାଣର ଇଥାନଲ ଆମଦାନୀ କରିବାକୁ ପଡିବ ।

ଦେଶର ଅର୍ଥନୀତି, ପର୍ଯ୍ୟାବରଣ ଓ ଆତ୍ମନିର୍ଭରଶୀଳତା ପାଇଁ ଗାଡି ମୋଟରରେ ଇ ୨୦ ପେଟ୍ରୋଲ ବ୍ୟବହାର ହେଉଛି ଏକ ଉଚିତ୍ ପଦକ୍ଷେପ । ଇ ୨୦ କୁ ବଢ଼ାଇ ଇ ୩୦ କିମ୍ବା ଇ ୫୦ ପେଟ୍ରୋଲ ବ୍ୟବହାର ପାଇଁ ଗାଡ଼ିଗୁଡ଼ିକୁ ମଧ୍ୟ ଡିଜାଇନ କରାଯାଇଛି । ଏପରିକି କେବେଳ ଇଥାନଲ (ଇ ୧୦୦ ଇନ୍ଧନ) ରେ ଚାଲିବା ପାଇଁ ପରୀକ୍ଷାମୂଳକ ଭାବରେ ଗାଡ଼ି ନିର୍ମିତ ହୋଇଛି ।

ବ୍ରାଜିଲରେ ପ୍ରଚୁର ଆଖୁ ଚାଷ ଓ ଆମେରିକାରେ ପ୍ରଚୁର ମକା ଚାଷ ହେଉଥିବାରୁ ସେଠାରେ ସେଥିରୁ ଇଥାନଲ ଉତ୍ପାଦନ କରାଯାଉଛି । ଆମ ଦେଶରେ ଏହା ଆଖୁ ଓ ବିଭିନ୍ନ ଶସ୍ୟରୁ ଉତ୍ପାଦିତ ହେଉଛି । ୨୦୨୪ ମସିହାରେ ଦେଶରେ ୧୬୨୩ କୋଟି ଲିଟର ଇଥାନଲ ଉତ୍ପାଦିତ ହୋଇଥିବା ବେଳେ ୨୦୨୫ ମସିହାରେ ଏହା ୧୭୦୪ କୋଟି ଲିଟର ଥିଲା । ସମଗ୍ର ଦେଶରେ ଇ ୨୦ ପେଟ୍ରୋଲ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ପରେ ଏହାର ଚାହିଦା ବଢ଼ିବ । ଏଥିପାଇଁ ଏହାକୁ ବାହାର ଦେଶରୁ ଆମଦାନୀ କଲେ ଏହାର ଖର୍ଚ୍ଚ ପେଟ୍ରୋଲିୟମ ଆମଦାନୀ ହ୍ରାସ ଲାଭ ସହିତ ସମାନ ହେଲେ ଆମେ ବିଶେଷ ଲାଭବାନ ହୋଇପାରିବା ନାହିଁ । ଅନ୍ୟ ଉତ୍ସ ଯଥା ଶସ୍ୟ ଅବଶେଷ ଏବଂ ମ୍ୟୁନିସିପାଲିଟି ଅବଶେଷରୁ ଇଥାନଲ ଉତ୍ପାଦନ କରିବାକୁ ଚେଷ୍ଟା ଚାଲିଛି । ଏଥିପାଇଁ ଅଣ-ଖାଦ୍ୟ ଶସ୍ୟରୁ ଜୈବ ଇଥାନଲ ଉତ୍ପାଦନ ପାଇଁ 'ପିଏମ୍ – ଜୀବନ' ଯୋଜନାରେ କାର୍ଯ୍ୟକ୍ରମ ରଖାଯାଇଛି ।


୭୦, ଲକ୍ଷ୍ମୀବିହାର ଫେଜ୍–୧
ଭୁବନେଶ୍ୱର–୭୫୧୦୧୮
ମୋ- ୯୪୩୮୬୯୩୭୨୪

# ଡାକରା ଅପେକ୍ଷାରେ

ନାଟ୍ୟକାର ଜଗନ୍ନାଥ ବେହେରା

ଈଶ୍ୱରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଯେ ମୋଠାରୁ ସ୍ମରଣ ବା ସ୍ମୃତି ଶକ୍ତି ହରଣ କରିନେଇଛନ୍ତି, ଶ୍ରବଣ ଶକ୍ତି ନେଇଛନ୍ତି ଦୃଷ୍ଟି ଶକ୍ତି ମଧ୍ୟ କମେଇ ଦେଇଛନ୍ତି । ଅଣ୍ଟା ଭାଙ୍ଗିଦେଇ ଗୋଡ଼ ହାତ ଦୁର୍ବଳ କରିଦେଇ ଛନ୍ତି । ନଚେତ ସବୁ ପୁରୁଣା ସ୍ମୃତି ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥା'ନ୍ତେ । ହାତରେ ବାଡ଼ିଟିଏ ଧରି ଶୂନ୍ୟ ଆକାଶକୁ ଚାହିଁ ବାରଣ୍ଡାରେ ଚୁପ୍‌ଚାପ୍ ବସିଥିବା ସାରଦା ମଉସାଙ୍କୁ କିଛି ପଚାରିବା ପୂର୍ବରୁ ତାଙ୍କ ହୃଦୟ ସନ୍ଧିରୁ ଉଦ୍‌ଗୀରଣ ହୋଇଗଲା ବହୁଦିନରୁ କହିବ କହିବ ହେଉଥିବା ଅକୁହା କଥାଗୁଡାକ । ଦୁଇ ଟୋପା ଲୁହ ପୋଛୁ ପୋଛୁ ଦୀର୍ଘଶ୍ୱାସ ନେଇ ବିରକ୍ତ ଭାବ ପ୍ରକାଶ ପୂର୍ବକ କହିଲେ, ଏ ଘର ପାଇଁ ମୁଁ କ'ଣ କରି ନ ଥିଲି; ହେଲେ ଏ ଘର ମୋତେ କ'ଣ ଦେଲା ? ତାଡ଼ନା, ଯାତନା ଆଉ ଗାଳିଗୁଲଜ । ନିରୁପାୟ ହୋଇ କେବଳ ଉପର ବାଲାର ଗୋଟିଏ ଡାକରାକୁ ଅପେକ୍ଷା କରିଛି । ଥରେ ଉପରୁ ଡାକରା ଆସିଗଲେ ଏମାନେ କିଏ ମୁଁ କିଏ?

ମଉସା କାହିଁକି ଏମିତି ଅଶୁଭ କଥାଗୁଡାକ ପାଟିରେ ଧରୁଛନ୍ତି । ଆପଣାର ବୁଝିବା ଶୁଝିବା ଲୋକ । ସାରଦା ମଉସା କ୍ଷୋଭ ବ୍ୟକ୍ତ କରି କହିଲେ, ବୁଝିଲ ପୁଅ ତମକୁ କ'ଣ ଲୁଚେଇବି । ଘର କଥା ବାହାରେ କହି ହେଉନାହିଁ । ୨୩ ବର୍ଷ ବୟସରେ ହଠାତ୍ ବାପା ମୋର ବାହାଘର କରିଦେଲେ । ସେଦିନଠାରୁ ଆଜି ପର୍ଯ୍ୟନ୍ତ କେବଳ ଅନୁତାପ, ପଶ୍ଚାତାପ । ସାଂସାରିକ ଘୂର୍ଣ୍ଣିଝଡ଼ରେ ମା'ଙ୍କୁ ବୁଝେଇଲେ ସ୍ତ୍ରୀ ଅଭିମାନ କରୁଥିଲେ । ସ୍ତ୍ରୀ ପକ୍ଷରେ କିଛି କହିଲେ ମା' କିଛି କହି ନ ପାରି କାନ୍ଦୁଥିଲେ । ଶାଶୂ-ବୋହୂଙ୍କୁ ବୁଝେଇ ନ ପାରି ନିଜେ ଲୁଚି ଲୁଚି କାନ୍ଦୁଥିଲି । ଭାଗ୍ୟ ଆଉ ଭଗବାନଙ୍କୁ ନିନ୍ଦୁଥିଲି । ବାପାମାଆଙ୍କ ଦାୟିତ୍ୱ ବାଦେ ମୋର ଦୁଇଟି ପୁଅ ଝିଅ ପାଇଁ ସ୍କୁଲ ଖୋଜି ପାଠ ପଢ଼ାଇବା ଦାୟିତ୍ୱ ପୁଣି ମୋ ଉପରେ ଥିଲା । ଜଣେ ମଣିଷ ପକ୍ଷେ ଚବିଶି ଘଣ୍ଟା ଚିନ୍ତାରେ ରହିବା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ଡାକ୍ତର ହିଁ କହି ପାରିବେ । ବାପା ମାଆଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଚିନ୍ତାରେ ପିଲାଙ୍କ ଶିକ୍ଷା ବ୍ୟବସ୍ଥାକୁ ବୁଝିବାକୁ ପଡୁଥିଲା । ଚାଷ ପରେ ବାସ ନିମନ୍ତେ ଭଲ ଘର ଖଣ୍ଡେ କରିବା ଚିନ୍ତାରେ ମଣିଷକୁ ବାର ଦୁଆର ହେବାକୁ ପଡୁଥିଲା । ଘର କାମ ସମୟରେ କୁଲି ମିସ୍ତ୍ରିଙ୍କ ନିୟମିତ କାମ ଅଭାବ ଚିନ୍ତାରେ ରକ୍ତଚାପ(ବିପି) ବାହାରି ପଡ଼ିଲା । ସେମାନଙ୍କ ଅବହେଳା ଯୋଗୁଁ ଗୁଡ଼ାଏ ଇଟା ଗୋଡ଼ି ସିମେଣ୍ଟ କ୍ଷତି ହେଲା । ଉନ୍ନତ ପାଠ ଚିନ୍ତାରେ ବେସରକାରୀ ସ୍କୁଲରେ ପିଲାଙ୍କ ପାଠପଢ଼ାରେ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ବୋହି ଚାଲିଲା । ସ୍କୁଲ ପରେ କଲେଜ ଲାଇନ ବଡ ଅସୁବିଧା ଥିଲା । କେଉଁ ଲାଇନ ଧରିଲେ ପିଲାଙ୍କ ଭବିଷ୍ୟତ ସହଜରେ ହେବ ତା' ପାଇଁ ଟେନସନ୍ । ପାଠ ସରୁ ସରୁ ପିଲାଙ୍କ ଚାକିରି ଚିନ୍ତାରେ ଚାରି ପାଞ୍ଚ ବରଷ ଅଫିସରୁ ଅଫିସ କୁକୁର ପରି ବୁଲିବାକୁ ପଡ଼େ ଏ ମଣିଷକୁ । ଆଜିକାଲି ଚାକିରି କେଉଁଠି ମିଳୁଛି । ମୋ ଜେଜେ ବାପାଙ୍କୁ ଘରୁ ଉଠେଇ ନେଇ ସରକାର ଚାକିରି ଖଣ୍ଡେ ଦେଇଥିଲେ । ବାପା ଙ୍କ ବେଳ କୁ ଅବଶ୍ୟ ଲେଟରେ ହେଲେ ବି ମିଳି ଯାଉଥିଲା । ଆମ ବେଳକୁ ଆଉ ନାହିଁ । ଆଜି ସରକାରୀ ଚାକିରି ତ ସପନ ହୋଇଗଲା । ଚାକିରି ଗୋଟିଏ, ହେଲେ ପିଲା ଲକ୍ଷେ ଲକ୍ଷେ । ସପ୍ତମ ପାସ ପୋଷ୍ଟକୁ ଏମ୍‌ଟେକ୍, ବିଟେକ, ଇଞ୍ଜିନିୟରିଂ ପିଲା ସବୁ ଆବେଦନ କରୁଛନ୍ତି । ସେଥିରେ ପୁଣି ଲାଞ୍ଚ ମିଛର କାରବାର । କାହାକୁ କେଉଁ ଗ୍ୟାରେଣ୍ଟିରେ ଲକ୍ଷ ଲକ୍ଷ ଟଙ୍କା ଦେଇଦେବ । ଯେମିତି ସେମିତି ପୁଅଙ୍କ ଚାକିରିଟେ ଯୋଗାଡ କରିବା ପରେ ଆରମ୍ଭ ହେଲା ପୁଣି ଟେନସନ୍ । ପୁଅ ପାଇଁ ବୋହୂ ଖୋଜା ଝିଅ ପାଇଁ ବର ଖୋଜା । ବର ଠିକ୍ ବେଳେ ଘର ଠିକ୍ ନ ଥିବ । ଘର ଦେଖିବା ବେଳେ ବର ନିଶାଡି ଥିବ । ସମସ୍କନ୍ଦ ବନ୍ଧୁ ଖୋଜିବା ବେଳେ ନାଡ଼ି ନକ୍ଷତ୍ର ମେଳ ଖାଉ ନ ଥିବା । ରାଶି ମେଳ ହେଉଥିବା ବେଳେ ରାଜ ଯୋଟକ ନଥିବ । ରାଜ ଯୋଟକ ଥିବା ବେଳେ ପୁଅର ଆଉ କେଉଁ ଝିଅ ସହିତ ଚକ୍କର ଚାଲିଥିବ । ସବୁ ଠିକ୍ ଥିବା ବେଳେ ଦାଣ୍ଡ ସୁନ୍ଦର୍ ଯୌତୁକ ଦେବା କୁ ଆମ ନିକଟରେ ବଳ ନଥିବ । ଶିକ୍ଷିତ ସମାଜରେ ଯୌତୁକ ଜୁଇରେ ଜଳୁଥିବା କଥା ଶୁଣିଲେ ନିଜକୁ ଭୟ ଲାଗୁଥିଲା । ଚାକିରି ଅନୁଯାଇ ଯୌତୁକ । ଆମ ସମୟରେ ସାଇକଲ, ହାତଘଣ୍ଟା, ରେଡିଓ ଥିଲା । ବର୍ତ୍ତମାନ ଦୁଇ ଚକିଆ ଏବଂ ଚାରି ଚକିଆ । ଏମିତି ଏକ ଭଲ ଘର ଆଉ ବଡ ଘର ଦେଖି ଝିଅ ଦେବା ପାଇଁ ସ୍ଥିର କରୁ କରୁ ଯୌତୁକ ଚିନ୍ତାରେ ସୁଗର, ଗ୍ୟାଷ୍ଟିକ ଦେହକୁ ଆକ୍ରମଣ କରନ୍ତି । ଯୌଥ ପରିବାରକୁ ଆଜିକାଲି ଝିଅ ପସନ୍ଦ କରୁ ନାହାନ୍ତି । ଝିଅର ଜିଦ୍ ଆଗରେ ବାପା ମା କେତେ ଅଧିକ କହିଲେ ଘର ଛାଡ଼ିବେ ନଚେତ ଆତ୍ମହତ୍ୟା ଧମକ । ବାହାଘର ସରିଲା ପରେ ବୋହୂଙ୍କ କଥା ଗୁଡାକ ହାର୍ଟକୁ ଏତେ ବାଧିବ ଯେ ହାର୍ଟ ଷ୍ଟକ୍ ଦେବ । ଏତେ ସବୁ କରିଲା ପରେ ମଧ୍ୟ ପିଲାଙ୍କ ସେହି ପ୍ରଶ୍ନ ତୁମେ ଆମ ପାଇଁ କଣ କରିଛ । ନା ଏକର ଏକର ଜମି ନା କୋଟି କୋଟି ଟଙ୍କା ନା ସାତ ଆଠ ମହଲା କୋଠା । କ'ଣ ରଖିଛ ? ଆଜିକାଲି ବୋହୁଗୁଡାକ ଶାଶୂ-ଶଶୁର ପ୍ରତି ଭକ୍ତି ଭାବ ନାହିଁ । ଜାତି କୂଳ ଆଚାର ବିଚାରକୁ ଖାତିରି ନାହିଁ । ଶାଶୂ ବୋହୂ ଝଗଡ଼ା ମଧ୍ୟରେ ଭଦ୍ରଲୋକ ହୋଇ ପୁଣି ଗୁଡ଼ାଏ ଦିନ ହଟହଟା ହେବାକୁ ପଡୁଛି । ସ୍ତ୍ରୀ ସପକ୍ଷରେ କହିଲେ ବୋହୂ କଥା ହେଉ ନଥିଲା । ଭାତ ଗଣ୍ଡେ ବାଢ଼ି ଦମ୍ ଦମ୍ ହୋଇ ଚାଲି ଯାଉଥିଲେ । ପୁଅ, ମୋ ଅଯୋଗ୍ୟ ପଣିଆ କୁ ଧିକ୍କାର କରିଲା । ବୋହୁ ସପକ୍ଷରେ ପଦେ କହିଲେ ସ୍ତ୍ରୀ କହିଲେ ଜୀବନ ସାରା କିଏ ଖାଇବାକୁ ଦେଉଥିଲା । ଦେହ ଅସୁସ୍ଥ ହେଲେ କିଏ ଦେଖୁଥିଲା । ବୁଢ଼ୀ ହୋଇ ବି ବାରମ୍ବାର ବାପା ଘର ଧମକ ଦେବାରେ ଲାଗିଲେ । ଜୋଇଁ ପୁଅଟି ମଦୁଆ ହୋଇଗଲା । ଝିଅ ଆଖିର ଲୁହ ଦେଖି ପାରିଲି ନାହିଁ । ଜୋଇଁ ପୁଅ ପ୍ରତିଦିନ ଝଗଡ଼ା କରୁଥିଲେ । ଥାନା ପର୍ଯ୍ୟନ୍ତ କଥା ଗଲା । ରାତିରେ ନିଦ ହେଲାନାହିଁକି ପେଟକୁ ଭୋକ ଆସିଲା ନାହିଁ । ସମାଜରେ ଥିବା ମାନ-ସମ୍ମାନ ମାଟିରେ ମିଶିଗଲା । ପାଞ୍ଚ ଲୋକ ନିକଟରେ ଠିଆ ହେବାକୁ ନିଜକୁ ଦୋଷୀ ଲାଗିଲା । ଅନିଦ୍ରା, ଅନାହାର ଆଉ ଅସମ୍ମାନ ଚିନ୍ତାରେ ଦେହଟା ମୋର ଅଧିକରୁ ଅଧିକ ବିଗିଡ଼ି ଗଲା । ଔଷଧ ଖାଇ ଖାଇ ସାଇଡ ଇଫେକ୍ଟରେ ରୋଗ ଅଧିକ ହେଲା । ଝିଅର ମଙ୍ଗଳ ପାଇଁ ଯୌତୁକ ଦେଇ ଦେଇ ଶେଷରେ ପୁଅର ବିରୋଧୀ ହୋଇଗଲି । ପୁଅ ବୋହୂ ଆମଠାରୁ ଅଲଗା ହୋଇଗଲେ । ବାହାରେ ଘର ଭଡ଼ା କରି ରହିଲେ । ଦିନେ ସମାଜକୁ ଶିକ୍ଷା ଦେଉଥିଲି; ଆଜି ଅଶିକ୍ଷିତ ପରି ନିଜେ ହୋଇଗଲି । ବୁଢ଼ା ବୁଢ଼ୀ ଦି'ଟା ଏହି ବୟସରେ ନିଜେ ରାନ୍ଧି ବାଢ଼ି ଖାଇଲୁ । କେବେ ଅସିଝା, ଅଫୁଟା, କେବେ ପୋଡ଼ା, କେବେ ଲୁଣ ଧରି ଖାଇବାକୁ ପଡ଼ିଲା । ଏମିତି ଜୀବନ ଜିଉଁ ଜିଉଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ତ୍ରୀ ମୋ ହାତ ଛାଡି ହଠାତ୍ ଚାଲିଗଲେ ହାର୍ଟ ଆଟାକରେ । ଏତେ ବଡ ଦୁନିଆରେ ମୁଁ ଆଜି ଏକା ହୋଇଗଲି । ମୋ ସ୍ତ୍ରୀ ଆମ ବାପା ପୁଅ ମଧ୍ୟରେ ବାର୍ତ୍ତା ବାହକ ଥିଲେ । ପୁଅକୁ ବାପାର ଅର୍ଥ ଏବଂ ମୋତେ ବୁଝାଉ ଥିଲେ ଯେତେ ହେଲେ ପରା ସିଏ ଆମ ପୁଅ । ମୋତେ ବାରମ୍ବାର ବୁଝାଇବାକୁ ଚେଷ୍ଟା କରୁଥିଲେ ଯେ ଆମ ଭାଗ୍ୟରେ ଯାହା ଅଛି ତାହା ଭୋଗିବାକୁ ହେବ । ଭଗବାନଙ୍କୁ ଡାକ ସବୁ ଠିକ୍ ହୋଇଯିବ । ଭଗବାନଙ୍କ ପ୍ରତି ଗଭୀର ବିଶ୍ୱାସ ଥିଲା । ବୋଧହୁଏ ସେଥିପାଇଁ ତାଙ୍କୁ ଭଗବାନ ମୋ ଆଗରୁ ଡାକରା ଦେଲେ ।



ମୁଁ ଜଣେ ସ୍ୱାଭିମାନୀ ଏବଂ ଅଭିମାନୀ ଲୋକ । ଭାଙ୍ଗିଯିବି ପଛେ; କାହା ନିକଟରେ ନୂଆଁଇବି ନାହିଁ । ଜୀବନରେ କାହା ଆଗରେ ହାତ ଯୋଡ଼ି ନାହିଁ କି ଗୋଡ ଭାଙ୍ଗି ଠିଆ ହୋଇ ନାହିଁ; ବରଂ ଆବଶ୍ୟକ ସ୍ଥଳେ ଅଧିକ ଆଠ ଘଣ୍ଟା ପରିଶ୍ରମ କରିଛି । ରକ୍ତକୁ ପାଣି କରି ଖରା, ବର୍ଷାରେ କଷ୍ଟ କରିଛି । ପୁଅ ଝିଅ ସ୍ତ୍ରୀ ମୁହଁରେ ଟିକିଏ ଖୁସି ପାଇଁ ସବୁ ହସି ହସି ସହି ଯାଇଛି । କଷ୍ଟ କରି ବୁଢ଼ା ବାପା ମା ଏବଂ ଆମ ଚାରି ପ୍ରାଣୀ କୁଟୁମ୍ବକୁ ବଞ୍ଚାଇ ଥିଲି । ମୋ ଜୀବନ କାଳ ମଧ୍ୟରେ କେହି ମୋତେ ଆଙ୍ଗୁଠି ଦେଖାଇ ନ ଥିଲେ । ଗାଁ, ସାହି, ପଡିଶା, ଜାତି କୂଳରେ ସମସ୍ୟା ଦେଖାଦେଲେ ମୁଁ ସମାଧାନ କରୁଥିଲି । ମୋ ନ୍ୟାୟକୁ ଅମାନ୍ୟ କରିବାର ସାହାସ କିଏ କରୁ ନ ଥିଲେ । ବଡ ସାନ ସମସ୍ତେ ସମ୍ମାନ ଦେଉଥିଲେ । କିନ୍ତୁ ଆଜି ଏତିକି ଦୁଃଖ । ମୋ ସାମାଜିକ ମୂଲିବୋଧ କୁ ମୋ ପିଲା ପଢ଼ି ପାରିଲା ନାହିଁ । ଆମ ଘରର ସଂସ୍କାର, ପ୍ରଥା, ପରମ୍ପରାକୁ ଭୁଲିଗଲା । ପରମ୍ପରାକୁ ଅତୀତ ଭାବି ଆଧୁନିକ ଦ୍ୱାହି ଦେଇ ଆଧୁନିକ ହୋଇଗଲା । ସ୍ତ୍ରୀ କଥାରେ ଉଠବସ୍ ହେଲା । ଆଜି ଭାବୁଛି ମୋର ଦୋଷ କେଉଁଠି ରହିଗଲା । ମଣିଷ ପିଲାକୁ ମୁଁ ନୈତିକ ଶିକ୍ଷା ଦେଇ ମଣିଷ କରି ପାରିଲି ନାହିଁ । ମୋ ପରି ଆଜି ଏହି ସମାଜରେ ଆହୁରି ଅନେକ ଏମିତି ଜୀବନ ବିତାଉଛନ୍ତି । ଅସହାୟ ଅବସ୍ଥାରେ ଜୀବନ ଜିଉଁଛନ୍ତି । ଜୀବନ ଉପରୁ ସ୍ପୃହା ତୁଟାଇ କେବଳ ଉପର ଡାକରା ଅପେକ୍ଷାରେ ରହିଛନ୍ତି ।

ଆଜି ମୁଁ ଭାବୁଚି ସମାଜ ପାଇଁ ଉଚ୍ଚ ଶିକ୍ଷା, ବଡ ବଡ ସାର୍ଟିଫିକେଟ ଅପେକ୍ଷା ଛୋଟ ଛୋଟ ସଂସ୍କାରର ଆବଶ୍ୟକତା ଅଧିକ ରହିଛି । ବଡ ବଡ ୟୁନିଭରସିଟି ଅପେକ୍ଷା ଗୋପବନ୍ଧୁଙ୍କ ବନବିଦ୍ୟାଳୟ ଦରକାର । ଆଜିର ପିଲାଙ୍କୁ ଦାୟିତ୍ୱ ଆଉ କର୍ତ୍ତବ୍ୟ ମଧ୍ୟରେ ତାରତମ୍ୟ ବୁଝାଇବା ଉଚିତ । ବାର୍ଦ୍ଧକ୍ୟ ଜନିତ ଯନ୍ତ୍ରଣା ଏବଂ ପରିବାର ଅବହେଳା ଜନିତ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ବୟସ୍କମାନଙ୍କୁ ସମ୍ମାନର ସହିତ ଶେଷ ଜୀବନ ଜିଇଁବା ପାଇଁ ଆବଶ୍ୟକତା ବିଷୟରେ ଧାରଣ ଦେବା ଦରକାର । ବାପାମା' ଜୀବନ ସାରା କାର୍ଯ୍ୟ ବ୍ୟସ୍ତତା ଭିତରେ ଗଧ ପରି ଯାହା ମିଳିଲା ଖାଇଲେ, ଶ୍ୱାନ ପରି ଟିକିଏ ଶୋଇ ଅଧିକ ଅନିଦ୍ରା ହେଲେ, କାକ ପରି ଆଞ୍ଜୁଳାଏ ପାଣିରେ ଗାଧୋଇଲେ, ବଳଦ ପରି ମୁହଁରେ ତୁଣ୍ଡି ଦେଇ ପିଲାଙ୍କ ପାଇଁ ପରିଶ୍ରମ କରି ଚାଲିଲେ; ତଥାପି ପୁଅ ଝିଅ ବୁଝିଲେ ନାହିଁ । ଏବେ କେବଳ ଡାକରାକୁ ଅପେକ୍ଷା । ସମସ୍ତ ସାମାଜିକ ପ୍ରାଣୀ ଅସ୍ତମିତ ସୁର୍ଯ୍ୟଙ୍କର ସୁନେଲି କିରଣ ଆମକୁ ଯେ ସ୍ୱାସ୍ଥ୍ୟବାନ କରି ରଖିଥାଏ, ଏ କଥା ଭୁଲିଯିବା ଉଚିତ୍ ନୁହଁ ।

ଗାୟତ୍ରୀ ନଗର, ନବରଙ୍ଗପୁର,
ମୋ- ୯୪୩୭୭୮୫୧୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ସମ୍ବଲପୁରରେ 'ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଲୋକାର୍ପଣ

# ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ:ଧର୍ମେନ୍ଦ୍ର

ସମ୍ବଲପୁର, ୧୫।୪ (ସମିସ): ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମର ପ୍ରତୀକ। ସମ୍ବଲପୁର ଦଲାଇପଡ଼ାଠାରେ ଲୋକାର୍ପିତ ହୋଇଥିବା "ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦୁଇଦିନିଆ ସମ୍ବଲପୁର ଗସ୍ତ ଅବସରରେ ଶ୍ରୀ ପ୍ରଧାନ ଆଜି ସଂଗ୍ରହାଳୟକୁ ଉଦ୍‌ଘାଟନ କରି ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ସଂଗ୍ରହାଳୟର ଉଦ୍‌ଘାଟନ ଆମର ସ୍ୱାଭିମାନ ଓ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ପ୍ରୟାସ। ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ "ଇନଟାକ୍'ର ମିଳିତ ପ୍ରୟାସରେ ଏହି ସଂଗ୍ରହାଳୟ ନବୀକରଣ ହୋଇଛି। ଏଠାରେ ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅନେକ ଦୁର୍ଲଭ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ଏଥିସହ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ ଏବଂ ଅଞ୍ଚଳର ବରେଣ୍ୟ ମହାପୁରୁଷଙ୍କ ଜୀବନ୍ତ କଳାଚିତ୍ର ସ୍ଥାନ ପାଇଛି। ଏହି କଳାକୃତିଗୁଡ଼ିକ ମାଧ୍ୟମରେ ସମ୍ବଲପୁରର ବୀରତ୍ୱ ଗାଥା ଓ ସାଂସ୍କୃତିକ ବିଭବକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅନୁଯାୟୀ, ସମ୍ବଲପୁରର ଇତିହାସ ପ୍ରାୟ ୧୦ହଜାର ବର୍ଷରୁ ଅଧିକ ପୁରୁଣା, ଯାହାର ପ୍ରମାଣ ଏଠାକାର ଗୁମ୍ଫା ଚିତ୍ରକଳା ତଥା ରକ୍ ଆର୍ଟରୁ ମିଳିଥାଏ। ମା' ସମଲେଶ୍ୱରୀଙ୍କ ପୀଠ ଏବଂ ମହାନଦୀ ଅବବାହିକାରେ ଥିବା ଏହି ଅଞ୍ଚଳ ଜଙ୍ଗଲ, ଚାଷ ଓ ଲୋକ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟବହନ କରେ। ଜାତୀୟଶିକ୍ଷାନୀତି ମାଧ୍ୟମରେ ଆମର ଆଞ୍ଚଳିକ ସଂଗ୍ରାମୀମାନଙ୍କ ଗାଥାକୁ ସାରା ଦେଶରେ ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ସମ୍ବଲପୁରବାସୀ ଏବଂ ବିଶେଷ କରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଂଗ୍ରହାଳୟ ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିଛନ୍ତି। ଏହାବ୍ୟତୀତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ସମ୍ବଲପୁରରେ ଏକ ନୂତନ "ଆର୍ଟ, ମ୍ୟୁଜିକ୍ ଏବଂ କ୍ରାଫ୍ଟ କଲେଜ' ପ୍ରତିଷ୍ଠା ପାଇଁ ଚର୍ଚ୍ଚା ହୋଇଥିବା ସେ କହିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ପ୍ରସିଦ୍ଧ ପଞ୍ଚବାଦ୍ୟ, ଡାଲଖାଇ ଓ ରଙ୍ଗବତୀ ପରି ସାଂସ୍କୃତିକ ଐତିହ୍ୟକୁ ଆହୁରି ଭବ୍ୟ କରିବା ଏବଂ କଳାକାରମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଆମର ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଜଳଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



■ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାବଳ-ନକ୍ସଲ ଗୁଳି ବିନିମୟ

# ଜଣେ ଇନ୍ସପେକ୍ଟରଙ୍କ ସମେତ ୫ ଯବାନ ଆହତ

ରାଉରକେଲା,୧୫।୪(ସମିସ): ଓଡିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମ ସିଂହଭୂମ ଜିଲ୍ଲାର ଛୋଟାନାଗରା ଥାନା ସରଣ୍ଡାର ବାଲିବା ଜଙ୍ଗଲରେ ବୁଧବାର ସୁରକ୍ଷା ବଳ ଓ ନକ୍ସଲଙ୍କ ମଧ୍ୟରେ ଭୟାବହ ଗୁଳି ବିନିମୟ ହୋଇଛି। ସରଣ୍ଡାର ଚାରାଡେରା ଓ ଡୋଲାଇଗଡ଼ା ଜଙ୍ଗଲ ମଧ୍ୟରେ ଚାଲିଥିବା ସର୍ଚ୍ଚ ଅଭିଯାନ ସମୟରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଇନ୍ସପେକ୍ଟରଙ୍କ ସହ ୫ ଜଣ ଯବାନ ଆହତ ହୋଇଛନ୍ତି। ମୁକାବିଲା ସମୟରେ ନକ୍ସଲିମାନେ ଲଗାଇ ଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଯବାନମାନେ ଆହତ ହୋଇଥିଲେ। ଏଥିରେ କୋବ୍ରା ୨୦୫ ବଟାଲିଅନର ଇନ୍ସପେକ୍ଟର ସତ୍ୟ ପ୍ରକାଶଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ଯବାନ ଶୈଳେଶ କୁମାର ଦୁବେଙ୍କ ବେକ ପାଖରେ ଗୁଳି ଲାଗିଥିବା ବେଳେ ଯବାନ ଉତ୍ତମ ସେନାପତିଙ୍କ ହାତ, ଯବାନ ଜିତେନ୍ଦ୍ର କୁମାର ରାୟ ଏବଂ ଯବାନ ପ୍ରେମ କୁମାରଙ୍କ ପାଦରେ ଗୁଳି ବାଜିଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ବୁଧବାର ସନ୍ଧ୍ୟାରେ ବାଲିବା ଗାଁରୁ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରାଯାଇ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚିକୁ ପଠାଯାଇଛି। ଆହତମାନଙ୍କ ମଧ୍ୟରୁ ଜଣେ ଯବାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାଲିବାର ଚାରାଡେରା ଡୋଲାଇଗଡ଼ା ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୫ ଜଣ ନକ୍ସଲ ଲୁଚି ରହିଥିବା ସୂଚନାପାଇ ଆଜି ଭୋର ୪ଟାରୁ ସିଆରପିଏଫ ପକ୍ଷରୁ ସର୍ଚ୍ଚ ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଏହି ଗୁଳି ବିନିମୟରେ ୩ ରୁ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଓ କିଛି ଆହତ ହୋଇଥିବା କୁହାଯାଉଛି। କିନ୍ତୁ ଏହାକୁ ଅଧିକାରିକ ଭାବେ ସ୍ୱୀକାର କରାଯାଇନାହିଁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବଳ ଦ୍ୱାରା ସର୍ଚ୍ଚ ଅଭିଯାନକୁ ଅଧିକ ଜୋର୍‌ଦାର୍ କରାଯାଇଛି। ଏଥିସହ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ହାଇଆଲର୍ଟ ଜାରି କରାଯାଇଛି।

# ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭଦ୍ରକ,୧୫।୪(ସମିସ): ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ମହୁଲିଆ ଛକ ନିକଟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଦୁଇ ବାଇକ୍ ଆରୋହୀ ହେଉଛନ୍ତି ସ୍ଥାନୀୟ ମହୁଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ଗ୍ରାମର ଅମିତ୍ ବେହେରା ଓ ଗଣେଶ ବେହେରା। ସୂଚନା ମୁତାବକ, ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଅମିତ୍ ଓ ଗଣେଶ ଦୁଇ ସାଙ୍ଗ ଏକ ବାଇକ୍‌ରେ ଚାନ୍ଦବାଲିରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଜୟ ମା' ତାରିଣୀ ନାମକ ଏକ ଘରୋଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇ ସାଙ୍ଗଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଚାନ୍ଦବାଲି ପୁଲିସ ଲୋକଙ୍କୁ ବୁଝାଶୁଝା ଜାରି ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମିବ ଓଡ଼ିଶାର...

ଯୋଜନା କରାଯାଇଥିବା ବେଳେ ଓଡ଼ିଶା ଓ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ବୃଦ୍ଧି ୨୫%ରୁ ୪୦% ମଧ୍ୟରେ ସୀମିତ ରଖାଯାଇଛି ।

ବର୍ତ୍ତମାନ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ ଓ ବିଧାନସଭା ଆସନ ସଂଖ୍ୟା ୧୪୭ ରହିଛି । ୫୦% ଆସନ ବୃଦ୍ଧି ପରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୩୨ ଓ ବିଧାନସଭା ଆସନ ସଂଖ୍ୟା ୨୨୪ ହେବ ବୋଲି ଆକଳନ କରାଯାଉଥିଲା । ମାତ୍ର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ଲୋକସଭା ଆସନ ୨୯ ଓ ବିଧାନସଭା ଆସନ ସଂଖ୍ୟା ୧୯୬ରେ ସୀମିତ ରଖିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଫଳରେ ଓଡ଼ିଶାରେ ଅନ୍ୟୂନ ୩ଟି ଲୋକସଭା ଆସନ ଓ ୨୮ଟି ବିଧାନସଭା ଆସନ କମ୍ ସୃଷ୍ଟି ହେବ । ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉତ୍ତରପ୍ରଦେଶର ଲୋକସଭା ଆସନ ସଂଖ୍ୟା ୮୦ରୁ ୧୪୦ (୭୫%), ବିହାରରେ ୪୦ରୁ ୭୩ (୮୧%), ରାଜସ୍ଥାନରେ ୨୫ରୁ ୪୮ (୮୭%), ମଧ୍ୟପ୍ରଦେଶରେ ୨୦ରୁ ୫୧( ୭୦%), ମହାରାଷ୍ଟ୍ରରେ ୪୮ରୁ ୭୯ (୬୮%) ବୃଦ୍ଧି ପାଇବ । ଅପରପକ୍ଷରେ ତାମିଲନାଡୁରେ ଏହି ଆସନ ସଂଖ୍ୟା ୩୯ରୁ ୫୧ ( ୩୦%), କେରଳରେ ୨୦ରୁ ୨୩ ( ୧୯%), ଆନ୍ଧ୍ର ଓ ତେଲଙ୍ଗାନାରେ ୪୨ରୁ ୫୯ (୩୮%), ଓଡ଼ିଶାରେ ୨୧ରୁ ୨୯ ( ୩୫%) ଓ ପଶ୍ଚିମବଙ୍ଗରେ ୪୨ରୁ ୬୪ ( ୫୧%) ଆସନ ବୃଦ୍ଧିର ସମ୍ଭାବନା ରହିଛି । ଜନସଂଖ୍ୟା ନିୟନ୍ତ୍ରଣରେ ବିଫଳ ହୋଇଥିବା ଉତ୍ତରଭାରତୀୟ ରାଜ୍ୟଗୁଡ଼ିକ ସୀମା ନିର୍ଦ୍ଧାରଣରେ ଅଧିକ ଆସନ ପାଇବେ, ମାତ୍ର ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ଓଡ଼ିଶା ପରି ରାଜ୍ୟଗୁଡ଼ିକ ଏହାଦ୍ୱାରା ପ୍ରଭୁତ କ୍ଷତିଗ୍ରସ୍ତ ହେବେ ।

୧୯୭୬ ଓ ପୁନର୍ବାର ୨୦୦୧ ମସିହାରେ ୨୫ ବର୍ଷ ପାଇଁ ଡିଲିମିଟେସନକୁ ସ୍ଥଗିତ କରାଯାଇଥିଲା, ଯାହାର ପ୍ରମୁଖ କାରଣ ଥିଲା ଜନସଂଖ୍ୟା ନିୟନ୍ତ୍ରଣ। ଜନସଂଖ୍ୟା ବୃଦ୍ଧି ଆଧାରରେ ଆସନ ବୃଦ୍ଧି କରିବା ଦକ୍ଷିଣ ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ବୋଲି ସେତେବେଳେ କୁହାଯାଇଥିଲା। ୧୯୫୧ ମସିହାର ଜନଗଣନା ଅନୁସାରେ ପ୍ରତି ୭.୩୮ ଲକ୍ଷ ଜନସଂଖ୍ୟା ପାଇଁ ଜଣେ ସାଂସଦ ଥିଲେ, କିନ୍ତୁ ୧୯୭୧ ରେ ଏହା ୧୦.୫୮ ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୧୧ ମସିହାର ଜନଗଣନା ଆଧାରରେ ପ୍ରତି ୧୦ ଲକ୍ଷ ଲୋକ ପାଇଁ ଗୋଟିଏ ସାଂସଦ ଧରାଯାଇଥିଲେ, ତେବେ କମରେ କମ ୧,୨୧୧ଟି ଲୋକସଭା ଓ ବର୍ତ୍ତମାନର ଜନସଂଖ୍ୟା ଆଧାରରେ ଲୋକସଭା ଆସନ ସଂଖ୍ୟା ୧,୪୦୦ ହେବ। ମାତ୍ର ନୂତନ ସଂସଦ ଭବନରେ ୮୮୮ ସଂସଦଙ୍କ ପାଇଁ ସ୍ଥାନ ଥିବାରୁ କେନ୍ଦ୍ର ସରକାର ଲୋକସଭା ସଦସ୍ୟ ସଂଖ୍ୟା ୮୫୦ ମଧ୍ୟରେ ସୀମିତ ରଖିବାକୁ ଯୋଜନା କରିଛନ୍ତି । ସମ୍ପ୍ରତି କେରଳରେ ପ୍ରତି ପ୍ରତି ୧୭.୫ ଲକ୍ଷଙ୍କୁ ଲୋକଙ୍କୁ ଜଣେ ସାଂସଦ ପ୍ରତିନିଧିତ୍ୱ କରୁଥିବାବେଳେ ଓଡ଼ିଶାରେ ୨୨ ଲକ୍ଷ ଓ ଉତ୍ତରପ୍ରଦେଶରେ ୩୦ ଲକ୍ଷ ଲୋକଙ୍କ ପାଇଁ ଜଣେ ସାଂସଦ ନିର୍ବାଚିତ ହେଉଛନ୍ତି । ତେଣୁ ଜନସଂଖ୍ୟା ଆଧାରରେ ସଂସଦୀୟ କ୍ଷେତ୍ର ପୁନଃନିର୍ଦ୍ଧାରଣ ଦ୍ୱାରା ଓଡ଼ିଶା ସହ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି କରିଛି ।

### ୪୮ ଘଣ୍ଟାରେ ଡାକନ୍ତୁ...

ଏବଂ ଅନ୍ୟ କୌଣସି ରାଜ୍ୟକୁ ହସ୍ତାନ୍ତର ହେବ ନାହିଁ ବୋଲି ନବୀନ ଦାବି କରିଛନ୍ତି।

ନବୀନ କହିଛନ୍ତି ଯେ ଓଡ଼ିଶା ୧ ଏପ୍ରିଲ ୧୯୩୬ ତାରିଖରେ ସରକାରୀ ଭାବେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇଥିଲା। ଏହା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଇତିହାସରେ ସ୍ଥାନ ଅଧିକାର କରିଥିଲା ଏବଂ ଓଡ଼ିଆ ଭାଷାଭାଷୀ ଜନସମୁଦାୟଙ୍କୁ ଏକତ୍ର କରିଥିଲା। ଏହି ଐତିହାସିକ ସଫଳତା ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସାଧାରଣ ଜନତାଙ୍କ ଦୀର୍ଘ ସଂଘର୍ଷ, ତ୍ୟାଗ ଓ ଅପରିମିତ ପ୍ରୟାସର ଫଳଶ୍ରୁତି । ଓଡ଼ିଆ ପରିଚୟର ସୁରକ୍ଷା ପାଇଁ ସେମାନେ ନିଜ ସ୍ୱେଦ ଓ ରକ୍ତ ଦେଇ ଯେଉଁ ତ୍ୟାଗ କରିଥିଲେ, ତାହା ଆମ ସାଂସ୍କୃତିକ ଅସ୍ତିତ୍ୱକୁ ଅମର କରିଛି। ସେମାନଙ୍କ ଅବିରତ ସଂଘର୍ଷ ଆଶାକୁ ଆଧାର କରି ଏକ ପ୍ରଦେଶର ଗଠନ କରିଥିଲା, ଯାହା ଭାଷା ଓ ଆଶାରେ ଏକତାର ପ୍ରତୀକ । ୧୮୧୭ ମସିହାର ପାଇକ ବିଦ୍ରୋହରୁ ଆରମ୍ଭ କରି ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଭଳି ବିଶିଷ୍ଟ ବ୍ୟକ୍ତିତ୍ୱମାନେ ସ୍ୱାଧୀନତାର ପବିତ୍ର ଲକ୍ଷ୍ୟ ପାଇଁ ଅମୂଲ୍ୟ ଅବଦାନ ରଖିଥିଲେ। ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ଦେଶ ପାଇଁ ନିଜ ଜୀବନ ଦାନ କରିଥିଲେ। ଜଗନ୍ନାଥ ସଂସ୍କୃତି ଭାରତର ସମାବେଶୀ ପରମ୍ପରାକୁ ସଦା ଶକ୍ତିଶାଳୀ କରିଆସିଛି ଏବଂ ଭାରତୀୟ ଚେତନାକୁ ନୈତିକ ଓ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରିଛି। ଏହା ସମତା, ଭ୍ରାତୃତ୍ୱ ଓ କରୁଣାର ମୂଲ୍ୟବୋଧକୁ ପ୍ରତିପାଦନ କରେ, ଯାହା ଆମ ଗଣତନ୍ତ୍ରର ମୂଳ ଆଧାର । ଓଡ଼ିଶା କେବଳ ଏକ ସମୃଦ୍ଧ ଐତିହ୍ୟର ଭୂମି ନୁହେଁ, ବରଂ ଆଧୁନିକ ଉନ୍ନତିରେ ଏକ ଉଦୟମାନ ଶକ୍ତିକେନ୍ଦ୍ର ।

ତେବେ ବର୍ତ୍ତମାନ ଆମେ ଏକ ସମ୍ବେଦନଶୀଳ ସଙ୍କଟପୂର୍ଣ୍ଣ ସମୟରେ ଉପନୀତ । ଆମେ ମହିଳା ସଂରକ୍ଷଣ ବିଲ୍‌କୁ ସ୍ୱାଗତ କରୁଛୁ। ବିଜୁ ପଟ୍ଟନାୟକ ମହିଳା ସଶକ୍ତୀକରଣର ଦୃଢ଼ ପକ୍ଷପାତି ଥିଲେ ଏବଂ ବିଧାନମଣ୍ଡଳରେ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଚଳିତ କରିଥିଲେ। ବିଜୁ ଜନତା ଦଳ ସଦା ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରିଆସିଛି ଏବଂ ସଂସଦ ଓ ବିଧାନସଭାରେ ସେମାନଙ୍କ ସକ୍ରିୟ ଭୂମିକାକୁ ସୁନିଶ୍ଚିତ କରିଛି। ଓଡ଼ିଶା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ ୫୦ ପ୍ରତିଶତ ସଂରକ୍ଷଣକୁ ସଫଳତାର ସହ କାର୍ଯ୍ୟକାରୀ କରିଛି ଏବଂ ଆମେ ଜାତୀୟ ସ୍ତରରେ ମହିଳା ସଶକ୍ତୀକରଣ ପାଇଁ ପୂର୍ଣ୍ଣ ସମର୍ଥନ ଜଣାଉଛୁ। ତେବେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଆମେ ସେତେବେଳେ ମାତ୍ର ସ୍ୱାଗତ କରିପାରିବୁ, ଯେତେବେଳେ ଓଡ଼ିଶାର ରାଜନୈତିକ ଅଧିକାର ସମ୍ପୂର୍ଣ୍ଣ ଭାବେ ଅକ୍ଷୁଣ୍ଣ ରହିବ। ଏହା କେବଳ ସଂଖ୍ୟାତ୍ମକ ପ୍ରସଙ୍ଗ ନୁହେଁ; ଏହା ସମ୍ବିଧାନରେ ସ୍ଥାପିତ ସହଯୋଗୀ ସଂଘୀୟତାର ଆତ୍ମା ସହ ସମ୍ପୃକ୍ତ। ତେଣୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆପଣ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଢ଼ତା ସହ ଉଠାଇ ଯଥାଯଥ ପଦକ୍ଷେପ ଗ୍ରହଣ କରନ୍ତୁ। ଏହା କରିବା ପାଇଁ ଆପଣଙ୍କ ପାଖରେ ନୈତିକ ଓ ବୈଧ ଅଧିକାର ରହିଛି। ଯଦି ଆମେ ନିରବ ରହିବାକୁ ବାଛିବା, ତେବେ ଆଗାମୀ ପିଢ଼ି ଆମକୁ କେବେ କ୍ଷମା କରିବେ ନାହିଁ। ବିଷୟର ତାତ୍କାଳିକତାକୁ ଦୃଷ୍ଟିରେ ରଖି ଆଗାମୀ ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡ଼କାଯାଉ। ବିଜେଡି ଏହି ନ୍ୟାୟସଙ୍ଗତ ଆନ୍ଦୋଳନରେ ଆପଣଙ୍କ ସହ ଦୃଢ଼ତାର ସହ ରହିବ। ଏକ ଗର୍ବିତ ଓଡ଼ିଆ ଭାବେ ମୁଁ ପୁନର୍ବାର ଆପଣଙ୍କୁ ଏହି ବିଷୟରେ ଦୃଢ଼ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଜଣାଉଛି। କାରଣ ଏହା ଆମ ପ୍ରିୟ ରାଜ୍ୟ ଓ ମାତୃଭୂମି ଓଡ଼ିଶାର ଭାଗ୍ୟ ଓ ଭବିଷ୍ୟତ ସହ ଗଭୀର ଭାବେ ସମ୍ପୃକ୍ତ ବୋଲି ମୋହନଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ।

### ହର୍ମୁଜରେ ଆମେରିକାର...

ଟ୍ୟାଙ୍କରଗୁଡ଼ିକ ମଧ୍ୟରେ ଚୀନ୍‌ର ଶାଙ୍ଘାଇ ସୁଆନରୁନ୍ ସିପିଂ କମ୍ପାନୀର 'ରିଚ୍ ଷ୍ଟାରୀ' (ଜସମଷ ଝିଗ୍ରବକ୍ସକ୍ସଛ) ନାମକ ଏକ ପ୍ରମୁଖ ଟ୍ୟାଙ୍କର ମଧ୍ୟ ସାମିଲ ଅଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ମାତ୍ର ୩୬ ଘଣ୍ଟା ମଧ୍ୟରେ ଇରାନର ସାମୁଦ୍ରିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯାଇଛି। ଇରାନ ଅର୍ଥନୀତିର ୯୦ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ ଉପରେ ନିର୍ଭରଶୀଳ ହୋଇଥିବାରୁ ଏହା ଏକ ଶକ୍ତ ଆଘାତ ବୋଲି କୁହାଯାଉଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ଇରାନ ପୂର୍ବରୁ ହରମୁଜ ପ୍ରଣାଳୀରେ ଯେଉଁ ବିସ୍ଫୋରକ ମାଇନ୍ସ ବିଛାଇଥିଲା, ତାହାକୁ ଏବେ ଆମେରିକା ସଫା କରିବାରେ ଲାଗିଛି। ନ୍ୟୁୟର୍କ ଟାଇମ୍ସ ଦାବି କରିଛି ଯେ, ଇରାନ ନିଜେ ବିଛାଇଥିବା ମାଇନ୍ସଗୁଡ଼ିକୁ ଖୋଜି ପାଉନାହିଁ କିମ୍ବା ତାକୁ ହଟାଇବାକୁ ସେମାନଙ୍କ ପାଖରେ ସାମର୍ଥ୍ୟ ନାହିଁ। ଏହି କାରଣରୁ ଆମେରିକାର ଦୁଇଟି ଶକ୍ତିଶାଳୀ ଯୁଦ୍ଧ ଜାହାଜ ସେହି ଅଞ୍ଚଳରେ ମାଇନ୍ସ କ୍ଲିୟରିଂ ଅପରେସନ ଜାରି ରଖିଛନ୍ତି।

ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ରପ୍ତାନି ହୋଇଥାଏ। ଏହି ପଥ ଅବରୋଧ ହେବା ଫଳରେ ବିଶ୍ୱ ବଜାରରେ ଇନ୍ଧନ ଦର ଆକାଶଛୁଆଁ ହୋଇଛି, ଯାହା ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଶକ୍ତି ସଙ୍କଟ ସୃଷ୍ଟି କରିଛି। ତୈଳ ଦର ବଢ଼ିବା ଯୋଗୁଁ ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ମଧ ରାଜନୈତିକ ଚାପ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିବା ଆମେରିକାର ମୁଖ୍ୟ ଦାବି। କିନ୍ତୁ ଇରାନର ପୋର୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଅବରୋଧ କରିବା ଦ୍ୱାରା ଉତ୍ତେଜନା ଆହୁରି ବଢ଼ିବା ଆଶଙ୍କା ରହିଛି। ଯଦି ଆଗାମୀ ଦିନରେ କୌଣସି ଶାନ୍ତି ବୁଝାମଣା ନହୁଏ, ତେବେ ଏହି ସାମୁଦ୍ରିକ ସଂଘର୍ଷ ଏକ ପୂର୍ଣ୍ଣାଙ୍ଗ ମହାଯୁଦ୍ଧର ରୂପ ନେଇପାରେ।

### ବିଜୁଙ୍କ ସ୍ୱପ୍ନ...

୧୯୯୨ ମସିହାରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରି ବିଜୁ ବାବୁ ଐତିହାସିକ ପଦକ୍ଷେପ ନେଇଥିଲେ। ତାଙ୍କର ସୁପୁତ୍ର ତଥା ୨୪ ବର୍ଷ ଧରି ରାଜ୍ୟବାସୀଙ୍କୁ ସୁଶାସନ ଦେଇଥିବା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସେହି ଧାରାକୁ ବଜାୟ ରଖିଥିଲେ। କେବଳ ରାଜ୍ୟସ୍ତରରେ ନୁହେଁ, ସମଗ୍ର ଦେଶରେ ମହିଳାଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ଉଦ୍ୟମ କରିଥିଲେ। ଉଭୟ ପିତା-ପୁତ୍ରଙ୍କ ଲଗାତାର ପ୍ରୟାସ, ପରିଶ୍ରମ ତଥା ପ୍ରତିବଦ୍ଧତା ଆଜି ଜାତୀୟସ୍ତରରେ ମହିଳାଙ୍କ ପାଇଁ ଏକ ନୂଆ ସମ୍ଭାବନା ଆଣିବାକୁ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ବିଜୁ ପଟ୍ଟନାୟକ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ କରିଥିଲେ। ଆଦିବାସୀ ମହିଳା ସୁମନୀ ଝୋଡ଼ିଆ ଏବଂ ତାଙ୍କ ସହଯୋଗୀମାନଙ୍କୁ ମଦବିରୋଧୀ ଆନ୍ଦୋଳନରେ ପୁଲିସ କ୍ଷମତା ଦେଇ ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲେ। ସୁମନୀ ଝୋଡିଆ, ସବାଇ ମାଝୀ ଓ ଅନ୍ଧାରୀ ମାଝୀଙ୍କୁ ବିଜୁ ବାବୁ ୧୯୯୩ ମସିହାରେ ଆଦିବାସୀଙ୍କ ବିକାଶ ଏବଂ ମଦବିରୋଧୀ ଆନ୍ଦୋଳନ ପାଇଁ ନିଜର ପରାମର୍ଶଦାତା ନିଯୁକ୍ତ କରିଥିଲେ। ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ପାଇଁ ବିଜୁ ବାବୁ ଯେଉଁ ନିରନ୍ତର ଉଦ୍ୟମ କରିଥିଲେ, ସେତେବେଳେ ତାହା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା।

୨୦୦୦ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ଅଭିଯାନକୁ ଏକ ଆନ୍ଦୋଳନରେ ପରିଣତ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ୩୩ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ୨୦୧୯ ଓ ୨୦୨୪ ମସିହା ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ସମଗ୍ର ଦେଶକୁ ଚମକାଇ ଦେଇଥିଲେ। ୨୦୧୯ରେ ଆସ୍କାରୁ ପ୍ରମିଳା ବିଶୋୟୀଙ୍କୁ ଟିକଟ ଦେଇ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲେ ନବୀନ। ଜଣେ ସାଧାରଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ସଂସଦ ପଠାଇଥିଲେ। ୨୦୧୮ ମସିହା ଶେଷାର୍ଦ୍ଧରେ ନବୀନଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ତୁଙ୍ଗ ନେତାମାନେ ଦେଶର ୨୨ଟି ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଙ୍କୁ ଭେଟି ମହିଳା ସଂରକ୍ଷଣ ନିମନ୍ତେ ସମର୍ଥନ ଲୋଡ଼ିଥିଲେ। ଅପରପକ୍ଷରେ ରାଜ୍ୟରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ 'ମିଶନ ଶକ୍ତି' ସ୍ଥାପନ କରି ସେମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ତରରେ ସଶକ୍ତିକରଣ ଏବଂ ସ୍ୱାବଲମ୍ବୀ କରିବା ପାଇଁ ନବୀନ ପଟ୍ଟନାୟକ ନେଇଥିଲେ ଏକାଧିକ ପଦକ୍ଷେପ। ମିଶନ ଶକ୍ତି ବିଭାଗ ଦ୍ୱାରା ରାଜ୍ୟର ପ୍ରାୟ ୮୦ ଲକ୍ଷ ମହିଳା ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତ ହୋଇଥିଲେ। ଏହି ଯୋଜନା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିବା ସହ ମହିଳାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିଥିଲା। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ଆର୍ଥିକ ସହାୟତା, କିଶୋରୀ ଏବଂ ଯୁବତୀଙ୍କ ଉନ୍ନତି ପାଇଁ ଏକାଧିକ ଯୋଜନା ପ୍ରଣୟନ କରିଥିଲେ ନବୀନ। ଏତଦ୍ ବ୍ୟତୀତ ରାଜ୍ୟରେ ଧାନ କିଣାଠାରୁ ଆରମ୍ଭ କରି ଆହାର କେନ୍ଦ୍ର ପରିଚାଳନା ପର୍ଯ୍ୟନ୍ତ, ସବୁଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦେଇ ନବୀନ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲେ। ନବୀନଙ୍କର ଲଗାତାର ପ୍ରୟାସ କାରଣରୁ ରାଜ୍ୟର ମହିଳା ଏବେ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର ହୋଇପାରିଥିବା ବେଳେ ଏହା ସମଗ୍ର ଦେଶକୁ ଏକ ନୂଆ ରାସ୍ତା ଦେଖାଇଛି। ବିଜୁ-ନବୀନଙ୍କର ଦୀର୍ଘ ପ୍ରୟାସ ଆଜି ଓଡ଼ିଶା ସହ ଦେଶର କୋଟିକୋଟି ମହିଳାଙ୍କ ପାଇଁ ରାଜନୈତିକ ସଂରକ୍ଷଣ ପାଇଁ ବାଟ ଖୋଲିଥିବା ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

### ସିବିଏସ୍‌ଇ ଦଶମ...

୯୪.୯୯ ପ୍ରତିଶତ ରହିଛି। ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ସର୍ବାଧିକ ୯୯.୫୭ ପ୍ରତିଶତ ରହିଥିବାବେଳେ ଜବାହାରଲାଲ୍ ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି)ର ୯୯.୪୨ ଏବଂ ଏସ୍‌ଟିଏସ୍‌ଏସ୍ ବିଦ୍ୟାଳୟର ୯୭.୪୨ ପ୍ରତିଶତ ରହିଛି। ତ୍ରିଭେନ୍ଦ୍ରମ୍ ଓ ବିଜୟୱାଡା ରିଜିଅନ୍‌ରେ ସର୍ବାଧିକ ୯୯.୭୯ ପ୍ରତିଶତ ପିଲା ପାସ୍ କରିଛନ୍ତି। ସେହିପରି ଭୁବନେଶ୍ୱର ରିଜିଅନ୍ ଅର୍ଥାତ୍ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ମୋଟ୍ ୨ଲକ୍ଷ ୧୯ ହଜାର ୮୮୨ ଜଣ ପଞ୍ଜୀକରଣ କରିଥିବାବେଳେ ୨ଲକ୍ଷ ୧୮ ହଜାର ୬୦୭ ଜଣ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ୯୪.୬୭ ପ୍ରତିଶତ ପିଲା କୃତକାର୍ଯ୍ୟ ହୋଇଛନ୍ତି।

କେବଳ ଓଡ଼ିଶାରୁ ସମୁଦାୟ ୬୫,୨୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୬୪,୯୦୦ ଜଣ ପରୀକ୍ଷା ଦେଇଥିବାବେଳେ ୬୦,୭୮୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ଓଡ଼ିଶାର ସମୁଦାୟ ପାସ୍ ହାର ୯୩.୬୬% ରହିଛି। ତନ୍ମଧ୍ୟରେ ୯୨.୬୦% ପୁଅ ଓ ୯୪.୮୩% ଝିଅ ରହିଛନ୍ତି। ରାଜ୍ୟରେ ଅନ୍ୟ ସମସ୍ତ ବିଦ୍ୟାଳୟ ତୁଳନାରେ କେଭିର ୯୯.୬୯% ପିଲା ପାସ୍ କରି ଆଗରେଥିବା ବେଳେ ଜବାହାରଲାଲ୍ ନବୋଦୟ ବିଦ୍ୟାଳୟର ୯୮.୮୮% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।


34001/67/2627

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**

Bid Identification No. SE DKL (R&B). 02/ 2026-27
Invitation for Bids

| | | |
|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | |
| 2. | Nature of work | : 2 Nos Civil works |
| 3. | No. of work | : 02 Nos. |
| 4. | Bid Cost. | : ₹ 6,000/- |
| 5. | Class of Contractor | : "B', 'C' & "D" License |
| 6. | Availability of Bid Documents in the website | : From 10.00 AM of 22.04.2026 to 5.00 PM of 07.05.2026 |
| 7. | Date of Opening of Bid | : Dt. 08.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Superintending Engineer
Dhenkanal (R&B) Division

OIPR-34001/34016/1/26-27/0002

OHPC 32001/59/2627

**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-04/2026-27 DATE 13.04.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from reputed original equipment manufacturers / channel partners / reputed firm / service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda. | 7,080/- (inclusive of GST) | 29,014/- | From 21.04.2026 to 04.05.2026 up to 11.00 Hrs | 04.05.2026 (up to 11:30 Hrs) | 04.05.2026 at 12:30 Hrs |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda

OIPR-32001/32136/1/26-27/0002

13001/183/2627

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone. No. 0674-2490826

**ବିଜ୍ଞାପନ**

**ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସଂଖ୍ୟା ୨୦୩୩ | ତାରିଖ: ୧୩.୦୪.୨୦୨୬

ଜଟଣୀ ପୌର ପରିଷଦ, ଜଟଣୀ ୨୦୨୬ - ୨୦୨୮ ବର୍ଷ ନିମନ୍ତେ (SHGs/TGs/WPGs) ଗୋଷ୍ଠୀ ଦ୍ୱାରା ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଜଟଣୀ ପୌର ପରିଷଦ, ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦ ଠିକଣାରେ ରେଜିଷ୍ଟର୍ଡ଼/ ସ୍ପିଡ଼ ପୋଷ୍ଟ ଜରିଆରେ କିମ୍ବା ଜଟଣୀ ପୌର ପରିଷଦ କାର୍ଯ୍ୟାଳୟରେ ତା ୨୨/ ୦୪/ ୨୦୨୬ ରିଖ, ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ ।

ଟେକ୍ନିକାଲ୍ ବିଡ୍ଡ ଜଟଣୀ ପୌର ପରିଷଦ ସଭାଗୃହରେ ତା ୨୩/ ୦୪/ ୨୦୨୬ ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରେ ଖୋଲାଯିବ। ମୁଦା ଲଫାଫା ଉପରେ "୨ ବର୍ଷ ନିମନ୍ତେ (SHGs/TGs/WPGs) ଗୋଷ୍ଠୀ ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟରେ ମିଳିପାରିବ ।

ୱେବ୍‌ସାଇଟ - www.jatnimunicipality.in

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

OIPR-13001/13041/1/26-27/0007

**AFFIDAVIT**

By virtue of an Affidavit sworn before the Notary Public, Rourkela (Sl.No. AF22 dated 20.03.2026), I, Madhuchhanda Barpanda, W/o-Subhranshu Shekhar Barpanda, resident of B-160, Sector-20, Rourkela, Odisha 769005, declare that my correct name is Madhuchhanda Barpanda. In my son Amritanshu Barpanda's passport (No. N6835632), my name is recorded as"Madhuchhanda". Both names refer to one and the same person i.e. myself **MADHUCHHANDA BARPANDA.**

**DOCUMENT LOST**

**I ADITYA KUMAR MOHAPATRA,** S/o Rabindra Kumar Mohapatra residing At - Harachandi Sahi, Old Town, PS- Shree Lingaraj, Bhubaneswar Dist - Khordha , Odisha- Pin- 751002 declare that the Original Sale Deed in the name of **RABINDRA KUMAR MOHAPATRA** bearing No **10431500874** dt. 31/03/2015 Mutation R.O.R. under Mouza Kairapari Khata No. 25 & 417/252 have been **LOST / MISPLACED** in between my residence to Lingaraj Temple Area and inspite of my best efforts I could not trace it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, on dated-15/04/2026. I, **Rinki Routray** (name name), W/o Bikram Routray, resident of At/Po: Jujhagada, Daruthenga, PS: Chandaka, Dist: Khorda, PIN: 754005, State: Odisha declare that I have changed my name from **Rasmita Pradhan** (old name) to **Rinki Routray** (new name). Henceforth, I shall be known as **Rinki Routray** (new name) for all future purposes.
**(RINKI ROUTRAY)**

**AFFIDAVIT**

I, Santosh Kumar Das, aged about 43 years, S/o-Kailash Chandra Das, resident of AT- Gondia, PO- Gondia, Dist-Dhenkanal, State- Odisha, PIN- 759016 declared by this affidavit No. 87AA 928993, dtd- 02/04/2026 that now onwards I shall be known as **Santosh Kumar Das,** son of Kailash Chandra Das for all future purposes.

**AFFIDAVIT**

I, Pravati Kumari Behera, aged about 55 years, W/o-Jaladhar Behera, resident of Flat No-302, Balabhadra Tower-1, Vaisnomata Vihar, Po-Sundarpada, Bhubaneswar, Dist-Khurda, PIN- 751002, Odisha declared by this affidavit No. CF No-52, dtd-16/11/2023 that now onwards I shall be known as **PRAVATI BEHERA** for all future purposes.

**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www.ireps.gov.in** ରେ ଅପଲୋଡ କରାଯାଇଛି।

ଟେଣ୍ଡର ବିଜ୍ଞପ୍ତି ସଂ.**Sr.DMM/KUR/EP/2026-27/01**,ତା.**09.04.2026**ରିଖ

**କ୍ରମ ସଂ.01:** ଟେଣ୍ଡର ସଂ.**81265387**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ପୋର୍ଟେବୁଲ ଭିଡ଼ିଓ ବୋରସ୍କୋପ (**Borescope**) ମେସିନ୍, ପରିମାଣ: **10** ଗୋଟି। ଇଣ୍ଡଷ୍ଟ୍ରିଆଲ ଆକାଉଷ୍ଟିକ୍ ଇମେଜର (**Imager**), ପରିମାଣ: **04** ଗୋଟି।

**କ୍ରମ ସଂ.02:** ଟେଣ୍ଡର ସଂ.**81265453**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **SPAC** ର ଇଲେକ୍ଟ୍ରୋ-ପେନୁମେଟିକ୍ ଫ୍ୟୁସିଙ୍ଗ୍ ସିଷ୍ଟମ୍ ସହିତ ସ୍ପେୟାର ପାର୍ଟସ୍ କମ୍ପାଟିବଲ (**Compatible**)ସେଟ୍, ପରିମାଣ: **15** ସେଟ୍।

**କ୍ରମ ସଂ.03:** ଟେଣ୍ଡର ସଂ.**81265451**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **AC** ୟୁନିଟ୍ ନିମନ୍ତେ ଟ୍ରେ। (**Trough**)ର ଯୋଗାଣ, ପରିମାଣ: **270** ଗୋଟି।

ବନ୍ଦ ହେବା ତାରିଖ ଏବଂ ସମୟ: ତା.**30.04.2026** ରିଖ **1500** ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍
PR-48/R/26-27

**IN THE COURT OF CIVIL JUDGE, NILGIRI**

C. - S. No. 25/2020
Smt. Ninimani Chasi and Others.......... Plaintiffs
Vrs
State and Others.............................. Defendants

**Notice**
U/O-5 Rule-20 (I-A) of C.P.C.

**D-5 Smt. Apruti Chasi,**
aged 66 years, W/o- Prasanna Chasi, Vill./P.O. - Berhampur, At Present-C/o - Saila Chasi, At - Karanjia (Bhoisahi), P.O. /Dist - Balasore
**D-6 Smt. Sailabala Chasi,**
aged 48 years, D/o - Late Prasanna Chasi, At-Karanjia (Bhoisahi), P.O./
Dist - Balasore

Take notice that the above noted suit is posted for appearance on. 17.04.2026.
Where as the plaintiff No. (1)(Ka), Ninimani Chasi, 69, wife of Late Gouranga Chasi, At - Chandigad, P.O. -K. C. Pur, P.S. Berhampur, Dist.-Balasore and others have filed this suit for declaration and permanent injunction against the defendants and the suit notice was issued to you by usual process and postal but returnded unserved due to your absence. Hence you are directed to appear in person before this Court or through your counsel on the aforesaid date at 10:30A.M. positively or else the matter shall be decided in your absence according to law.

**SCHEDULE 'A'**
Patta granted by Nilgiri State on 19-11-53, Khata No.-123/36 (Chha), Plot No. 100/3008, A0.50dec., Plot No. 99/3009, A0.72dec., Patta issue by M.S. R.O.R. Khata No. 17, Plot No. 428, A1.16dec. R.O.R. Published in consolidation settlement in 1990, Mouza Chandigad, Khata No. 26, Chaka No. 161, Plot No.-407, Area A1.16dec.
Given under my hand and seal this the 18th day of february 2026.
Civil Judge, Nilgiri

ସକାଳ
THE SAKALA



# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୦ ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା,୧୫।୪(ସମିସ): ସୁନାବେଡ଼ା ହାଲ ଏସ୍‌ସି, ଏସ୍‌ଟି ଏମ୍ପ୍ଲୋଇଜ ଓ ଅଫିସର ଏସୋସିଏସନ୍ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ନୃତ୍ୟ ,ଚିତ୍ରାଙ୍କନ ଏବଂ ବିତର୍କ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତା ୩ଟି ବର୍ଗରେ ହୋଇଥିଲା। ପ୍ରତିଯୋଗୀତାରେ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏସ୍‌ବି. ମାହିରା,କୁହୁ ମଣ୍ଡଳ, ଇପ୍ସିତା ପ୍ରଧାନ, ଶୁଭସ୍ମିତା ନାୟକ, ସୋନାକ୍ଷୀ ରାଉତ, ଆସ୍ଥା ସମ୍ପାରେଡ଼ି, ଅନୁଷ୍କା ରାଣୀ ଦାସ,ଜାଗୃତି ସିଂହ, ଇତିଶ୍ରୀ ଆଚାର୍ଯ୍ୟ,ରାଣୀ ଖିଲ ଏହି ୧୦ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ମୋବାଇଲ ହ୍ୟାକ୍ କରି ଟଙ୍କା ଲୁଟି ନେଲେ ସାଇବର ଠକ

ଉମରକୋଟ,୧୫।୪(ସମିସ): ମୋବାଇଲ ହ୍ୟାକ କରି ଲୁଟି ନେଲେ ୩୨ ହଜାର ଟଙ୍କା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉମରକୋଟ ପୌର ପରିଷଦରେ। ଲୁଟ୍ ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଉମରକୋଟ ବ୍ଲକ ଗ୍ରାମ୍ୟ ଜଳଯୋଗାଣରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶରତ କୁମାର ବେହେରା। ଏନେଇ ଶରତ କୋକସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଗତ ୧୩ ତାରିଖ ଦିନ ଶର ନିଜ କାର ଯୋଗେ ଭୂବନେଶ୍ୱର କୁ ଯାଉଥିଲେ। ଏହି ସମୟରେ ଶରତ ଙ୍କ ଅଫିସ ଷ୍ଟାପ ଫୋନ କରି କହିଲେ ଯେ ଆପଣଙ୍କ ଗାଡ଼ି ଆମପାଣି ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଛି ବୋଲି ମେସେଜ ଆସିଛି। ଏହା ଶୁଣି ଶରତ କୋକସରା ନିକଟରେ ନିଜ ମୋବାଇଲ ଖୋଲି ଦେଖିଲା ବେଳକୁ କେହି ଜଣେ ଦୁର୍ବୃତ୍ତ ଶରତଙ୍କ ମୋବାଇଲ ନମ୍ବର



୭୦୦୮୧୪୨୫୫୪କୁ ହ୍ୟାକ୍ କରି ୩୨ ହଜାର ଟଙ୍କା ନେଇ ଯାଇଛି। ଏନେଇ ଶରତ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ଏହା ଦର୍ଶାଇଛନ୍ତି ଯେ କୋକସରା ଥାନା ଅର୍ନ୍ତଗତ ସିଲି ଗୁଡା ଗ୍ରାମରେ କେହି ଜଣେ ଶରତଙ୍କ ମୋବାଇଲ ହ୍ୟାକ କରିଛି। ଶରତଙ୍କ ଅଭିଯୋଗ ପରେ କୋକସରା ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଶରତ କହିଛନ୍ତି।

# ଜାତୀୟ ରାଜପଥରେ ବକ୍ସାଇଟ ଚାଲାଣକୁ ବିରୋଧ



କୋରାପୁଟ,୧୫।୪(ସମିସ): ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରୁ ୩୨୬ ନଂ ଜାତୀୟ ରାଜପଥରେ ପରିବହନକୁ ବିରୋଧ କରି ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ବର୍ଷ ହେବ କୋଡ଼ିଙ୍ଗାମାଳି ପର୍ବତରୁ ଜାତୀୟ ରାଜପଥରେ ବକ୍ସାଇଟ ନେଇ ଶତାଧିକ ଭାରି ଯାନ କାକିରିଗୁମା ରେଳ ଷ୍ଟେସନକୁ ଯାଉଛି। ଫଳରେ ରାସ୍ତା ସାରା ଧୂଳି ମାଟି ଉଡ଼ି ପରିବେଶ ନଷ୍ଟ ହେଉଥିବା ବେଳେ ଅତ୍ୟଧିକ ଭାରି ଯାନ ଚଳାଚଳ ଯୋଗୁଁ ରାସ୍ତା ଖରାପ ହେଉଛି। ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବୁଧବାର ପୂର୍ବାହ୍ନରେ କଡିଙ୍ଗାମାଳି ଖଣି ପ୍ରଭାବିତ ଅଞ୍ଚଳର ଲୋକେ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଜିଲାପାଳଙ୍କୁ ଜଣାଇବା ସହିତ ୩୨୬ ନମ୍ବର ଜାତୀୟ ରାଜପଥକୁ ବ୍ୟବହାର ନ କରି କନଭେୟର ବେଲ୍ଟ ମାଧ୍ୟମରେ ବକ୍ସାଇଟ ମାଟି ଚାଲାଣ କରା ଯିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ନାବାଳିକାକୁ ଗର୍ଭବତୀ କରି ନାବାଳକ ଅଟକ

ପୋଡ଼ାଗଡ଼, ୧୫।୪(ସମିସ): ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୂର୍କାର ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇଛି। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖି ବିଚାର ପାଇଁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହଜାର କରିଛି। ଗତ ୧୩ ତାରିଖ ଦିନ ନାବାଳିକା ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। କିନ୍ତୁ ନାମ ପଞ୍ଜିକରଣ କରିଥିବା ସମୟରେ ସେ ନାବାଳିକା ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିପାରି ଥିଲେ ଏବଂ ତୁରନ୍ତ ନିକଟସ୍ଥ ପୁଲିସ ଥାନାକୁ ଜଣାଇଥିଲେ। ଖବର ପାଇ ଦଶମନ୍ତପୁର ଥାନା ଅଧିକାରୀ ଚତାନସିଂମାଝୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ହସ୍ପିଟାଲ୍‌କୁ ଯାଇ ପୀଡ଼ିତାଙ୍କୁ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଅଭିଯୋଗ ପରେ ଅଭିଯୁକ୍ତ ନାବାଳକଙ୍କୁ ଥାନାକୁ ଡାକି ପଚରା ଉଚରା କରାଯିବାରୁ ସେ ଗର୍ଭବତୀ କରିଥିବା ସ୍ୱୀକାର କରିଥିଲା। ପୁଲିସ ତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଚରଣ ସିଂ ମାଝୀ କହିଛନ୍ତି। ଏହି ଅଭିଯୋଗ ନେଇ ସବ୍ ଇନ୍ସପେକ୍ଟର କହର ତଦନ୍ତ କରୁଛନ୍ତି।

# 'ଆମେ ଓଡ଼ିଆ, ଆମ ଗୀତ ବଢିଆ' କାର୍ଯ୍ୟକ୍ରମ

ଜୟପୁର,୧୫।୪(ସମିସ)। ଓଡିଆ ନବବର୍ଷ ତଥା ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଗତକାଲି ସ୍ଥାନୀୟ ରଥ ପଡିଆ ଛକ ଠାରେ 'ଆମେ ଓଡ଼ିଆ ଆମ ଗୀତ ବଢ଼ିଆ' କାର୍ଯ୍ୟକ୍ରମ ଗତକାଲି ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଭଗବାନ ହନୁମାନଙ୍କ ଭଜନ ଓ ଚାଳିଶା ଗାୟନ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କେବଳ ଓଡିଶା ସିନେମା ଓ ଆଧୁନିକ ଆଲବମର ପୁରାତନ ଓ ନୂତନ ଗୀତକୁ ନେଇ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଳାକାର ତଥା ଗାୟକ ସନାତନ ପୁରୋହିତ ଦାଶ, ଡ. ରୂପେଶ ବେଉରିଆ, ପ୍ରଜ୍ଞା ପଣ୍ଡା, ଅସ୍ମିତା ଷଡ଼ଙ୍ଗୀ, ସୁଶ୍ରୀତା ଅଧିକାରୀ, ଲୋରୀ ଲୋପାମୁଦ୍ରା ଜେନା, ବିଶ୍ୱଜିତ ଦାସ, ଦିଲୀପ ନାୟକ, ସ୍ନେହା ମହାରଣା,



ମୋନିକା ପଟନାୟକ, ଅପର୍ଣ୍ଣା ସାହୁ, ନିହାର ପଟନାୟକ, କୁରବାନ ଅଲ୍ଲୀ ପ୍ରମୁଖ ଭାବେ ମଞ୍ଚ ଉପରେ ଗାୟନ କରିଥିଲେ। ବାଦ୍ୟଯନ୍ତ୍ର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା କି-ବୋର୍ଡ ବାଦକ ଧିରେନ ମୋହନ ପଟନାୟକ, ରାହୁଲ ସାମନ୍ତରାୟ, ଇଶ୍ୱର ସରାଫ, ସନାତନ ଦାସ, ଶ୍ରୀଶାନ୍ତ, ପୀୟୁଷ ପଟନାୟକ, ଶୁକମାନ ଶଗଡ଼ିଆ, ତରୁଣ ପାଣି ସଂଗୀତ ପରିଚାଳନାରେ ସହାୟତା କରିଥିଲେ। ମଞ୍ଚକୁ ଉଦ୍‌ଘୋଷକ ଭାବେ ପରିଚାଳନା ଶ୍ରୀକାନ୍ତ ଦାଶ ଓ ଜୟନ୍ତ ଦାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆକାଶବାଣୀର ଅବସରପ୍ରାପ୍ତ ମ୍ୟୁଜିକ କମ୍ପୋଜର ତଥା ବରିଷ୍ଠ କଳାକାର ବିଜୟ କୁମାର ସାମନ୍ତରାୟ, ଇଂ. ତ୍ରିଲୋଚନ ପଣ୍ଡା, ଇଂ ଏନ. ସି. ମଲ୍ଲିକ, ଇଂ. ତ୍ରିଲୋଚନ ପଣ୍ଡା, ଇଂ. କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସରୋଜ କାନ୍ତ ବେଉରିଆ ସ୍ମୃତି କମିଟି, କୋରାପୁଟିଆ କଳା ଓ କଳାକାର, ସ୍ୱର ଘୁଙ୍ଗୁର ଏବଂ ରିଲ ଷ୍ଟାର ଗ୍ରୁପ୍ ମିଳିତ ଭାବେ କରିଥିଲେ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୫ ଯୁବକ

ଚନ୍ଦ୍ରପୁର,୧୫।୪(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରୁ ଏକ ବୋଲେରୋ ନମ୍ବର ଓଡି ୧୮ ପି ୪୬୨୩ ଯୋଗେ ଚନ୍ଦ୍ରପୂର ବ୍ଲକରୁ ମୁନିଗୁଡ଼ା ଅଭିମୁଖେ ଯାଉଥିବାବେଳେ ୫ଜଣ ଯୁବକ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବୋଲେରୋଟି ଡ଼ାଙ୍ଗ ସୋରଡା, ସିଆରପିଏଫ୍ ଛକ ନିକଟରେ ଥିବା ଏକ ଟର୍ଣ୍ଣ ରାସ୍ତାରେ ଭାରସାମ୍ୟ ହରାଇ ୮ ଫୁଟ ଗଭୀରଖାତଭିତରକୁଓଲଟିପଡିଥିଲା। ୫ ଜଣଯୁବକଙ୍କମଧ୍ୟରୁଶୁଭମବେହେରାଙ୍କଅବସ୍ଥାଗୁରୁତରଥିବାସୂଚନାମିଳିଛି। ବାକି ୪ଜଣ ବିବାର ଚନ୍ଦ୍ରପୁର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ଖବର ପାଇ ଚନ୍ଦ୍ରପୁର,ଅଭିମୁଖେଯାଉଥିବାଏକଏରିଟିକକାରଯୋଗେଚନ୍ଦ୍ରପୁର,ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁଚିକିତ୍ସାପାଇନିଆଯାଇଥିଲା।



# ନୂତନ ଏସ୍‌ଡିସି ଭଗବାନ ମୁଦୁଲିଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର,୧୫।୪(ସମିସ): ନନ୍ଦପୁର ଆଦର୍ଶ ଲ୍ୟାମ୍ପ୍‌ସ ପକ୍ଷରୁ ନୂତନ ଜିଲ୍ଲା ଏସ୍‌ଡିସି ସଭାପତି ଭଗବାନ ମୁଦୁଲିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଲ୍ୟାମ୍ପ୍‌ସ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବର୍ତ୍ତମାନ ନିର୍ଦ୍ଦେଶକ ମାନଙ୍କ ମଧ୍ୟରେ ଅଧକ୍ଷା ଦନା ସୀସା , ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସୀମାଞ୍ଚଳ ଖିଲ, ଗିରିଧର ନାୟକ, ଭଗବାନ ସିସା ଏବଂ ତୁଳା ନାୟକ ଉପସ୍ଥିତ ଥିଲେ। ଏହାସହ ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ମାଟମ, ହରିହର ବେହେରା, ସିମାଞ୍ଚଲ୍ ଖିଲ, ଗଣେଶ ଖିଲ ସୁରେଶ୍ ଡଙ୍ଗାୟତ୍,ଜୟରାମ ଭୋଇ, ଏସ୍‌କେ ଗଫୁରଙ୍କ ସହିତ ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା ଓ ଲ୍ୟାମ୍ପସ୍‌ର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ନନ୍ଦପୁର ଲ୍ୟାମ୍ପସ୍‌ର ଉନ୍ନତି ଓ କୃଷକମାନଙ୍କ ସେବାକୁ ଆହୁରି ଦୃଢ଼ କରିବା ପାଇଁ ତାଙ୍କ ପ୍ରୟାସ କୁ ଆହୁରି ଶାଣିତ କରିବାକୁ ଅନୁରୋଧ କରିଥିଲେ।

# 'ସାରା ଆକାଶ ତୁମର' ଲୋକାର୍ପିତ




ନବରଙ୍ଗପୁର:,୧୫।୪(ସମିସ): ଓଡ଼ିଆ ନବବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ପାଳନ ଅବସରରେ ସୀମାନ୍ତ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଚୈତନ୍ୟ ମନ୍ଦିର ସମ୍ମିଳନୀ ଗୃହରେ ମହା ବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଷଷ୍ଠ ତମ କାବ୍ୟଗ୍ରନ୍ଥ "ସାରା ଆକାଶ ତୁମର' ଲୋକାର୍ପିତ ହୋଇଯାଇଛି। ସାହିତ୍ୟର ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସଭାପତି ଅଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଦୀପ କୁମାର ମିଶ୍ର, ସାହିତ୍ୟିକ ଡ. ନାରାୟଣ ପଣ୍ଡା, ଜଗନ୍ନାଥ ମହାପାତ୍ର, ଝାଡେଶ୍ୱର୍ ଖାଡ଼ଙ୍ଗା, ସୁଶାନ୍ତ କୁମାର ନାଏକ ତଥା ଅନେକ ସୁସାହିତ୍ୟକ ଉପସ୍ଥିତ ରହି ନିଜର ବହୁମୂଲ୍ୟ ମତ ଓ ଅଭିଭାଷଣ ରଖିଥିଲେ। ଶେଷରେ ପ୍ରକାଶକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ପଟ୍ଟା ବଣ୍ଟନ

ତେନ୍ତୁଳିଖୁଣ୍ଟି, ୧୫।୪(ସମିସ): ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜିତେନ୍ତୁଳିଖୁଣ୍ଟି ବ୍ଲକ୍ ଗସ୍ତକରିବିଭିନ୍ନପ୍ରକଳ୍ପରଶୁଭଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ନବରଙ୍ଗପୁର ବିଦ୍ୟାଳୟ ତଥା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିର ନୂତନ ଫାଟକର ଶୁଭ ଉଦ୍‌ଘାଟନ କରିଛନ୍ତି। ସେହିପରି ସୁଭଦ୍ରା ଶକ୍ତି କେନ୍ଦ୍ର ଏବଂ ସୌନ୍ଦର୍ଯ୍ୟକୃତ କକ୍ଷର ଶୁଭ ଉଦଘାଟନ କରିଛନ୍ତି। ଏହାପରେ ସୌନ୍ଦର୍ଯ୍ୟକୃତ କକ୍ଷ ପରିସରରେ ଏକ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା । ବିଡିଓ ମନୋଜ ପାଣିଗ୍ରାହୀ ସଭାକାର୍ଯ୍ୟ ପରିଚାଳନା କରି ସ୍ୱାଗତ ଭାଷଣ ଦେଇଥିଲେ। ଭୂମିହୀନ ଓ ଗରିବ ରେଖା ତଳେ ଥିବା ସମସ୍ତ ପରିବାର



ଙ୍କୁ ଆବାସ ଗୃହ, ଚାଉଳ କାର୍ଡ ଓ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ବିଧାୟକ ଶ୍ରୀ ମାଝୀ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉପସ୍ଥିତ ଥିବାବେଳେ ବ୍ଲକ୍ ଅଧକ୍ଷା ନିଁଳେନ୍ଦ୍ରି ନୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସାଂସଦ ପ୍ରତନିଧି ସନ୍ତୋଷ ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ବାସନ୍ତୀ ମାଝୀ, ଉପାଧକ୍ଷ ଲିଙ୍ଗରାଜ ଭତରା, ନବରଙ୍ଗପୁର ପୌରାଞ୍ଚଳ ପୂର୍ବତନ ଅଧକ୍ଷ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅର୍ଜୁନ ତ୍ରିପାଠୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜଗଦୀଶ ଚନ୍ଦ୍ର ବିଷୋୟୀ, ବିଜେପି ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶ, ବରିଷ୍ଠ ନେତା ତଥା ସମାଜସେବୀ ନାରାୟଣ ପାତ୍ର ମଞ୍ଚାସୀନ ଥିଲେ। ଅନ୍ୟପଟେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଭୂମିହୀନ ୪୨ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଏବଂ ୩ ଜଣ ଭିନକ୍ଷମ ହିତାଧିକାରୀଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଏହି ସମୟରେ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ସିଡିପିଓ ବିନିତା ଜେଠି, ବିଏସଏସଓ ରବୀନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କଅଁର, ଏମଆଇ ରୋହିତ ମାଝୀଙ୍କ ସମେତ ସମସ୍ତ ଯନ୍ତ୍ରୀ, ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତିରଞ୍ଜନ କଂସ, ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାକୁଡ଼, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ,ଅଭିମନ୍ୟୁ ହରିଜନ,ଧରଣୀଧର ସିଂହଙ୍କ ସମେତ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ମନୋନୀତ

ଜୟପୁର,୧୫।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ୟବସାୟୀକ ସଂଘ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ନୂତନ ସଭାପତି ଭାବେ ସହର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସଞ୍ଜୟ କୁମାର ଜୈନଙ୍କୁ ଗତକାଲି ୨୧ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୧ ଜଣ ନିର୍ଦ୍ଦେଶକ ଭୋଟଦେଇ ବିଜୟୀ କରିଥିଲେ। ଆଜି ନୂତନ ସଭାପତି ଶ୍ରୀ ଜୈନ ନିର୍ଦ୍ଦେଶକ ମାନଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ଉପସଭାପତି ଭାବେ ସତିଶ କୁମାର ପାତ୍ର, କେ.ଦିଲ୍ଲୀପ ରେଡ୍ଡି, ସାଧାରଣ ସମ୍ପାଦକ ବି.ସତିଶ କୁମାର,



କୋଷାଧକ୍ଷ ସଞ୍ଜୟ କୁମାର ଜୈନ (ପାରିଖ), ଯୁଗ୍ମ ସମ୍ପାଦକ ଲୋକନାଥ ପାତ୍ର ଏବଂ ଅଙ୍କୁର ସୋନିଙ୍କ ମନୋନୀତ କରାଯାଇଛି। ଆଗାମୀ ଦିନରେ ବ୍ୟବସାୟିକ ସଂଘ ତଥା ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିରେ ସହରର ଅନେକ ବ୍ୟବାସାୟୀଙ୍କୁ ଅଧିକରୁ ଅଧିକ ସାମିଲ କରାଯିବ। ବର୍ତ୍ତମାନ ସହରରେ ଚାମ୍ବର ଅଫ୍ କମର୍ସରେ ମାତ୍ର ୮୪୦ ଜଣ ସଦସ୍ୟ ରହିଛନ୍ତି। କିନ୍ତୁ ସହରରେ ହଜାର ହଜାର ସଂଖ୍ୟାରେ ବ୍ୟବସାୟୀ ରହିଥିବା ବେଳେ ଅଳ୍ପ ସଂଖ୍ୟକ ରହିଛି। ଆଗାମୀ ଦିନରେ ୩ରୁ ୪ହଜାର ବ୍ୟବସାୟୀଙ୍କୁ ସଂଘରେ ସାମିଲ କରାଯିବ ବୋଲି ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଗତ ରବିବାର ବ୍ୟବସାୟୀ ସଂଘର ନିର୍ବାଚନରେ ୩୬ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୨୧ ଜଣ ସଦସ୍ୟ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ। ଉକ୍ତ ନିର୍ଦ୍ଦେଶକ ମାନେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ଶ୍ରୀ ଜୈନ ୧୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବର୍ତ୍ତମାନର ସଭାପତି ଭି. ପ୍ରଭାକର ୧୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ।

# ଶ୍ରୀ ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି

ଦାମନଯୋଡ଼ି,୧୫।୪ (ସମିସ):ନାଲ୍‌କୋ ଟାଉନ୍‌ସିପ ସ୍ଥିତ ଉତ୍କଳର ସର୍ବୋଚ୍ଚ ଶ୍ରୀଅଭୟ ଆଞ୍ଜେନେୟଙ୍କ ବିଗ୍ରହ ଓ ଅଷ୍ଟଧାତୁ ମୂର୍ତ୍ତୀଙ୍କ ୪ଦିନ ବ୍ୟାପି ହେଉଥିବା ଜୟନ୍ତୀ ଉତ୍ସବ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱଶାନ୍ତିଯଜ୍ଞର ପୂର୍ଣ୍ଣାହୂତି ହୋଇଛି। ଶ୍ରୀଅଭୟ ଆଞ୍ଜେନେୟଙ୍କ ମହାସ୍ନାନ,ବେଶ, ଷୋଡଶ ଉପଚାର ପୂଜା ଓ ଯଜ୍ଞ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଓ ସନ୍ଧ୍ୟା ଆରତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନୀଳଶୈଳ ଦଳ ଭଜନ ପରିବେଷଣ କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପୂର୍ଣ୍ଣାହୂତି ସମୟରେ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ,ଦିଲ୍ଲୀପ କୁମାର ବାଗ,ମନୋରଞ୍ଜନ ପଣ୍ଡା,ଏନ.ଶ୍ରୀନିବାସ ସୁଧାକର, ଏମ ଭି ସୂର୍ଯ୍ୟା,ନଗେନ ବେହେରା,ରାଜେନ୍ଦ୍ର ମିଶ୍ର,ବିଚ୍ଛନ୍ଦ ଚରଣ ଦାଶ,ମହାପ୍ରବନ୍ଧକ ସି ଏମ ମହାନ୍ତ, ଲକ୍ଷ୍ମୀପୁର ବିଡ଼ିଓ ସବ୍ୟସାଚୀ ବେହେରା ଓ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ଆସିଥିବା ପଣ୍ଡିତ ପଣ୍ଡିତ ବିନୟ କୁମାର ମିଶ୍ର,ପଣ୍ଡିତ ଅଜୟ କୁମାର ଦାଶ,ପଣ୍ଡିତ ଜନାର୍ଦ୍ଦନ ମିଶ୍ର,ପଣ୍ଡିତ ସର୍ବେଶ୍ୱର ନନ୍ଦ, ପଣ୍ଡିତ ପ୍ରଶାନ୍ତ କୁମାର ବ୍ରହ୍ମା, ପଣ୍ଡିତ ମହେଶ୍ୱର ପଣ୍ଡା,ପଣ୍ଡିତ ଶ୍ରୀଧର କୁମାର ଦାଶ,ପଣ୍ଡିତ ଦୀନବନ୍ଧୁ ମହାରଥୀ ପ୍ରମୁଖଙ୍କ ସହିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରର ନିୟମିତ ପୂଜକ ବଳରାମ ରଥ ଓ ପ୍ରଭାତ କୁମାର ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ଶ୍ରୀ ଯଜ୍ଞ ବରାହଙ୍କ କର୍ତ୍ତାକର୍ତ୍ରୀ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ, ଋଷିକେଶ ବାହାଦୁର ସିଂ ଓ ତାଙ୍କ ଧର୍ମପତ୍ନୀ ସରିତା ସିଂ,ଏନ ରବି କୁମାର ତାଙ୍କ ଧର୍ମପତ୍ନୀ ରେଣୁକା,କ୍ଷୀରୋଦ କୁମାର ବିଷୋୟୀ ଓ ତାଙ୍କ ଧର୍ମପତ୍ନୀ ରାକ୍ଷୀ ସାହୁ ଦାୟିତ୍ୱ ତୁଲାଇଥିଲେ। ଶ୍ରୀଅଭୟ ଆଞ୍ଜେନେୟ ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ସରୋଜ କୁମାର ସ୍ୱାଇଁ, ଆଲୋକ ଚୌଧୁରୀ, ଶତ୍ରୁଘ୍ନ ଖରା,ଶୁଭ୍ରଜିତ ଜେନା,ଶମ୍ଭୁପ୍ରସାଦ ପାତ୍ର,ଶ୍ୟାମସୁନ୍ଦର ପଣ୍ଡା,ହରି ଗଦବା ଓ ସଦାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ହନୁମାନ ବାଟିକା ବାହାରେ ଷ୍ଟଲ୍ ଗୁଡ଼ିକରେ ଭାରତର ବିଭିନ୍ନ ପ୍ରାନ୍ତରୁ ହସ୍ତତନ୍ତ ଓ ହସ୍ତଶିଳ୍ପ ସହିତ ଖାଦ୍ୟ ମେଳା ବ୍ୟବସ୍ଥା ହୋଇଛି। ଏହି ମେଳା ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ।

## ପୂଜାରୀଗୁଡା ଉନ୍ନୀତ ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ

# ଗୋଟିଏ ବିଦ୍ୟାଳୟର ଦୁଇଟି କ୍ୟାମ୍ପସ

ତେନ୍ତୁଳିଖୁଣ୍ଟି, ୧୫।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ଉନ୍ନୀତ ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ଦୁଇଟି କ୍ୟାମ୍ପସରେ ପରିଚାଳିତ ହେଉଛି। ଉଭୟ କ୍ୟାମ୍ପସର ଦୂରତା ପ୍ରାୟ ୩ କିଲୋମିଟର ରହିଛି। ବାଳବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ କ୍ୟାମ୍ପସ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆଉ ଗୋଟିଏ କ୍ୟାସ୍ରେ ରହିଛି। ସମ୍ପୃକ୍ତ ଦୁଇ ବିଦ୍ୟାଳୟ ଅଲଗା କ୍ୟାମ୍ପସରେ ରହିଥିବା ବେଳେ ପରିଚାଳନା କିନ୍ତୁ ଗୋଟିଏ ବିଦ୍ୟାଳୟରୁ ହେଉଛ। ସମସ୍ୟା ହେତୁ ପୃଥକୀକରଣ କରିବା ପାଇଁ ପୂଜାରୀଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର



ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀ ବୃନ୍ଦ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉଭୟ ବିଦ୍ୟାଳୟ ପରିଚାଳନା ଭାର ଜଣେ ପ୍ରଧାନ ଶିକ୍ଷକଙ୍କ ଉପରେ ରହିଛି । ଏଭଳି ସ୍ଥିତିରେ ବିଦ୍ୟାଳୟ ପରିଚାଳନା କଷ୍ଟକର ହେଉଥିବା ବେଳେ ଅନେକ ସମୟରେ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଜଣେ ପ୍ରଧାନ ଶିକ୍ଷକଙ୍କୁ ବାଲବାଟିକା ଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଉଭୟ ବିଦ୍ୟାଳୟ ପରିଚାଳନା

### ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

କରିବା ତଥା ଦୈନିକ ଦୁଇ ବିଦ୍ୟାଳୟକୁ ଯାତାୟତ କରି ପରିଚାଳନାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମାଧ୍ୟମିକ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପାଠ ପଢ଼ାଇବା ପାଇଁ ନିୟମିତ୨ କିଲୋମିଟର ଯିବା ଆସିବା କରିବାକୁ ପଡୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ପାଠପଢା ସମେତ ଷ୍ଟାଫ ମିଟିଂ,ଜାତୀୟ ଦିବସ ପାଳନ,ମଧ୍ୟାହ୍ନ ଭୋଜନ ପରିଚାଳନା, ପିଲାଙ୍କ ନାମ ଲେଖା ଆଦି କ୍ଷେତ୍ରରେ ବିଶେଷ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ବାଲବାଟିକାରୁ ଅଷ୍ଟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀକୁ ପୃଥକୀକରଣ କରି ଦୁଇଟି ସ୍ୱତନ୍ତ୍ର ବିଦ୍ୟାଳୟ କରିବା ଏବଂ ପୃଥକ ୟୁଏସ୍‌ଆଇଏସ୍‌ଇ କୋଡ଼ ଓ ଦୁଇ ପୃଥକ୍ ପ୍ରଧାନ ଶିକ୍ଷକ ପଦବୀ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ପଲ୍ଲିଶ୍ରୀ ବରଦା, ବି.ରୋଜା କୁମାରୀ ,ସବିତା ବେହେରା,ଚିନ୍ମୟୀ ପଣ୍ଡା, ଯାଇ. ମାଣିକେଶ୍ୱରୀ, ଆକାଶ ମେହେର,ମଧୁସୂଦନ ପାଲଟା ସିଂ, ମମତା ମଞ୍ଜରୀ ବାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ



ନନ୍ଦପୁର,୧୫।୪ (ସମିସ): ନନ୍ଦପୁର ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟଅଗ୍ନିଶମ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବାହିନୀର କର୍ମଚାରୀ ଏକ ସଚେତନତା ନେଇ ନନ୍ଦପୁର ସହରରେ ପ୍ରଚାରପତ୍ର ବଣ୍ଟନ କରିଥିବା ଦେଖା ଦେଇଛି। ଅଗ୍ନି ସପ୍ତାହ ପାଳନ ଅବସରରେ ୧୪ ତାରିଖରୁ ସାରା ଭାରତରେ ଅଗ୍ନିଶମ ସହିଦ ଦିବସ ପାଳନ ନେଇ ବୁଧବାର ସପ୍ତାହିକ ହାଟ ଠାରୁ ନନ୍ଦପୁର ସହରର ପରିକ୍ରମା କରି ସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅଧିକାରୀ ହେମନ୍ତ କୁମାର ସାମଲ, ମୁଖ୍ୟ ଅଗ୍ନି ଯୋଦ୍ଧା ଜି. ଚିନ୍ନା କିସାନ, ରଞ୍ଜନ ମଲ୍ଲିକ ଥବିର ଭୋଇ, ଅଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ରାୟଗଡ଼ା,୧୫।୪(ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ା ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏପ୍ରିଲ ୧୫ ତାରିଖରେ ଆୟୋଜିତ ହୋଇଯାଇଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରାଷ୍ଟ୍ରୀୟ ସେବା ଯୋଜନା ଏବଂ ରେଞ୍ଜ ଓ ରୋଭର ଶାଖାର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ



ମହାବିଦ୍ୟାଳୟ ଅଧକ୍ଷା ସହକାରୀ ପ୍ରଫେସର ଡକ୍ଟର ଶ୍ୟାମା ମହାପାତ୍ର ଉଦ୍‌ଘାଟନ କରିଥିଲେ । ରାୟଗଡ଼ା ଜିଲ୍ଲା ସଦରମହକୁମା ରକ୍ତ ଭଣ୍ଡାର କେନ୍ଦ୍ରର କର୍ମଚାରୀ ଆସି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧକ୍ଷା ଡ. ମହାପାତ୍ରଙ୍କ ସମେତ ପବିତ୍ର ମୋହନ ପ୍ରଧାନ, ବିଶ୍ୱଜିତ ରଥ, ଶିବାନନ୍ଦ ବେସ୍ରା ପ୍ରମୁଖ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ୨୨ ୟୁନିଟ୍ ରକ୍ତଦାନ କରିଥିଲେ । ଏନ୍‌ସିସି ଅଫିସର, ସହକାରୀ ପ୍ରଫେସର ଏମ୍ କଲ୍ୟାଣ କୁମାର, ଗିରିଜା କହଁର, ଏନ୍‌ଏସ୍‌ଏସ୍ ଅଫିସର ଡକ୍ଟର ପ୍ରଦୀପ କୁମାର ଦାସ ଏବଂ ରେଞ୍ଜ ଓ ରୋଭର ଦାୟିତ୍ୱରେ ଥିବା ଶ୍ରୀ ନାଥନ୍ ବେସ୍ରା ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍

- ସନ୍ତୋଷ କୁମାର ମହାନ୍ତି ୯୯.୧୭ ପ୍ରତିଶତ ରଖି ଟପ୍ପର

ରାୟଗଡ଼ା,୧୫।୪(ସମିସ): ଆଜି ପ୍ରକାଶ ପାଇଁ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳ । ରାୟଗଡର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୧୦୦ ପ୍ରତିଶତ ରେଜଲ୍ଟ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ବିଦ୍ୟାଳୟର ଦଶମ ଶ୍ରେଣୀର ୧୧ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ମାର୍କ ହାସଲ କରିଥିବା ବେଳେ ଦଶମ ଶ୍ରେଣୀ ଛାତ୍ର ସନ୍ତୋଷ କୁମାର ମହାନ୍ତି ୯୯.୧୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ସେ ୫ଟି ବିଷୟରେ ୯୯.୦୬ ପ୍ରତିଶତ ମାର୍କ ହାସଲ କରିଥିବା ନେଇ ବିଦ୍ୟାଳୟର ଅଧକ୍ଷ ରାଜାରାମ ଏବଂ ପରୀକ୍ଷା ଇନଚାର୍ଜ ଡ.ରମେଶ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

### ରାୟଗଡ଼ା ଜିଲ୍ଲା ପରିଷଦ ବୈଠକ

# ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ରାସ୍ତା ସମସ୍ୟାକୁ ନେଇ ଉଦ୍‌ବେଗ

ରାୟଗଡ଼ା,୧୫।୪(ସମିସ): ରାୟଗଡ଼ା ଜିଲ୍ଲା ପରିଷଦର ୮୨ତମ ବୈଠକ ଆଜି ପରିଷଦର ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଜିର ଏହି ବୈଠକରେ ରାୟଗଡ ବିଧାୟକ କାଡ୍ରାକା ଆପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ସାଂସଦ ପ୍ରତିନିଧି, ଗୁଣୁପୁର ବିଧାୟକଙ୍କ ପ୍ରତିନିଧି , ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ପରିଷଦ ଉପାଧକ୍ଷ ସନ୍ତୋଷ କୁମାର ସୁନା, ପିଏ ଆଇଟିଡ଼ିଏ ରାୟଗଡା ଚନ୍ଦ୍ରକାନ୍ତ ମାଝୀ, ପିଏ ଆଇଟିଡିଏ ଗୁଣୁପୁର ଅଜୟ କୁମାର ପ୍ରଧାନ, ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ଅଧକ୍ଷ/ ଅଧକ୍ଷା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ପରିଷଦ ଅଧକ୍ଷା ତାଙ୍କ ଅଭିଭାଷଣରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବାକୁ ଉପସ୍ଥିତ ସଦସ୍ୟ ସଦସ୍ୟା ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ କେତୋଟି ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ବିଷୟରେ ଉଲେଖ କରିଥିଲେ । ଗୁଣୁପୁର ଥେରୁବାଲି ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ହେବ, ଏଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବ୍ରହ୍ମପୁର ଜୟପୁର ରାସ୍ତା ଓ କେରଡା ରାୟଗଡ଼ ରାସ୍ତା ବର୍ଦ୍ଧିତ କାର୍ଯ୍ୟ, ରାୟଗଡ଼ ବାଇପାସ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ କାମ ସରିଯାଇଛି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି ବିଷମକଟକ ଓ ମୁନିଗୁଡା ପାଇଁ ବାଇପାସ ରାସ୍ତା ଗ୍ରାମାଞ୍ଚଳରେ ରାସ୍ତାଘାଟ ଉନ୍ନତିକରଣ ନିମନ୍ତେ ଜିଲ୍ଲାରେ ପାଖାପାଖି ୮୦୦ଟି ପ୍ରକଳ୍ପ ହାତକୁ ନିଆଯାଇଛି । ଯାହାକି ଓଡ଼ିଶାରେ ସର୍ବକ୍ଷଧିକ ପ୍ରକଳ୍ପ ହେବ ଏବଂ କଚା ରାସ୍ତାକୁ ପକ୍କା ରାସ୍ତା କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାର ପ୍ରତ୍ୟେକ ଛୋଟ ଛୋଟ ଗାଁକୁ ଆମ ରାସ୍ତା ଯୋଜନା ଅନ୍ତର୍ଭୁକ୍ତ କରାଯିବ । ବିଶେଷ କରି ଆଦିମ ଜନଜାତି ଯଥା ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସୌରା ଅଞ୍ଚଳକୁ ଦୃଷ୍ଟି ଦିଆଯିବା ସହ କାଶୀପୁର ବ୍ଲକରେ ଖଣିଜ ପାଣ୍ଠି ଯୋଜନାରେ ଯୋଗାଯୋଗ ବ୍ୟବସ୍ଥା




କରିବା, କାରିଗରୀ ମାନଙ୍କ ବିକାଶ ନିମନ୍ତେ ବିଷମକଟକ, ଗୁଣୁପୁର ଓ କାଶୀପୁର ବ୍ଲକରେ କଳା ଗ୍ରାମ ଗଠନ କରାଯିବ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବା ସହ ମୁଖ୍ୟ କୃଷି ଜାତ ଦ୍ରବ୍ୟ ନିମନ୍ତେ ପ୍ରୋତ୍ସାହନ ଦିଆଯିବ । ସେହିପରି କୋଲନରା ଓ ରାମନାଗୁଡ଼ା ବ୍ଲକରେ ଚଳିତ ବର୍ଷ ୧୦୦୦ ଏକର ଜମିରେ ଗେଣ୍ଡୁଫୁଲ ଚାଷ କରାଯିବ ଓ ଜନଜାତି ପିଲାଙ୍କ ଶିକ୍ଷାର ବିକାଶ ନିମନ୍ତେ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ନାଗାବଳି ଓ ବଂଶୀଧାରା ନଦୀ ଉପରେ ପ୍ରକଳ୍ପ କରାଯାଇ ନଦୀ ତଟବର୍ତ୍ତୀ ଜମିକୁ ଜଳସେଚନ ସୁବିଧା କରାଯିବ ବୋଲି କହିଥିଲେ । ରାୟଗଡ଼ ବିଧାୟକ ଶ୍ରୀ କାଡ୍ରାକା ଜିଲ୍ଲାର ପିଭିଟିଜି ଅଞ୍ଚଳରେ ବିଦ୍ୟୁତ ସମସ୍ୟା ସମାଧାନ, ଶିକ୍ଷକ ମାନଙ୍କ ଡେପୁଟେସନ ଓ ବ୍ରହ୍ମପୁରରୁ ଜୟପୁର ରାସ୍ତାର ଛଅ ଲେନ ବିଶିଷ୍ଟ କଥା ଉଠାଇଥିବା ବେଳେ ବିଷମ କଟକ ବିଧାୟକ ପାଣି ସମସ୍ୟା ଓ ଜଗଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଏନଜିଓ ପରିଚାଳନା ନେଇ ଉପସ୍ଥାପନା କରିଥିଲେ । ଉପାଧକ୍ଷ ଶ୍ରୀ ସୁନା ରଘୁବାରୀ ଅଞ୍ଚଳର ସମସ୍ୟା ପ୍ରସଙ୍ଗ ଉଠାଇଥିଲେ । ଏହାପରେ ମୁଖ୍ୟତଃ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜିନୀ ଦେବୀ ସ୍ୱାସ୍ଥ୍ୟ ବିଭାଗ ବିଷୟରେ ଉପସ୍ଥାପନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆବଶ୍ୟକତା ଠାରୁ ଅଧିକ ଡାକ୍ତର ପଦବୀ ଖାଲିଥିବା କଥା ବୈଠକରେ ପ୍ରକାଶ କରିଥିଲେ । ଜିଲ୍ଲାରେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ୪୫୯ ଜଣ ଆବଶ୍ୟକରୁ କେବଳ ୧୩୯ ଜଣ ଡାକ୍ତର କାର୍ଯ୍ୟରତ ଥିବା ସିଡିଏମଓ ପ୍ରକାଶ କରିଥିଲେ । ୩୨୦ ଜଣ ଡାକ୍ତର ଜିଲ୍ଲା ପାଇଁ ଆବଶ୍ୟକ ରହିଛି । ଜିଲ୍ଲାର ପ୍ରସୂତୀ ମାଆ ମାନଙ୍କୁ ସ୍ୱାସ୍ଥ୍ୟ ସେବା ସଠିକ ଯୋଗାଇବା ନିମନ୍ତେ, ମା ଓ ଶିଶୁଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ସିଡିଏମଓ ପ୍ରକାଶ କରିଥିଲେ । ଆବଶ୍ୟକ ଡାକ୍ତର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ସଦସ୍ୟ ମାନେ ଦାବି କରିଥିଲେ । ଏହା ପରେ ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ହୋଇଥିଲା । ରାସ୍ତା ଓ କୋଠାବାଡ଼ି ଓ ଗ୍ରାମୀୟ ନିର୍ମାଣ ଉପରେ ନିଆଯାଇଥିବା ବିଭିନ୍ନ ନିର୍ମାଣଧୀନ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା । ଯଥାଶୀଘ୍ର ପ୍ରକଳ୍ପ ଗୁଡିକ ସମ୍ପୂର୍ଣ କରିବାକୁ ସଦସ୍ୟମାନେ ଦାବି କରିଥିଲେ । ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସଙ୍କଟ, ରାସ୍ତା ଘାଟର ସମସ୍ୟାକୁ ନେଇ ବୈଠକରେ ସଦସ୍ୟମାନଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା ।

# ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ






ନବରଙ୍ଗପୁର,୧୫।୪(ସମିସ): ଆଜି ମହାବିଷୁବ ସଂକ୍ରାନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ବହୁ ସଂଖ୍ୟାରେ ମହିଳା ଓ ଯୁବତୀମାନେ ଯୋଗ ଦେଇଥିଲେ । ପାରମ୍ପରିକ ପିଠାପଣା, ହୁଳହୁଳି ଏବଂ ଝୋଟି-ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଓଡ଼ିଆ ଅସ୍ମିତାର ଏକ ସୁନ୍ଦର ଝଲକ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଓଡ଼ିଆ ପକ୍ଷ ପାଳନର ନୋଡାଲ ଅଧିକାରୀ ତପନ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସମାଜସେବୀ ମନୋରମା ମାଝୀ, ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ବାଳା ମହାନ୍ତି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାର ରମା ପଟ୍ଟନାୟକ, ଉପଖଣ୍ଡ ସ୍ତରୀୟ କାର୍ଯ୍ୟକ୍ରମ ଅଧିକାରୀ ପୁଷ୍ପା ପଟ୍ଟନାୟକ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗର କଳ୍ପନା ମହାନ୍ତି ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଝୋଟି ପ୍ରତିଯୋଗିତାରେ ମଦନ ଜାନୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ମିତାରାଣୀ ସାହୁ ଓ ମୀନା ଜାନୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ପିଠା ପ୍ରତିଯୋଗିତାରେ ପାପଡ଼ାହାଣ୍ଡିର ମାର୍ଥା ଏସଏଚଜି ଗ୍ରୁପ ପ୍ରଥମ, ବୁଦାଇ ଦୋରା ଦ୍ୱିତୀୟ ଓ ପୁଷ୍ପଲତା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ହୁଳହୁଳି ପ୍ରତିଯୋଗିତାରେ ୧୨ ସେକେଣ୍ଡ ପର୍ଯ୍ୟନ୍ତ ହୁଳହୁଳି ପକାଇ ପୁଷ୍ପଲତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗୀତାଞ୍ଜଳି ପୂଜାରୀ ଦ୍ୱିତୀୟ ଓ ପୂଜା ବିଶ୍ୱାସ ତୃତୀୟ ସ୍ଥାନ ହାସଲ କରିଥିଲେ । ଉତ୍ସବର ଶେଷ ଭାଗରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଓଡ଼ିଆ ନବବର୍ଷ ଦିବସର ଗୁରୁତ୍ୱ ଓ ଓଡ଼ିଆ ଭାଷା-ସଂସ୍କୃତିର ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍କୃତି ସହକାରୀ ଆକ ପ୍ରକାଶ ସାହୁ ଏବଂ ଏ.ସନ୍ତୋଷ କୁମାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ନନ୍ଦପୁର :** କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମାର ସର୍ବ ପୁରାତନ ହନୁମାନ ମନ୍ଦିରରେ ହନୁମାନଙ୍କ ଜୟନ୍ତୀ ଉତ୍ସବ ଓ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନୂତନ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି । ହନୁମାନ ମନ୍ଦିର ଠାରେ ସକାଳୁ ସକାଳୁ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ ୧୦୮ ହନୁମାନ ଚାଳିଶା ପାଠ କରିବା ସହ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କ ଦ୍ୱାରା ହନୁମାନ ଚାଳିଶା ବହି ବଣ୍ଟନ କରାଯାଇଥିଲା । ବିଭିନ୍ନ ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତରଫରୁ ପଣା ଭୋଗ ଲାଗି କରିବା ପରେ ଲୋକଙ୍କୁ ବଣ୍ଟନ କରିଥିଲେ । ମଧ୍ୟାହ୍ନରେ ଅର୍ଣ୍ଣ ବଣ୍ଟନ କରିଥିଲେ । ସେହିପରି ଗ୍ରାମରେ ଥିବା ସମସ୍ତ ହନୁମାନ ମନ୍ଦିର ବ୍ୟତୀତ ଶିବମନ୍ଦିର, ଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର, ଦୁର୍ଗା ମନ୍ଦିର, ବରାଳଦେବୀ ସମେତ ସମସ୍ତ ଦେବାଦେବୀ ପୀଠରେ ସ୍ୱତନ୍ତ ଉତ୍ସବ ସାଙ୍ଗକୁ ରୀତିନୀତି ଅନୁଯାୟୀ ପୂଜା ପାଠ କରାଯାଇଛି । ଏହି ଅବସରରେ ସମସ୍ତ ଦାଣ୍ଡ ଅଗଣାରେ ଓଡ଼ିଆ ନବବର୍ଷ କୁ ସ୍ୱାଗତ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିରରେ ନୂତନ ପଞ୍ଜିକାକୁ ପୂଜାକରି ପଠନ କରିଥିଲେ । ସେହି ପାଞ୍ଜି ଆଜିଠାରୁ ଶୁଭାରମ୍ଭ କରାଯାଇଛି । ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଗହଳ ଚହଳ ଲାଗି ରହିଥିଲା ।



**ଗୁଣପୁର :** ଗୁଣପୁରଠାରେ ନବନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅକ୍ଷୟ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ପକ୍ଷ ପାଳନ, ପଞ୍ଜିକା ପାଠ, ପଣାବଣ୍ଟନ କାର୍ଯ୍ୟକ୍ରମ ସହ ବିଶିଷ୍ଟ କବି ଦେବେନ୍ଦ୍ର ବାଉରୀ ଓ ସାହିତ୍ୟ ସାଧକ ସହଦେବ ରଥଙ୍କୁ ଜୀବନ ବ୍ୟାପି ଓଡ଼ିଆ ସହିତ୍ୟ ସର୍ଜନା ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ବିଶିଷ୍ଟ ଗୀତିକାର କୈଳାସ ଦାଶଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଗୁଣପୁର ପୌରାଧକ୍ଷା ମମତା ଗୌଡ଼, ବିଶିଷ୍ଟ ଅତିଥି ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଓ ମୁଖ୍ୟ ବକ୍ତା ରୂପେ ଅଧ୍ୟାପିକା ବାସନ୍ତୀ ମହାନ୍ତି ଯୋଗଦେଇ ଓଡ଼ିଆ ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପଣ୍ଡିତ ପ୍ରକାଶ ରଥ ପାଞ୍ଜି ପଠନ କରିଥିବା ବେଳେ ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶିତ ନୃତ୍ୟ ଦଳ ଦ୍ୱାରା ବାର ମାସେ ତେର ଯାତ୍ରା ନୃତ୍ୟ ନାଟିକା ପରିବେଷଣ ହୋଇଥିଲା । ନାଟ୍ୟ କାର କୈଳାଶ ଦାସ , ପି ପି ପ୍ରଦୀପ ଦାଶ , ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ, ଓକିଲ ରମେଶ ଲିମା , ସାମ୍ବାଦିକ ତ୍ରିନାଥ ଖାଡ଼ଙ୍ଗା, କବି ବିଜୟ ମିଶ୍ର ଓ ପ୍ରଭାତ ଶତପଥୀ ବନ୍ଧୁ ମିଳନରେ ଯୋଗଦାନ କରିଥିଲେ । କବି ଅଶ୍ୱିନୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟିକ ରମେଶ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ କାବ୍ୟଯାନ ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା । ପ୍ରଶାନ୍ତ ମିଶ୍ର, ରବି କୁମାର ,ଗୁଲୁ ଅଧିକାରୀ ଓ ନବନିର୍ମାଣ ସମିତିର କର୍ମକର୍ତ୍ତା ମାନେ ଉତ୍ସବ ପରିଚାଳନା କରିଥିଲେ । କୁମାରୀ ବିଦୁସ୍ମିତା ଶବର ସଙ୍ଗୀତ ଗାନ କରିଥିଲେ । ଶେଷରେ ବେବିରାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତୀ











କୋରାପୁଟ,୧୫।୪(ସମିସ): ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ଡ.ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କୋରାପୁଟ ଆମ୍ବେଦକର ସୋସାଇଟି ପକ୍ଷରୁ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରାରେ ସୋସାଇଟିର କର୍ମକର୍ତ୍ତା ମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଂଗଠନର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଓ ଝିନ୍ ହିକ୍‌କା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ନିମାଇଁ ସରକାର ଓ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା,କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, ବିଜୁ ଜନତା ଦଳ କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆ,ଭଗବାନ ଖରା,ଜିଲ୍ଲା ବିଜେପି ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ସାହେବ ଖିଲ,ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ଖୋସଲା ପ୍ରମୁଖଙ୍କ ସହ ଅନ୍ୟମାନେ ହାଇସ୍କୁଲ ପଡ଼ିଆରୁ ଏକ ଶୋଭାଯାତ୍ରାରେ ସାମିଲ ହୋଇ ଉପଜିଲ୍ଲାପାଳ ଅଫିସ ନିକଟ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଆତସବାଜି ସହ ପୁରୁଷ ଓ ମହିଳା ମାନେ ପାରମ୍ପରିକ ବାଜାର ତାଳେ ତାଳେ ନାଚୁଥିବା ଦେଖିବାକୁ ମିଳିଥିଲା । ମହିଳା ମହାବିଦ୍ୟାଳୟ ଛକ ଠାରେ ଶୋଭାଯାତ୍ରା ଶେଷ ହୋଇଥିଲା । ଶୋଭାଯାତ୍ରାରେ ଆମ୍ବେଦକର ସୋସାଇଟ୍ ନେତୃମଣ୍ଡଳୀଙ୍କ ସମେତ ପ୍ରାୟ ୫ ହଜାର ଆମ୍ବେଦକର ବିଚାରଧାରା ସମର୍ଥକ ସାମିଲ ହୋଇଥିଲେ ।

**ସୁନାବେଡ଼ା :** ସୁନାବେଡା ହାଲ ଏସ୍‌ସି, ଏସ୍‌ଟି ଏମ୍ପ୍ଲୋଇଜ ଓ ଅଫିସର ଏସୋସିଏସନ୍ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ପୂର୍ବାହ୍ନରେ ଆସୋସିଏସନ୍‌ର ସଦସ୍ୟ ମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାବା ସାହେବଙ୍କ ଜୟଗାନ କରି ସହର ପରିକ୍ରମା କରିଥିଲେ । ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଭଞ୍ଜମଣ୍ଡପ ଠାରେ ଏସୋସିଏସନ୍‌ର ସଭାପତି ଦମୟନ୍ତ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ହାଲ ସୁଖେଇ ଇଞ୍ଜିନ ପ୍ରଭାଗର ମହାପ୍ରବନ୍ଧକ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାଶିପୁର ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଶଙ୍କର ଦୁରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାନତା, ସାମାଜିକ ନ୍ୟାୟ ଓ ଭ୍ରାତୃତ୍ୱ ଆଧାରିତ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଆମ୍ବେଦକରଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ ବୋଲି କହିଥିଲେ । ଗୁଣୁପୁରର କୁନି ଝିଅ ସୁଶ୍ରୀ ଜୟଶ୍ରୀ କୌଶଲ୍ୟା ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଭାଷଣ ରେ ଡଃ. ଆମ୍ବେଦକରଙ୍କ ଦୂରଦୃଷ୍ଟି,ତ୍ୟାଗ ଓ ସଂଘର୍ଷକୁ ସ୍ମରଣ କରିଥିଲେ । ଏସୋସିଏସନ୍‌ର ସାଧାରଣ ସମ୍ପାଦକ ସୁବାସ ସେଠୀ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ତର୍ଜାତୀୟ ସ୍ପିଡ୍ ସ୍କେଟିଂ ଚାମ୍ପିଅନ୍‌ସିପରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିବା ରାଜବୀର ସିଦ୍ଧୁଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଏସୋସିଏସନ୍‌ର ବରିଷ୍ଠ ସଦସ୍ୟ ମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରଯାଇଥିଲା । ବନିତା ମଲ୍ଲିକ ଓ ଭୀମସେନ ସିଦୁ, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭୁଲା ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । କୁନି କୁନି ପିଲାମାନେ ଓ ମହିଳା ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏସୋସିଏସନର ବରିଷ୍ଠ ସଦସ୍ୟ ଗୌରହରି ଗାଗରିଆ, ବିଚା ଓରାମ, ବଳରାମ ଚମ୍ପିଆ, ବିମଳ କୁମାର ମୁଣ୍ଡା, କଳ୍ପନା ମଲ୍ଲିକ, ମିନତି ମହଲ, ସାନୁ ଚରଣ ମୁଣ୍ଡା, ମହେନ୍ଦ୍ର କିଣ୍ଡୋ, ନନ୍ଦ ବାକା, ସୁବାସ ଏଣ୍ଡ, ତପନ ସିଂହ, ଉପେନ୍ଦ୍ର ନାଥ ନାୟକ, ଭାନୁ ବେହେରା, ସୁବାସ ସେଠି, ବିପ୍ର ସମ୍ପାରେଡ଼ିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



**ସେମିଲିଗୁଡା:** ଆମ୍ବେଦକରଙ୍କ ଜୟନ୍ତୀ କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଏହି କାର୍ଯକ୍ରମ ଆୟୋଜିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସି ସିଂହ ସଭାରେ ସଭାପତିତ୍ୱ କରିଥିଲେ । ସେ ଆମ୍ବେଦକରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ, ଅସ୍ପୃଶ୍ୟତା ବିରୋଧୀ ସଂଘର୍ଷ, ମହିଳା ସଶକ୍ତିକରଣ ଓ ସାମ୍ବିଧାନିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସଭାକୁ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ନିରଞ୍ଜନ ପୋଡ଼ ପରିଚାଳନା କରିଥିଲେ । ଡ.ଗୀତା ପଟ୍ଟନାୟକ ବାବାସାହେବଙ୍କ ଶିକ୍ଷା ନୀତି ଓ ମହିଳା ଉନ୍ନତିରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବାସନ୍ତୀ ଶ୍ରୀ, ସଙ୍ଗୀତ ପଣ୍ଡା, ସ୍ନିଗ୍ଧା ପଟ୍ଟନାୟକ, ବିଶାଳ, ରୋହିଣୀ ସିରିକା ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିବା, ଶୁଭଙ୍କର ଓ ସ୍ମୃତି ଡ.ଆମ୍ବେଦକରଙ୍କ ଜୀବନୀ, ସମ୍ବିଧାନ ଓ ସମାଜ ସଂସ୍କାର ସମ୍ପର୍କରେ ସନ୍ଦର୍ଭ ପାଠ ଓ ପ୍ରଶ୍ନୋତ୍ତରୀରେ ଅଂଶଗ୍ରହଣ କରିଥିଲେ ।

**ନବରଙ୍ଗପୁର :** ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧକ୍ଷ କୁନୁ ନାୟକ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଆର୍‌ସିଡି ଓ କସ୍ତୁରବା ଗାନ୍ଧୀ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ,ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହା ପରେ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ଡ. ବିଆର୍ ଆମ୍ବେଦକରଙ୍କ ଜୟନ୍ତୀ ସ୍ମୃତିସଭା , ଆଲୋଚନାଚକ୍ର ଓ ମୁକ୍ତପ୍ରଶ୍ନ ମଞ୍ଚର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧକ୍ଷ କୁନୁ ନାୟକ ଓ ମୁଖ୍ୟବକ୍ତା ରୂପେ ପୂର୍ବତନ ସଭାପତି, ଜିଲ୍ଲା ଆଇନଜୀବୀ ସଂଘ ନରସିଂହନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସ୍ୱାଗତ ଭାଷଣ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଶ୍ନମଞ୍ଚକୁ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ଓ ସୁଶାନ୍ତ ସାହୁ ପରିଚାଳନା କରିଥିଲେ । ସଭାରେ ବୁଦ୍ଧିଜୀବି ଡ ବିଜୟ ମିଶ୍ର, ନାରାୟଣ ପଣ୍ଡା,ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଏଡିଡ଼ବ୍ଲୁଓ ଭରତ ଚନ୍ଦ୍ର ସାହୁ, ଡିପିଇଓ ପ୍ରଭାତ ପଟ୍ଟନାୟକ, ବିଭିନ୍ନ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ବିଜ୍ଞାନ କଲେଜ, ମଡେଲ ଡିଗ୍ରୀ କଲେଜ, ସ୍ମାର୍ଟ ଗୁରୁକୁଳ, ସରସ୍ୱତୀ ବିଦ୍ୟା ମନ୍ଦିର, ଏକଲବ୍ୟ ଆଦର୍ଶ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି,ଅନୁଷ୍ଠାନ କର୍ମକର୍ତ୍ତା,ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଦିଲୀପ ମଲ୍ଲିକ, ବନମାଳୀ ଗୋଛି, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ, ସୁବ୍ରତ ବିଶୋୟୀ ସହଯୋଗ କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ଅମ୍ବାଦଳା :** ରାୟଗଡା ଜିଲ୍ଲାର ଅମ୍ବାଦଳା ଠାରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । ଅମ୍ବାଦଳା ସମ୍ବିଧାନ ସୁରକ୍ଷା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଶତାଧିକ ଭୀମ ଆର୍ମି ସଦସ୍ୟମାନେ ଷ୍ଟାଚ୍ୟୁ ଛକରୁ ବାହାରି ଏକ ବିଶାଳ ରାଲି କାଢ଼ି ସହର ପରିକ୍ରମା କରିଥିଲେ । ରାଲି ସମୟରେ 'ଜୟ ଭୀମ' ନାରାରେ ସମଗ୍ର ଅଞ୍ଚଳ ମୁଖରିତ ହୋଇଯାଇଥିଲା । ସଭାରେ ଅତିଥିମାନେ ଡ଼ା. ବି.ଆର୍. ଆମ୍ବେଦକରଙ୍କ ଆଦର୍ଶ ଓ ସମ୍ବିଧାନ ସୁରକ୍ଷାର ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ ।

**କୋରାପୁଟ :** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୋରାପୁଟ ମୁଖ୍ୟ କ୍ୟାମ୍ପସର ସେମିନାର ହଲ୍‌ରେ ଆମ୍ବେଦକରଙ୍କ ମଜୟନ୍ତୀ ପାଳିତ ହୋଇଯାଇଛି । ଅର୍ଥନୀତି ବିଭାଗର ସହ ପ୍ରାଧ୍ୟାପକ ଏବଂ କାର୍ଯ୍ୟକ୍ରମର ସଂଯୋଜକ ଡ଼. ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଓ ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ନରସିଂହ ଚରଣ ପଣ୍ଡା, ଆଧୁନିକ ଭାରତ ଗଢ଼ିବାରେ ଡ. ଆମ୍ବେଦକରଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସଂସଦ ଟିଭି, ରାଜ୍ୟସଭା ସଚିବାଳୟ, ନୂଆଦିଲ୍ଲୀର ସଂଯୁକ୍ତ ସଚିବ ଡ. ଶୁଭଶ୍ରୀ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଉଚ୍ଚ ଶିକ୍ଷା ବିଭାଗ ନୂଆଦିଲ୍ଲୀର ପରାମର୍ଶଦାତା ଡ. ରାଘବ ଦାଶ ଏକ ସୁସ୍ଥ ଲୋକତନ୍ତ୍ର ପାଇଁ ଏହାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଡ଼. ଆମ୍ବେଦକରଙ୍କ ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷ କର ବାଣୀକୁ ସେ ସାମାଜିକ ପରିବର୍ତ୍ତନର ପଥପ୍ରଦର୍ଶକ ଭାବେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଇଂରାଜୀ ବିଭାଗର ସହାୟକ ପ୍ରାଧ୍ୟାପକ ଏବଂ ସହ-ସଂଯୋଜକ ଡ. ନେଶା ସବର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିରରେ ସୁନ୍ଦରୀଙ୍କ ମେଳି



କିଟ୍‌ରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତା ବୁଧବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି
(ଫଟୋ-ଅନିଲ)

### ୨ ବର୍ଷ ହେଲାଣି ଖାଲି ପଡ଼ିଛି ଓବିସି କମିସନ ଅଧ୍ୟକ୍ଷ ଓ ସଦସ୍ୟ ପଦ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫।୪(ସମିସ): ଓଡ଼ିଶା ରାଜ୍ୟ ପଛୁଆ ବା ଅନଗ୍ରସର ବର୍ଗ କମିସନ (ଓଏସସବିସି)ର ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲି ପଡିବା ପ୍ରସଂଗକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ତଥ୍ୟ ଦେବାକୁ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।



ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ରାଜ୍ୟ ଅନଗ୍ରସର ବା ପଛୁଆ ବର୍ଗ ଆୟୋଗ ଅଧିନିୟମ, ୧୯୯୩ର ଧାରା ୩(୨) ଅନୁସାରେ ଜଣେ ଅଧ୍ୟକ୍ଷ ଓ ତିନି ଜଣ ସଦସ୍ୟଙ୍କୁ ନେଇ ଏହି କମିସନ ଗଠିତ ହୋଇଛି। ଏହି କମିସନରେ ହାଇକୋର୍ଟର ବିଚାରପତି ପଦବିରେ କାର୍ଯ୍ୟ କରିଥିବା ଥିବା ଜଣେ ବ୍ୟକ୍ତି ଅଧ୍ୟକ୍ଷ ହେବା ଓ ଜଣେ ସମାଜବିଜ୍ଞାନୀ ତଥା ଅନଗ୍ରସର ଶ୍ରେଣୀ ବିଷୟରେ ବିଶେଷ ଜ୍ଞାନ ଥିବା ଦୁଇ ଜଣ ବ୍ୟକ୍ତି ସଦସ୍ୟ ହେବାର ପ୍ରାବଧାନ ଅଛି। ଏହି ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ଗତ ୨୦୨୪ ଜାନୁଆରୀ ୧ ତାରିଖରେ ତାଙ୍କ ତିନିବର୍ଷିଆ କାର୍ଯ୍ୟକାଳ ପୂରଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ନ ଦେବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଷ୍ଠିତ ଏହି ବୈଧାନିକ ସଂସ୍ଥା ଅଚଳ ହୋଇଯାଇଛି। ରାଜ୍ୟରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଗତ ୨୧୬ଟି ସମୁଦାୟ ବାସ କରୁଛନ୍ତି। ସେମାନେ ରାଜ୍ୟର ଜନସଂଖ୍ୟାର ପ୍ରମୁଖ ଅଂଶ ଅଟନ୍ତି। ରାଜ୍ୟର ଅନଗ୍ରସର ଶ୍ରେଣୀ ତାଲିକାରେ ନୂତନ ଜାତିକୁ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଓ ଅନଗ୍ରସର ଶ୍ରେଣୀ ବା ପଛୁଆ ବର୍ଗଙ୍କ ସମ୍ପର୍କରେ ସରକାରଙ୍କୁ ନୀତିଗତ ପରାମର୍ଶ ଦେବା ଏହି ଆୟୋଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ। ଏହି ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବାକୁ ମଧ୍ୟ ଏହି ଆୟୋଗକୁ ଦାୟିତ୍ୱ ଦିଆଯାଇଛି। ଆୟୋଗ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଉପରୋକ୍ତ ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# ଜଗା ଦର୍ଶନ ପାଇଁ ଲାଗିବ 'ଦର୍ଶନୀ ପାଉଣା'

ଭୁବନେଶ୍ୱର,୧୫।୪(ସମିସ): ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ମାଧ୍ୟମରେ ଆରମ୍ଭ ହେବ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା। ଉଭୟ ଧାଡ଼ି ଦର୍ଶନ ଓ ସ୍ଲଟ ବୁକିଂ ଦର୍ଶନ ପାଇଁ ଯୋଜନା ହୋଇଛି। ସ୍ୱତନ୍ତ୍ର ହୋଲ୍ଡିଂ ଏରିଆରେ ସ୍ଲଟ୍ ବୁକିଂ ମାଧ୍ୟମରେ ଶ୍ରଦ୍ଧାଳୁ ଦର୍ଶନ କରିବେ। ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ୍ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ସୁଗମ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ସ୍ଥାନୀୟ ଲୋକଙ୍କ ଦର୍ଶନ କଥା ଚିନ୍ତା କରାଯାଉଛି। ସାଧୁ ସନ୍ଥଙ୍କ ଦର୍ଶନ କଥା ମଧ୍ୟ ଚିନ୍ତା କରାଯାଉଛି। ପୂର୍ବ ଭଳି ଧାଡି ଦର୍ଶନ (ବ୍ୟାରିକେଟ ଦର୍ଶନ) ସହ ସ୍ଲଟ ବୁକିଂ ମାଧ୍ୟମରେ ଦର୍ଶନ ବ୍ୟବସ୍ଥା କରାଯାଉଛି। ଯେଉଁମାନେ ସ୍ଲଟ ବୁକିଂ କରିଥିବେ, ସେମାନେ ସ୍ୱତନ୍ତ୍ର ହୋଲଡିଂ ଏରିଆରେ ଅପେକ୍ଷା କରିବେ। ନିର୍ଦ୍ଦିଷ୍ଟ ସମୟରେ ସେମାନେ ଯାଇ ଦର୍ଶନ କରିବେ। ମୋବାଇଲ ବ୍ୟବହାର ଜାଣିଥିବା ପ୍ରତ୍ୟେକ ଲୋକ ସ୍ଲଟ ବୁକିଂ ଜରିଆରେ ଦର୍ଶନ କରି ପାରିବେ। ମନ୍ଦିର ଭିତରେ ଧାଡି ଦର୍ଶନକୁ ସୁଗମ କରିବା ପାଇଁ ପ୍ଲାଟଫର୍ମ ପକାଇବା ବ୍ୟବସ୍ଥା କରାଯାଉଛି। ନାଟ ମଣ୍ଡପ ଅଞ୍ଚଳରେ ଏୟାର କଣ୍ଡିସନ ବ୍ୟବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି।

**■ ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ**
**■ ଦେୟ ହେବ ୫ ଶହ !**

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ସର୍ବାଧିକ ସାଢ଼େ ୪ ହଜାରରୁ ୫ ହଜାର ଭକ୍ତ ଏକାସମୟରେ ଦର୍ଶନ କରିବାର କ୍ଷମତା ମନ୍ଦିର ଭିତରେ ରହିଛି। ମହାପ୍ରଭୁଙ୍କ ନୀତିକାନ୍ତି ଅନ୍ୟ ମନ୍ଦିରଠାରୁ ଭିନ୍ନ। ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ନୀତି ଚାଲେ। ତେଣୁ ଲୋକଙ୍କୁ ଏ ବିଷୟରେ ଅବଗତ କରିବା ପାଇଁ ବ୍ୟବସ୍ଥା ହେଉଛି। କାରଣ ୫ ବର୍ଷ ପୂର୍ବରୁ ଯେତିକି ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିଲେ, ସେହି ସଂଖ୍ୟାରେ ୨ରୁ ଅଢେଇ ଗୁଣ ସଂଖ୍ୟା ବୃଦ୍ଧି ହୋଇଛି। ଆଗକୁ ଏହି ସଂଖ୍ୟା ୩ରୁ ସାଢ଼େ ୩ ଗୁଣ ବଢ଼ିବାର ସମ୍ଭାବନା ରହିଛି। ସାଧାରଣ ଦିନରେ ୬୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ କରିବା ପାଇଁ ଆସୁଛନ୍ତି। ସବୁ ଯୋଜନା ପରୀକ୍ଷାମୂଳକ ଭାବେ କରାଯିବ। ସଫଳତା ମିଳିଲେ ଏହାକୁ ବିଧିବଦ୍ଧ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ସ୍ୱତନ୍ତ୍ର ଦର୍ଶନ ପାଇଁ ଦର୍ଶନୀ ଦେୟ ୫ଶହରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ କରାଯିବା ନିମନ୍ତେ ଯୋଜନା ହୋଇଛି।

# ରତ୍ନ ଅଳଙ୍କାର ନିଖୋଜ ନେଇ ଥାନାରେ ଏତଲା

ପୁରୀ,୧୫।୪(ସମିସ): ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାରରୁ ୨/୩ଟି ଅଳଙ୍କାର ନିଖୋଜ ନେଇ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦେଇଛି ଶ୍ରୀଜଗନ୍ନାଥ ସେନା। ଏହି ଅଳଙ୍କାର ହଡ଼ପ ବା ଲୁଟ୍ ଅଭିଯୋଗ କରିଛି ସେନା। ବାହାର ରତ୍ନଭଣ୍ଡାର ଗଣତିର ଶେଷ ଦିନ ଅର୍ଥାତ୍ ଗତ ୧୧ ତରିଖରେ ରତ୍ନଭଣ୍ଡାର ସ୍ୱତନ୍ତ୍ର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ୧୯୭୮ ତାଲିକା ଅନୁସାରେ ୩ଟି ଅଳଙ୍କାର ମିଳି ନ ଥିବା କହିଥିଲେ। ଏହା ଭିତର ରତ୍ନଭଣ୍ଡାରରେ ରହିଥାଇପାରେ ବୋଲି କହିଥିଲେ। ଏହି ରତ୍ନ ଅଳଙ୍କାର ଚୋରି ହୋଇଯାଇଛି ଅଭିଯୋଗ କରିଛନ୍ତି ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ। ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଯଦି ପୁଲିସ ଫେଲ୍ ମାରିବ ତାହେଲେ ସିବିଆଇର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦିଆଯାଇଛି।

### ମୋକିମଙ୍କ ସଭାରେ ସୋଫିଆଙ୍କ ଯୋଗଦାନ ପରେ

# ସୋଫିଆଙ୍କ ସଦସ୍ୟତା ରଦ୍ଦ ହେବା ସୁନିଶ୍ଚିତ: କଂଗ୍ରେସ

ଭୁବନେଶ୍ୱର,୧୫।୪(ସମିସ): କଂଗ୍ରେସରୁ ନିଲମ୍ବିତ ବିଧାୟିକା ସୋଫିଆ ଫିର୍‌ଦୋସଙ୍କ ବିଧାନସଭା ସଦସ୍ୟତା ରଦ୍ଦ ହେବ। ତାଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଆଉ କୌଣସି ପ୍ରତିବନ୍ଧକ ନାହିଁ ବୋଲି ରାଜ୍ୟ କଂଗ୍ରେସ କହିଛି। ଦଳ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଗତ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ବାପା ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଭୋଟ୍ ଦେଇ କିଛି ଭୁଲ୍ କରିନାହାନ୍ତି ବୋଲି ପୂର୍ବରୁ କହି ସୋଫିଆ ଦଳୀୟ ଅନୁଶାସନ ଭଙ୍ଗ କରିଥିଲେ। ତେବେ ଦଳବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କ ବାପା ତଥା ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହେବା ପରେ ସୋଫିଆ ଏକାଧିକ ଥର ନିଜ ଉଚ୍ଚାରଣ ଓ ଆଚରଣ ବଳରେ ଦଳରୁ ଦୂରେଇଯାଉଥିବା ଦେଖାଯାଉଥିଲା। ଗତ ରାଜ୍ୟସଭା ନିର୍ବାଚନ ବେଳେ ଓ ପରେ ସେ ଦଳର ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତିକୁ ବିରୋଧ କରି ଖୋଲାଖୋଲି ବିଭିନ୍ନ ମତମନ୍ତବ୍ୟ ଦେବାଦ୍ୱାରା ସେ ଦଳରୁ ଦୂରେଇଯାଉଥିବା ଅଧିକ ସ୍ପଷ୍ଟ ହୋଇଥିଲା। ତେଣୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ଏଥିସହ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ତାଙ୍କ ସଦସ୍ୟପଦ ରଦ୍ଦ ହେବା ନେଇ କଂଗ୍ରେସ ପକ୍ଷରୁ ବିଧାନସଭାର ବାଚସ୍ପତିଙ୍କ ନିକଟରେ ଦାବି କରାଯାଇଥିଲା। ତେବେ ୧୫ ଏପ୍ରିଲ ବୁଧବାର ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ।ରେ ଆୟୋଜିତ ନିଜ ବାପାଙ୍କ ନବଗଠିତ ଓଡ଼ିଶା ଜନତା କଂଗ୍ରେସ ଦଳର ସମାବେଶରେ ଯୋଗଦେଇ ଭାଷଣ ଦେବା ଫଳରେ ସେ ଦଳର ସଦସ୍ୟତାରୁ ନିଜକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଦୂରେଇନେବାକୁ ଚାହିଁଥିବା ପ୍ରତୀୟମାନ ହେଉଛି ବୋଲି କଂଗ୍ରେସ କହିଛି। ତେଣୁ ବାଚସ୍ପତି ତାଙ୍କ ସଦସ୍ୟତା ରଦ୍ଦ କରିବା ଏକରକମ ନିଶ୍ଚିତ ହୋଇଛି। ଏ ନେଇ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ରହିଛି।

ସୂଚନା ଥାଉ କି ବୁଧବାର ସକାଳେ ସୋଫିଆ ତାଙ୍କ ବାପାଙ୍କ ଦ୍ୱାରା ନବଗଠିତ ଓଡ଼ିଶା ଜନତା କଂଗ୍ରେସ ଦଳର ସମାବେଶ ସ୍ଥଳକୁ ଯାଇଥିଲେ। ସେଠାରେ କୌଣସି ରାଜନୈତିକ ପ୍ରତିକ୍ରିୟା ଦେଇ ନ ଥିଲେ। ହେଲେ ପ୍ରଥମେ ମଞ୍ଚ ତଳେ ବସି ପରେ ସେ ମଞ୍ଚ ଉପକୁ ଯାଇ ଏଠାରେ ଉପସ୍ଥିତ ଜନତାଙ୍କୁ ଓଡ଼ିଆ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ।

### ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ମୁନା ମହାନ୍ତିଙ୍କ ଅନ୍ତରୀଣ ଜାମିନ ବଳବତ୍ତର

କଟକ,୧୫।୪(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି)ର ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଅନ୍ତରୀଣ ଜାମିନକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଆଜି ମାମଲା ଶୁଣାଣି ବେଳେ ସିବିଆଇ ପକ୍ଷରୁ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଲିଭର ଜନିତ ରୋଗରେ ପୀଡ଼ିତ ଅଭିଯୁକ୍ତଙ୍କ ପରବର୍ତ୍ତୀ ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ଆବେଦନକାରୀଙ୍କୁ ଜଷ୍ଟିସ ଗୌରୀଶଙ୍କର ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି, ମୁନା ମହାନ୍ତିଙ୍କ ସମେତ ପ୍ରିୟଦର୍ଶିନୀ ସାମଲ, ଟି.ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ସାଗର କୁମାର ଗୌଡ଼, ତଫିକ ଅହମ୍ମଦ ଖାନ, ସୁରେଶଚନ୍ଦ୍ର ନାୟକଙ୍କ ନିୟମିତ ଜାମିନ ହାଇକୋର୍ଟରେ ବିଚାରାଧୀନ ରହିଛି। ମାମଲାର ତଦନ୍ତ କରୁଥିବା ସିବିଆଇ ତରଫରୁ ଚାର୍ଜସିଟର କପି ହାଇକୋର୍ଟରେ ଦାଖଲ କରାଯାଇସାରିଛି। ଗତ ଫେବୃଆରୀ ୧୧ରେ ସ୍ୱାସ୍ଥ୍ୟଗତ କାରଣରୁ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ପ୍ରଥମେ ୧୫ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା ବେଳେ ଏହାକୁ ବିଭିନ୍ନ ସମୟରେ ବର୍ଦ୍ଧିତ କରାଯାଇଛି।

**■ ପୀତବାସ ପଣ୍ଡା ହତ୍ୟା ମାମଲା**

# ବିକ୍ରମଙ୍କ ଜାମିନ ଶୁଣାଣି ଶେଷ; ରାୟ ସଂରକ୍ଷିତ

କଟକ,୧୫।୪(ସମିସ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ମାମଲାରେ ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ତରଫରୁ ରୁଜୁ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ତେବେ ଆସନ୍ତା ୧୭ତାରିଖ ସୁଦ୍ଧା ପକ୍ଷମାନେ ଲିଖିତ ଯୁକ୍ତି ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠରେ ଆଜି ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିଲା। ମାମଲାରେ ସମସ୍ତ ପକ୍ଷଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ ସରକାରଙ୍କ ତରଫରୁ କେସ ଡାଏରି ସହିତ ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ କରାଯାଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବ୍ରହ୍ମପୁର ଅତିରିକ୍ତ ଦେ?ରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥୀ ନାୟକ, ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ ମାମଲା ପରିଚାଳନା କରୁଛନ୍ତି।

# ତଟରକ୍ଷୀ ବାହିନୀ ପକ୍ଷରୁ ୭୧୦ ବସ୍ତା ଗୁଆ ଜବତ

ପାରାଦୀପ, ୧୫।୪ (ସମିସ): ଭାରତୀୟ ତଟରକ୍ଷୀ ଜାହାଜ ବଙ୍ଗୋପସାଗରରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଦୁଇଟି ଭାରତୀୟ ମାଛ ଧରିବା ଡଙ୍ଗାକୁ ଜବତ କରିଛି। ଭାରତୀୟ ତଟରକ୍ଷୀ ଜାହାଜ ପାଟ୍ରୋଲିଂ କରିବା ସମୟରେ ଦୁଇଟି ସନ୍ଦିଗ୍ଧ ମାଛ ଧରିବା ଡଙ୍ଗା ମା' ଆୟେଶା- ୧ ଓ ମା' ଆୟେଶା- ୨ ନଜରକୁ ଆସିଥିଲା। ମାଛ ଧରିବା ଡଙ୍ଗା ଗୁଡ଼ିକୁ ଚଢ଼ଉ କରାଯାଇ ପ୍ରାୟ ୭୧୦ ବସ୍ତା ଚୋରା ଗୁଆ ଦେଖିବାକୁ ମିଳିଥିଲା। ଡଙ୍ଗାଗୁଡ଼ିକ ପଶ୍ଚିମବଙ୍ଗ ରାଜ୍ୟର ବୋଲି ଜଣା ପଡିବା ସହିତ ପଞ୍ଜିକୃତ ଏବଂ କୌଣସି ବୈଧ କାଗଜପତ୍ର ବିନା ଚାଲୁଥିବା ଜଣାପଡ଼ିଛି। ଉକ୍ତ ଡଙ୍ଗାଗୁଡ଼ିକ ଏବଂ କର୍ମଚାରୀମାନଙ୍କୁ ଅଧିକ ବିସ୍ତୃତ ତଦନ୍ତ ପାଇଁ କସାଫଳ ମାଛଧରା ବନ୍ଦରକୁ ପଠାଯାଇଥିଲା ଏବଂ ଅଧିକ ବିସ୍ତୃତ ତଦନ୍ତ ପାଇଁ ଓଡ଼ିଶାର କସାଫଳ ସାମୁଦ୍ରିକ ପୁଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇଥିଲା।



# ମେ' ୧ରୁ ଜୁଲାଇ ୩୧ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ

ରାଜନଗର,୧୫।୪(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ମେ' ୧ ତାରିଖରୁ ଜୁଲାଇ ୩୧ ଯାଏ ଦୀର୍ଘ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେ'ରୁ ଜୁଲାଇ ପର୍ଯ୍ୟନ୍ତ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟରେ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ। ଏହି ସମୟରେ ବଉଳା କୁମ୍ଭୀର ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ କରି ବସା କରି ଅଣ୍ଡା ଦେଇଥା'ନ୍ତି। ଜୁଆର ମାଡୁ ନ ଥିବା ସ୍ଥାନ ଅର୍ଥାତ ସ୍ଥଳଭାଗରେ କୁମ୍ଭୀର ବସା କରି ଅଣ୍ଡା ଦେଇଥାଏ। ଏହି ସମୟରେ ମାଆ କୁମ୍ଭୀର ଅଧିକ ହିଂସ୍ର ହୋଇପଡ଼ିଥା'ନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବ ବୋଲି ଡିଏଫ୍‌ଓ ଭରଦ୍ୱାଜ ଗାଁଓଙ୍କର ସୂଚନା ଦେଇଛନ୍ତି।

### ଭିସୁଟ୍‌ରେ 'ଜୋହୋ ସ୍କିଲ୍ ହବ୍' ଓ ପେଟିଏମ୍ "ଜ୍ଞାନ ବାହାନ' ଲୋକାର୍ପିତ

# ଜୋହୋ ସ୍କିଲ୍ ହବ୍' ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ ଓ ସମର୍ଥ କରିବ: ଧର୍ମେନ୍ଦ୍ର

ସମ୍ବଲପୁର, ୧୫।୪ (ସମିସ) : ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍‌ସ (ଜ୍ଞାନ ବାହାନ) ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ। ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ। ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ। ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଜୋହୋ ପକ୍ଷରୁ ରେସ୍-ଟୁ-କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର




ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ।

ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ୍ ଫାଉଣ୍ଡେସନ ଏବଂ ଭିସୁଟ୍‌ର ମିଳିତ ସହଯୋଗରେ 'ଜ୍ଞାନ ବାହନ' (ୱିସ୍‌ଡମ୍ ଅନ୍ ହ୍ୱିଲ୍‌ସ୍) ର ଶୁଭାରମ୍ଭ ପ୍ରଶଂସନୀୟ। ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ। ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି। ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ।

ଏହି ଅବସରରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ନୂତନ 'ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ' ଏବଂ 'ସ୍ପୋର୍ଟ୍ସ କମ୍ପଲେକ୍ସ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଶାରୀରିକ ବିକାଶ ଓ କ୍ରୀଡ଼ା ପ୍ରତିଭାକୁ ଉନ୍ନୀତ କରିବାରେ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଇନୋଭେଟରଙ୍କୁ ମଧ୍ୟ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜୋହୋ କର୍ପୋରେସନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣୀ, ପେଟିଏମ୍‌ର ପ୍ରତିନିଧି ଏବଂ ଭିସୁଟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ କେବଳମାତ୍ର ଏକ ଆଇନ ନୁହଁ; ମହିଳାଙ୍କ ସ୍ୱପ୍ନର ଉଡ଼ାଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୪(ସମିସ): ସ୍ୱାଧୀନତ୍ତୋର ଭାରତରେ ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ଼ ପଦକ୍ଷେପ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ; ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡ଼ାଣ। ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି; ବରଂ ସକ୍ରିୟ ଭାଗିଦାର ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହା ଐତିହାସିକ ପଦକ୍ଷେପ ବୋଲି କହିବା ସହ ଆଜି ଆମ ସମାଜ, ରାଜ୍ୟ ତଥା ଦେଶରେ ମହିଳାମାନେ ସବୁ କ୍ଷେତ୍ରରେ ଆଗକୁ ବଢିଲେଣି। ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳା ମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ ଯୋଗଦେଇ ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା




ଉଚିତ୍ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳାମାନଙ୍କୁ ପାର୍ଲାମେଣ୍ଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଞ୍ଚାୟତରୁ ପାର୍ଲାମେଣ୍ଟ ଯିବା ସହଜ ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ଖ୍ୟାତନାମା ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଡ. ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତୀକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ୱକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ। ପ୍ରାରମ୍ଭରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦର୍‌ସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**ବୃଷ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଇ ଗତି କରିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ପିଲାମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସି ଲାଗି ରହିବ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ


- ୧୮୫୩- ଭାରତର ପ୍ରଥମ ଟ୍ରେନ୍ ମୁମ୍ବାଇ ଓ ଥାଣେ ମଧ୍ୟରେ ଚାଲିଲା।
- ୧୮୮୯ - ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଜନ୍ମ।
- ୧୯୪୫- ଜର୍ମାନ୍ ଶରଣାର୍ଥୀ ପୋତ ବୁଡ଼ିଯିବାରୁ ୭୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୬୪- ବ୍ରିଟେନ୍‌ର ଚର୍ଚ୍ଚିତ 'ଗ୍ରେଟ୍ ଟ୍ରେନ୍ ରବରି' ମାମଲାରେ ୧୨ ଅପରାଧୀଙ୍କୁ ୩୦୭ ବର୍ଷ ଦଣ୍ଡ ଶୁଣାଗଲା।
- ୨୦୦୨- ଦକ୍ଷିଣ କୋରିଆରେ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ନିଃସଙ୍ଗ ଯନ୍ତ୍ରଣା: ଟଙ୍କା ନୁହେଁ ସମୟ ଦରକାର



ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବୟସ୍କ ଅଟୋ ଚାଳକଙ୍କ ଭିଡିଓ ଭାଇରାଲ ହେଉଛି। ସେ ଏକଲାପଣର ଏମିତି ଏକ ପରିଭାଷା ଦେଇଛନ୍ତି, ଯାହାକି ବେଶ୍ ହୃଦୟସ୍ପର୍ଶୀ ହେବା ସହ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଛି। ସେହିପରି ଭିଡିଓଟିରେ ଡ୍ରାଇଭର ଜଣକ ବୟସ ୬୦ ବର୍ଷ ପାଖାପାଖି ଲାଗୁଛି। ଏହାସତ୍ତ୍ୱେ ବି ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରନ୍ତି। ତେବେ ଜଣେ ଯାତ୍ରୀ ତାଙ୍କୁ ପ୍ରଶ୍ନ କରିଛନ୍ତି, ଏତେ ବୟସରେ ଏମିତି ପରିଶ୍ରମ କାହିଁକି କରୁଛନ୍ତି? ଅଟୋ ଚାଳକ ଜଣକ ଉତ୍ତର ରଖିଥିଲେ, ଏବେ କାମ ସେ ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ସମୟ ଅତିବାହିତ କରିବା ଉଦ୍ଦେଶ୍ୟରେ କରୁଛନ୍ତି। ଏହି ସମୟରେ ଅଟୋ ଚାଳକ ଜଣକ ତାଙ୍କ ଜୀବନ ବିଷୟରେ ମଧ୍ୟ କହିଥିଲେ। ଅଟୋ ଚାଳକଙ୍କ କହିବାନୁଯାୟୀ, ତାଙ୍କ ବାହାଘର ୩୦ ବର୍ଷରୁ ଅଧିକ ସମୟ ହୋଇ ଗଲାଣି। ତାଙ୍କର ତିନି ଝିଅ। ସେମାନେ ଅଲଗା ଅଲଗା ସହରରେ ରହନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, 'ବର୍ଷ ବର୍ଷ ଧରି ଅଟୋ ଚଳାଇ ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ତାଙ୍କ ସ୍ତ୍ରୀ ସହ ଏକାଠି ଖାଉଥିଲେ। ହେଲେ ଏବେ ତାଙ୍କ ସ୍ତ୍ରୀ ଏ ଦୁନିଆରେ ନାହାନ୍ତି। ସେ ଏବେ ସମ୍ପୂର୍ଣ୍ଣ ଏକୁଟିଆ। ତେଣୁ ଏହି ଏକାକୀତ୍ୱ ତାଙ୍କୁ ଘରକୁ ଶୀଘ୍ର ଫେରିବାକୁ ଆଉ ବାଧ କରୁ ନାହିଁ।' ସେହିପରି ଯାତ୍ରୀ ଜଣକ ପଚାରିଲେ, ଏବେ ଘରକୁ ଯିବେ ତ? ଏହାର ଉତ୍ତରରେ ସେ କହିଲେ, 'ଘରେ କିଏ ଅପେକ୍ଷା କରିଥିଲେ ସିନା ଶୀଘ୍ର ଯିବା ଦରକାର ପଡ଼ିବ।' ଅଟୋ ଚାଳକଙ୍କ ଏହି କଥା ଲୋକଙ୍କୁ ଭାବପ୍ରବଣ କରି ଦେଇଛି। ତା'ସହ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

## 'ଅପରେସନ୍ ସିନ୍ଦୂର'ରେ ବରୁଣଙ୍କ ଏଣ୍ଟ୍ରି



୨୦୨୨ରେ 'ଦ କାଶ୍ମୀର ଫାଇଲ୍ସ' ଫିଲ୍ମ ଆଣି ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଏକ ନୂଆ ଫିଲ୍ମ ନେଇ ଆସୁଛନ୍ତି। ଏହାର ଟାଇଟଲ୍ 'ଅପରେସନ୍ ସିନ୍ଦୂର' ରଖାଯାଇଛି। ଭୂଷଣ କୁମାରଙ୍କ ସହ ମିଶି ବିବେକ ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏଥିରେ ବରୁଣ ଧୱନ୍ ଲିଡ୍ ରୋଲରେ ନଜର ଆସିବେ। ସବୁବେଳେ ରୋମାଣ୍ଟିକ୍ ଫିଲ୍ମରେ ଅଭିନୟ କରୁଥିବା ବରୁଣ ଦେଶପ୍ରେମ ଉପରେ ଆଧାରିତ ଫିଲ୍ମ 'ବର୍ଡର ୨'ରେ ଅଭିନୟ କରି ଏବେ ନିଜର ଏକ ସ୍ୱତନ୍ତ୍ର ଇମେଜ୍ ତିଆରି କରିଛନ୍ତି। ସେବେଠାରୁ ବରୁଣଙ୍କୁ ଯୁଦ୍ଧ ଓ ସେନା ଉପରେ ଆଧାରିତ ଫିଲ୍ମର ଅଫର୍ ଆସୁଛି। ବରୁଣ ଏବେ ବିବେକ ଓ ଭୂଷଣଙ୍କ ଏହି ଫିଲ୍ମ ପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ସେ କିନ୍ତୁ ଏଯାବତ୍ ଫିଲ୍ମ ସାଇନ୍ କରିନାହାନ୍ତି। ଫିଲ୍ମ କାହାଣୀ ଶୁଣିବା ପରେ ହିଁ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ବିବେକଙ୍କ 'ଅପରେସନ୍ ସିନ୍ଦୂର' ଭାରତୀୟ ସେନା ପକ୍ଷରୁ ଚଳାଯାଇଥିବା 'ଅପରେସନ୍ ସିନ୍ଦୂର' ଉପରେ ଆଧାରିତ। ବରୁଣ ଏବେ ତାଙ୍କ ଆଗାମୀ ଫିଲ୍ମ 'ହେ ଜୱାନି ତୋ ଇସ୍କ ହୋନା ହୈ' ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ମେ' ୨୨ରେ ରିଲିଜ୍ ହେବ।

## ପାଟିରେ ପଶିଲା ଆକ୍ୱାରିୟମ୍ ମାଛ



ଇନ୍ଦୋରରେ ଏକ ବର୍ଷକର ପିଲା ସହ ଏକ ବିଚିତ୍ର ଘଟଣା ଘଟିଛି। ଘରେ ପିଲାଟିର ବଡ଼ ଭାଇ-ଭଉଣୀ ଆକ୍ୱାରିୟମ୍ ସଫା କରୁଥିଲେ। ସେମାନେ ନେଟ୍ ସାହାଯ୍ୟରେ ଆକ୍ୱାରିୟମ୍‌ରେ ଥିବା ରଙ୍ଗୀନ ମାଛଗୁଡ଼ିକୁ ବାହାର କରି ଖେଳୁଥିଲେ। ଏହି ସମୟରେ ଅଚାନକ ଗୋଟିଏ ମାଛ ଡେଇଁ ପଡ଼ି ବର୍ଷକର ଶିଶୁଟି ହସୁଥିବା ବେଳେ ତା'ର ପାଟିରେ ପଶି ଯାଇଥିଲା। ଏହାପରେ ତୁରନ୍ତ ପରିବାର ଲୋକେ ପିଲାଟିକୁ ମହାରାଜା ଯଶବନ୍ତରାଓ ହସ୍‌ପିଟାଲକୁ ନେଲେ। ଡାକ୍ତର ପରୀକ୍ଷା କରି ଜାଣିବାକୁ ପାଇଥିଲେ ଯେ, ତିନି ଇଞ୍ଚର ଏକ ମାଛ ଶିଶୁଟିର ଗଳାରେ ପଶି ରହିଛି। ଏହାସହ ମାଛଟି ପିଲାଟିର ଶ୍ୱାସନଳୀକୁ ଅବରୁଦ୍ଧ କରି ଦେଇଥିଲା। ମାଛଟି ଜୀବିତ ଥିବା ସହ ଲଗାତାର ହଲୁଥିବାରୁ ଏଥିରେ ପିଲାଟିର ଗଳାରେ ଆଘାତ ଲାଗିଥିଲା। ପିଲାଟିର ପାଟିରୁ ରକ୍ତ ଏବଂ ଲାଳ ବାହାରୁ ଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ତାକୁ କଷ୍ଟ ହେଉଥିବାରୁ ସେ ଏନେଇ ଭୟଭୀତ ଥିଲା। ପିଲାଟିର ଅବସ୍ଥା ଗୁରୁତର ଥିବା ଜାଣି ଏକ ଛଅ ଜଣିଆ ଡାକ୍ତରୀ ଦଳ ଟିମ୍ ତୁରନ୍ତ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା। ସର୍ଜରୀ ସଫଳ ହୋଇଥିଲା ଓ ପିଲାଟିର ଗଳାରୁ ମାଛଟିକୁ ବାହାର କରାଯାଇଥିଲା। ଅବଶ୍ୟ ମାଛଟି ସେତେବେଳକୁ ମରିଯାଇଥିଲା। ପିଲାଟି ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏନେଇ ଡାକ୍ତରଙ୍କ କହିବା କଥା, 'ଏଭଳି ମାମଲା ଖୁବ୍ ବିରଳ। ଅବଶ୍ୟ ଏହା ଛୋଟ ପିଲାଙ୍କ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ କାରଣ ସେମାନଙ୍କ ଶ୍ୱାସନଳୀ ବେଶ୍ ପତଳା ହୋଇଥାଏ। ଏଥିରେ ଟିକେ ବି ଅବେହଳା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ।

## ପରିଚୟ ଦେଇଛି କଳାକୃତି

### କାନ୍‌ଭାସ୍‌ରେ ଚିତ୍ର ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡ





ଭୁବନେଶ୍ୱରରେ ରହୁଥିବା ୨୬ ବର୍ଷୀୟା ଗାୟତ୍ରୀ ମହାଶିବରାତ୍ରି ଅବସରରେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଚିତ୍ରକଳା ମାଧ୍ୟମରେ ସେ ଭକ୍ତି ଏବଂ କଳାର ଏକ ନିଆରା ସଙ୍ଗମ ପ୍ରଦର୍ଶିତ କରିଥିଲେ। ତେବେ ସେ ଆକ୍ରିଲିକ୍ ରଙ୍ଗ ବ୍ୟବହାର କରି ୪ ରୁ ୬ ଫୁଟ୍ କାନଭାସରେ ଏହି କଳାକୃତି କରିଥିଲେ। ଏହାପରେ ସେ ଏସିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ସଫଳ ହୋଇଥିଲେ। ପ୍ରଥମ ପ୍ରୟାସରେ ଏହି ରେକର୍ଡ କରିବା ଗାୟତ୍ରୀଙ୍କୁ ଏକ ନିଆରା ଅନୁଭୂତି ଦେଇଛି। ଏଥିପାଇଁ ସେ ଚାରିମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। କୌଣସି ସ୍ଥାନରୁ ପ୍ରଶିକ୍ଷଣ ନ ନେଇ ସ୍ୱତଃ ପ୍ରବୃତ୍ତ ଭାବ ଚିତ୍ର ଆଙ୍କିଥିଲେ। ଯାହା ତାଙ୍କୁ ଏହି ସଫଳତା ଦେଇଛି।


ଚିତ୍ରକଳା ପାଇଁ ସେ ଦୈନିକ ସାତରୁ ଆଠଘଣ୍ଟା ସମୟ ଦେଇଥାନ୍ତି। ଏଥିପାଇଁ ତାଙ୍କ ପରିବାର ଲୋକ ମଧ୍ୟ ତାଙ୍କୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି। ତାଙ୍କ ନିର୍ମିତ କଳାକୃତିଗୁଡ଼ିକ ୧୦୦୦ ଟଙ୍କାରୁ ଆରମ୍ଭ କରି ୪୦-୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଲୋକମାନେ ଦେଉଥିବା ଅର୍ଡର ଅନୁସାରେ, ସେ ବିଭିନ୍ନ ଚିତ୍ର ଅଙ୍କନ କରିଥାନ୍ତି। ଏହାକୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବିକ୍ରି କରନ୍ତି। ଏଥିସହ ବିଭିନ୍ନ ସପିଙ୍ଗ୍ ମଲ୍, ପଥଉତ୍ସବ, ବିଦ୍ୟାଳୟ ଆଦିରେ ସେ ଲାଇଭ ଷ୍ଟ୍ରିମିଂ ମଧ୍ୟ କରନ୍ତି। ସେହିପରି ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ମଧ୍ୟ ଏହି ଚିତ୍ରାଙ୍କନ ଶିକ୍ଷା ଦେଇଥାନ୍ତି। ଚିତ୍ରକଳାକୁ ଜୀବନର ବ୍ରତ କରିଥିବା ଗାୟତ୍ରୀ କୁହନ୍ତି, ସେ ନିଜ ପ୍ରତିଭାକୁ ଏହାକୁ କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାରେ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ସେ ପ୍ରଥମେ ଚାରିଧାମରେ ନିଜର କଳା ପ୍ରଦର୍ଶିତ କରିବାକୁ ଆଶା କରିଛନ୍ତି।

**ପିଲାବେଳୁ ପାରମ୍ପରିକ ଚିତ୍ରକଳା ପ୍ରତି ତାଙ୍କର ଥିଲା ଅନାବିଳ ଆଗ୍ରହ। ୟୁଟ୍ୟୁବ୍‌ରୁ ବିଭିନ୍ନ ଛବି ଦେଖି ତାକୁ ସେ ରଙ୍ଗ ତୂଳୀରେ ରୂପ ଦେଉଥିଲେ। ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ଯୁବତୀ ହେଲେ ଗଞ୍ଜାମ ଜିଲ୍ଲା, ବଳରାମପୁରର ଗାୟତ୍ରୀ ସାହୁ। ନିକଟରେ ସେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଏପରି କରି ସେ ଓଡ଼ିଶାର କଳାଜଗତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତେବେ ଚିତ୍ରକଳା ପ୍ରତି ଥିବା ଗଭୀର ନିଷ୍ଠା ତାଙ୍କୁ ଏ ଦିଗରେ ସଫଳ ହେବାର ବାଟ ଦେଖାଇଛି।**

## ସୁଶ୍ରୀ

### ଚିଆ ସିଡ୍‌ସ ଫେସ୍‌ମାସ୍କ

**ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅନେକ ତ୍ୱଚାର ଯତ୍ନ ନେଇପାରନ୍ତିନି। ଫଳରେ ବୟସ ବୃଦ୍ଧି ଯୋଗୁ ତ୍ୱଚାରେ ନାନା ସମସ୍ୟା ଦେଖାଯାଏ। ଏହାଦ୍ୱାରା ଆତ୍ମବିଶ୍ୱାସ କମିଥାଏ। ତେଣୁ ତ୍ୱଚାକୁ ଚିକ୍କଣ, ସତେଜ ରଖିବାକୁ ଚାହୁଁଥିଲେ, ଏଥପାଇଁ ଚିଆ ସିଡ୍‌ସ ମାସ୍କ ତ୍ୱଚାରେ ଲଗାଇ ପାରିବେ।**



- ଏଥିପାଇଁ ଏକ ଗୀନାରେ ଆବଶ୍ୟକତାରେ ଅନୁସାରେ ଚିଆ ସିଡ୍‌ସ ନେଇ କ୍ଷୀର ମିଶାଇ ଏକ ଜେଲ୍ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହାକୁ ସପ୍ତାହରେ ତିନିଥର ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ଟାଇଟ୍ କରିଥାଏ।
- ତ୍ୱଚାକୁ ସତେଜ ଏବଂ ଭିତରୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଚିଆ ସିଡ୍‌ସ ଲଗାଇପାରିବେ। ଏହାଦ୍ୱାରା ତ୍ୱଚା ଉଜ୍ଜ୍ୱଳ ହେବା ସହ ତ୍ୱଚାରେ ଚମକ ଆସିଥାଏ। ଏଥିସହ ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ।
- ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ। ସେହିପରି ଏହି ମାସ୍କକୁ ସବୁବେଳେ ଲଗାଇଲେ ଏହା ତ୍ୱଚାକୁ ସୁସ୍ଥ ଏବଂ ସୁନ୍ଦର କରିଥାଏ।

## ମୋ ହାଣ୍ଡିଶାଳରୁ...

### ମୁଆଁ ପିଠା



**ଆବଶ୍ୟକ ସାମଗ୍ରୀ**

ଅରୁଆ ଚାଉଳ – ଦୁଇ କପ୍, ବିରି – ଏକ କପ୍, ନଡ଼ିଆ କୋରା – ଏକ କପ୍, ଦହି ଛେନା – ଏକ କପ୍, ଗୁଡ଼- ଅଧା କପ୍, ଗୁଜୁରାତି ଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କଟା ଅଦା – ଅଳ୍ପ,

**ପ୍ରସ୍ତୁତି ପ୍ରଣାଳୀ**

ଗୋଟିଏ ପାତ୍ରରେ ଅରୁଆ ଚାଉଳ, ବିରି ଓ ପାଣି ଦେଇ ଚାରି ପାଞ୍ଚ ଘଣ୍ଟା ବତୁରାଇ ରଖନ୍ତୁ। ଏହାକୁ ଗ୍ରାଇଣ୍ଡିଂ ଜାରରେ ଦେଇ ଇଡ୍‌ଲି ଆଣ ଭଳି ପତଳା କରି ବାଟନ୍ତୁ। ଏହାପରେ ଏଥିରେ ଲୁଣ ଦେଇ ହାତରେ ଫେଣ୍ଟି ଫୁଲିବା ପାଇଁ ଏକ ରାତି କିମ୍ବା ଚାରିପାଞ୍ଚ ଘଣ୍ଟା ଫ୍ରିଜ୍‌ରେ ଷ୍ଟୋର୍ କରନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ କୋରା ନଡ଼ିଆ, ଛେନା ଦହି, ଗୁଡ଼ ଦେଇ ଭାଜନ୍ତୁ। ଗୁଡ଼ କୋରାରେ ମିଶିବା ଯାଏ ଭଲରେ ଭାଜନ୍ତୁ। ଏହାପରେ ସେଥିରେ ଗୁଜରାତି ଗୁଣ୍ଡ, ଗୋଲମରିଚ ଗୁଣ୍ଡ ସମେତ ଅଦା ଦିଅନ୍ତୁ। ଏହାପରେ ଇଡ୍‌ଲି ଛାଞ୍ଚ ନେଇ ସେଥିରେ ପାଣି ଦେଇ ଉପରେ ଏକ ଷ୍ଟିମର୍ ରଖି ଦିଅନ୍ତୁ। ଏହାପରେ ଉପରେ ଏକ ପତଳା କପଡ଼ା ରଖି ସେଥିରେ ଆଣ ଦେଇ ନଡ଼ିଆ ପୁର ଦିଅନ୍ତୁ। ଏହା ଉପରେ ପୁଣି ଥରେ ଆଣ ଦେଇ ଇଡଲି ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। ଏହାକୁ ୨୦-୩୦ ମିନିଟ୍ ପରେ କାଢ଼ି ଦିଅନ୍ତୁ। ଏହାପରେ ଥଣ୍ଡା ହେଲେ ପାଣି ଦେଇ କପଡ଼ାରୁ ପିଠାକୁ ଛଡ଼ାନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ନରମ 'ମୁଆଁ ପିଠା'।

## ସମର୍ ଟି ସାର୍ଟ




**ସାଧାରଣତଃ ଖରାଦିନେ ଅଧିକାଂଶ ଲୋକେ ଥଣ୍ଡା ଏବଂ ଆରାମକୁ ପ୍ରାଧାନ୍ୟ ଦେଇଥାନ୍ତି। ଏଥିପାଇଁ ଖରାଦିନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ଦିଶିବାକୁ ଚାହୁଁଥିଲେ ହାଲ୍‌କା ଟି – ସାର୍ଟ ଚୟନ କରିପାରିବେ। ଏହା ଖୁବ୍ ଆକର୍ଷଣୀୟ ଦିଶିଥାଏ।**



**କଟନ୍ ଓଭରସାଇଜ୍ ଟି ସାର୍ଟ**

ଖରାଦିନେ କୁଲ୍ ଦିଶିବାକୁ ଚାହୁଁଥିଲେ, କଟନ ଓଭରସାଇଜ୍ ଟି ସାର୍ଟ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଏହା ବିଭିନ୍ନ ଡିଜାଇନ୍‌ରେ ମଧ୍ୟ ଉପଲବ୍ଧ।

**ବୋଲ୍‌ଡ ପ୍ରିଣ୍ଟ**

ଅଧିକାଂଶ ମହିଳା ଓଭର୍‌ସାଇଜ୍ ସାର୍ଟ ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ସୁନ୍ଦରତାକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ ଓଭରସାଇଜ୍ ବୋଲ୍‌ଡ ପ୍ରିଣ୍ଟ ସାର୍ଟ ପିନ୍ଧିପାରିବେ।

**ଲାଇଲେନ**

ଲାଇଲେନ ପୋଷାକ ମଧ୍ୟ ଖୁବ୍ ଆରାମଦାୟକ ଲାଗିଥାଏ। ଏହାକୁ ଦୋକାନ, ବଜାର ଆଦି ବିଭିନ୍ନ ସ୍ଥାନକୁ ସହଜରେ ପିନ୍ଧି ଯାଇପାରିବେ। ବିଶେଷ କରି ଏହା ଜିନ୍ସକୁ ଅଧିକ ସୁନ୍ଦର ମାନିଥାଏ। ଏଥିରୁ ଏକ ଭିନ୍ନ ଲୁକ୍ ମଧ୍ୟ ମିଳିଥାଏ।


# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

■ ସ୍ଲୋ ଓଭର ରେଟ୍

## ରାହାଣେଙ୍କୁ ୧୨ ଲକ୍ଷ ଜରିମାନା

**ଚେନ୍ନଇ, ୧୫।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ସ୍ଲୋ ଓଭର ରେଟ୍ ଲାଗି ଅଧିନାୟକମାନଙ୍କୁ ଜରିମାନା ଏକ ନିୟମିତ ଘଟଣା ହୋଇଗଲାଣି। ଏହାର ସଦ୍ୟ ଶିକାର ହୋଇଛନ୍ତି କୋଲକାତା ନାଇଟ୍ ରାଇଡର୍ସର ଆଜିଙ୍କ୍ୟ ରାହାଣେ। ଗତକାଲି ଏଠାରେ ଘରୋଇ ଚେନ୍ନଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ ଏହି ସ୍ଲୋ ଓଭର ବୋଲିଂ ଲାଗି ଅଧିନାୟକ ରାହାଣେଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲାଗିଛି। ମ୍ୟାଚରେ କୋଲକାତା ଦଳ ଧାର୍ଯ୍ୟ ସମୟ ମଧ୍ୟରେ ବୋଲିଂ ପୂରଣ କରିପାରି ନ ଥିଲା। ଚଳିତ ସଂସ୍କରଣରେ କୋଲକାତାର ଏହାର ପ୍ରଥମ ସ୍ଲୋ ଓଭର ତ୍ରୁଟି ଥିଲା। ଯଦି ଆଗାମୀ ଦିନରେ ଏହାକୁ ପୁଣିଥରେ ଦୋହରାଏ ତେବେ ରାହାଣେଙ୍କ ଉପରେ ଜରିମାନା ଦୁଇଗୁଣ ଅର୍ଥାତ ୨୪ ଲକ୍ଷ ଟଙ୍କା ଲଗାଯିବ। ସେହିଭଳି ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ (୧.୫ ଲକ୍ଷ) ଅର୍ଥ କଟାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଆଇପିଏଲ୍-୧୯ ରେ ବର୍ତ୍ତମାନ ସୁଦ୍ଧା ୪ଟି ସ୍ଲୋ ଓଭର ରେଟ୍ ଘଟଣା ଦେଖିବାକୁ ମିଳିଛି। ଯେଉଁଥିରେ ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ଶ୍ରେୟାସ ଆୟର ଦୁଇଥର ଏହି ଭୁଲ କରି ମୋଟ୍ ଉପରେ ୩୬ ଲକ୍ଷ ଟଙ୍କା ଜରିମାନା ଦେଇଛନ୍ତି। ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁବମାନ ଗିଲ୍‌ଙ୍କ ଉପରେ ଥରେ ଜରିମାନା ଲାଗିଛି।



## ଆଜି ପଞ୍ଜାବ ବିପକ୍ଷରେ ଖେଳି ନ ପାରନ୍ତି ରୋହିତ

**ମୁମ୍ବଇ, ୧୫।୪ (ଏଜେନ୍ସି):** ପାଞ୍ଚଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସକୁ ଝଟକା ଲାଗିଛି। ଅଭିଜ୍ଞ ଓପନର୍ ରୋହିତ ଶର୍ମା ଗୁରୁବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଖେଳିବା ନେଇ ଆଶଙ୍କା ରହିଛି। ରବିବାର ଆର୍‌ସିବି ବିପକ୍ଷ ମ୍ୟାଚ୍ ଖେଳିବା ଅବସରରେ ରୋହିତ୍‌ଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଯେଉଁଥି ପାଇଁ ସେ ୧୩ ବଲରେ ୧୯ ରନ କରିଥିବାବେଳେ ରିଟାୟର୍ଡ ହର୍ଟ୍ ହୋଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଡାକ୍ତରୀ ଦଳ ଓ କୋଚିଂ ଷ୍ଟାଫ୍ ବର୍ତ୍ତମାନ ରୋହିତଙ୍କ ଉପରେ ନଜର ରଖିଛନ୍ତି। ଆସନ୍ତାକାଲି ମ୍ୟାଚ୍ ପୂର୍ବରୁ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇଯିବ ବୋଲି ମୁମ୍ବଇର ବ୍ୟାଟିଂ କୋଚ୍ ନମନ ଧୀର କହିଛନ୍ତି। ଅପରପକ୍ଷରେ ପ୍ରଥମ ୪ଟି ମ୍ୟାଚ୍ ଖେଳି ନ ଥିବା ଇଂଲଣ୍ଡର ୱିଲ୍ ଜ୍ୟାକ୍‌ଙ୍କୁ ଖୁବଶୀଘ୍ର ଦଳରେ ଯୋଗଦେବେ ବୋଲି ଜଣାପଡ଼ିଛି।


## ମୁଜରବାନି ୨ ବର୍ଷ ଲାଗି ପିଏସଏଲ୍‌ରୁ ବାସନ୍ଦ

**କରାଚି, ୧୫।୪ (ଏଜେନ୍ସି):** ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂଙ୍ଗ ମୁଜରବାନିଙ୍କୁ ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ)ରୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ପିଏସ୍‌ଏଲ୍‌ର ଚଳିତ ସିଜନ ଲାଗି ମୁଜରବାନି ଇସଲାମାବାଦ ୟୁନାଇଟେଡ ପାଇଁ ଖେଳିବାକୁ ଚୁକ୍ତି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ପିଏସଏଲ୍‌ରୁ ଓହରିଯାଇ ଆଇପିଏଲ୍‌ରେ କେକେଆର ଫ୍ରାଞ୍ଚାଇଜରୁ ଖେଳିବାକୁ ଚୁକ୍ତି କରିଥିଲେ। ଏହି କାରଣ ଲାଗି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଜରବାନିଙ୍କ ଉପରେ ଏହି ବାସନ୍ଦାଦେଶ ଲଗାଇଛି। ଫଳରେ ମୁଜରବାନି ପିଏସ୍‌ଏଲ୍‌ର ଆଗାମୀ ଦୁଇଟି (୨୦୨୭ ଓ ୨୦୨୮) ସିଜନ ଖେଳିପାରିବେ ନାହିଁ।

■ ୭ଥର ର୍‌ୟାକେଟ ବାଡ଼େଇ

## ୭୦୦୦ ଡଲାର ଜରିମାନା ଦେଲେ ମେଦ୍‌ଭେଦେଭ୍

**ମଣ୍ଟେ କାର୍ଲୋ,୧୫।୪(ଏଜେନ୍ସି):** ଟେନିସ କୋର୍ଟରେ ନିଜ ର୍‌ୟାକେଟକୁ ୭ଥର ବାଡ଼େଇ ବିଶ୍ୱର ପୂର୍ବତନ ନଂ-୧ ଖେଳାଳି ରୁଷର ଡାନିଲ ମେଦଭେଦେଭ୍ ୭,୦୦୦ ଡଲାର (୬ ଲକ୍ଷ ୫୧ ହଜାର ଟଙ୍କା) ଜରିମାନା ଦେଇଛନ୍ତି। ଗତ ସପ୍ତାହରେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଏହି ଘଟଣା ଘଟିଥିଲା। ମାଟେଓ ବାରେଟିନିଙ୍କଠାରୁ ୬-୦, ୬-୦ରେ ହାରିଯିବା ପରେ ମେଦଭେଦେଭ ଏପରି ଆଚରଣ କରିଥିଲେ। ଏହା ଏକ ଅଣଖେଳୁଆଡ଼ ମନୋବୃତ୍ତି ଓ ଆଚରଣ ସଂହିତା ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କୁ ଏହି ଜରିମାନା କରାଯାଇଛି। ବିଶ୍ୱରେ ଏବେ ମେଦେଭେଦେଭଙ୍କ ମାନ୍ୟତା ୧୦ ରହିଛି। କିନ୍ତୁ ପୂର୍ବରୁ ସେ ପାଇଥିବା ଜରିମାନା ଆଗରେ ଏହା ବହୁତ କମ୍। ଅମ୍ପାୟାରଙ୍କ ବିରୋଧରେ ବିଶୋଦ୍‌ଗାର କରିଥିବା ଏହି ତାରକା ଖେଳାଳିଙ୍କୁ ଅଷ୍ଟ୍ରେଲିଆନ୍ ଓପନରରେ ୭୬,୦୦୦ ଡଲାର ଓ ଗତବର୍ଷ ୟୁଏସ୍ ଓପନରେ ୪୨,୫୦୦ ଡଲାର ଜରିମାନା ଦେଇଥିଲେ। ମଣ୍ଟେ କାର୍ଲୋରେ ତାଙ୍କୁ ୫୦,୦୦୦ ଡଲାର ପୁରସ୍କାର ମିଳିଥିଲାବେଳେ ୭,୦୦୦ ଡଲାର ଜରିମାନା ଦେଇଛନ୍ତି।



କୋହଲି ଓ ରସିକଙ୍କ ଦମ୍‌ଦାର ପ୍ରଦର୍ଶନ


# ଚତୁର୍ଥ ବିଜୟ ସହ ଶୀର୍ଷରେ ଆର୍‌ସିବି

**ବେଙ୍ଗାଲୁରୁ, ୧୫।୪ (ଏଜେନ୍ସି):**

ଚଳିତ ଆଇପିଏଲ୍‌ର ୨୩ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ୱିକେଟ୍‌ରେ ସହଜରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ଦ୍ରୁତ ବୋଲର ରଶିକ ସଲମନ ଦାର୍ ଓ ବ୍ୟାଟିଂ ସୁପର୍ ଷ୍ଟାର୍ ବିରାଟ କୋହଲିଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଆର୍‌ସିବି ୧୪୭ ରନର ଲକ୍ଷ୍ୟକୁ ୫ ୱିକେଟ୍ ଓ ୨୯ ବଲ୍ ବଳକା ଥାଇ ସହଜରେ ଜିତିନେଇଥିଲା। ଫଳରେ ପଞ୍ଚମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ଘରୋଇ ଆର୍‌ସିବି ୮ ପଏଣ୍ଟ ସହ ଟେବଲ୍ ଶୀର୍ଷକୁ ଉଠିଛି। ଅପରପକ୍ଷରେ ରଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସମାନ ସଂଖ୍ୟକ ମ୍ୟାଚରୁ ୩ ପରାଜୟ ସହ ୪ ପଏଣ୍ଟ ପାଇ ୭ମ ସ୍ଥାନରେ ସ୍ଥିର ରହିଛି।

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଧିମା ପ୍ରଦର୍ଶନ କରିଥିଲା। ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା ଯୋଗୁ ସୁପର୍ ଜାଏଣ୍ଟ୍‌ସ ଠିକ୍ ୨୦ ଓଭରରେ ୧୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫର୍ମକୁ ଫେରିଥିବା ଓପନର ମିଚେଲ ମାର୍ଶ ୩୨ ବଲରେ ସର୍ବାଧିକ ୪୦ ରନ କରିଥିଲେ। ସେହିଭଳି ନୂଆ ତାରକା ମୁକୁଲ ଚୌଧୁରୀ ୩ଟି ଚୌକା ଓ ୨ଟି ଛକା ସହ ୨୮ ବଲରେ ୨୯ ରନ ଓ ଆୟୁଷ ବଦୋନୀ ୨୪ ବଲରେ ୩୮ ରନର ପାଳି ଖେଳିଥିଲେ। ତେବେ ଅନ୍ୟତମ ଓପନର ଆଇଡେନ ମାର୍କରାମ (୧୨ ରନ), ଅଧିନାୟକ ରଷଭ ପନ୍ତ (୧), ନିକୋଲସ ପୁରନ (୧), ଜର୍ଜ ଲିଣ୍ଡେ (୭) ଓ ଅବଦୁଲ ସମାଦ (୦)ଙ୍କ ବିଫଳତା ଯୋଗୁ ଦଳ ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର କରିବାରେ ଅସମର୍ଥ ହୋଇଥିଲା। ବୋଲିଂରେ ରସିକ ସଲାମ ଦାର (୪/୨୪), ଭୁବନେଶ୍ୱର କୁମାର (୩/୨୭) ଓ କ୍ରୁନାଲ ପାଣ୍ଡ୍ୟା (୨/୩୮) ମିଳିତ ଭାବେ ୱିକେଟ ବାଣ୍ଟି ନେଇଥିଲେ।

ଜବାବରେ ବେଙ୍ଗାଲୁରୁ ଦ୍ୱିତୀୟ ଓଭରରେ ଦୁର୍ଦ୍ଧର୍ଷ ଇଂଲିଶ ଓପନର୍ ଫିଲ୍ ସଲ୍ଟ (୭ ରନ)ଙ୍କ ୱିକେଟ ହରାଇଥିଲା। ତେବେ ଇନଫର୍ମ ବ୍ୟାଟର୍ ବିରାଟ କୋହଲି ୪୯ ରନର ଉପଯୋଗୀ ପାଳି ଖେଳିବାରୁ ଦଳ ୧୫.୧ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୩୪ ବଲର ଏହି ପାଳିରେ କୋହଲି ୬ ଚୌକା ଓ ଗୋଟିଏ ଛକା ମାରି ଆଭେସ ଖାନଙ୍କ ବଲରେ ଆଉଟ୍ ହୋଇ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରଜତ ପାଟିଦାର ୨୭, ଜୀତେଶ ଶର୍ମା ୨୩, ଦେବଦତ୍ତ ପଡ଼ିକଲ ୧୦ ରନ କରି ଆଉଟ୍ ହୋଇଥିଲେ। ଟିମ୍ ଡେଭିଡ୍ ଓ ରୋମାରିଓ ସେଫର୍ଡ ୧୪ ରନର ଅପରାଜିତ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଲକ୍ଷ୍ନୌର ପ୍ରିନ୍ସ ଯାଦବଙ୍କୁ ୩ ଓ ଆଭେସଙ୍କୁ ୨ଟି ୱିକେଟ୍ ମିଳିଥିଲା।



ୱିକେଟ୍ ହାସଲ ପରେ ରଶିକ ସଲମନ ଦାର୍ (ବାମ)ଙ୍କୁ ହାଜ୍‌ଲେଉଡ୍ ଅଭିନନ୍ଦନ ଜଣାଉଛନ୍ତି

**ଆଜିର ଆଇପିଏଲ୍ ମ୍ୟାଚ୍**
ମୁମ୍ବଇ ବନାମ ପଞ୍ଜାବ
ଭେନ୍ୟୁ - ମୁମ୍ବଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| କୋଲକାତା | ୫ | ୦ | ୪ | ୧ | ୧ | -୧.୩୮୩ |

## ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ ଭିକ୍ଟରଙ୍କ ଅବସର

**କୋପେନହେଗେନ, ୧୫।୪ (ଏଜେନ୍ସି):** କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଦୁଇଥରର ଅଲିମ୍ପିକ ଓ ବିଶ୍ୱଚାମ୍ପିଅନ ଡେନମାର୍କର ଭିକ୍ଟର ଆକ୍ସେଲସେନ ଅବସର ଘୋଷଣା କରିଛନ୍ତି। ୩୨ ବର୍ଷ ବୟସରେ ପ୍ରଫେସନାଲ ବ୍ୟାଡ୍‌ମିଣ୍ଟନରୁ ସନ୍ନ୍ୟାସ ନେଇ ଭିକ୍ଟର କ୍ରୀଡ଼ାପ୍ରେମୀଙ୍କୁ ଚକିତ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଭିକ୍ଟର କହିଛନ୍ତି ଯେ ଆଜି ମୋ ପାଇଁ ଏକ ସହଜ ଦିନ ନୁହେଁ। ପିଠିରେ ବାରମ୍ବାର ଯନ୍ତ୍ରଣା ଯୋଗୁ ମୁଁ ଆଉ ତାଲିମ ନେଇପାରୁନାହିଁ କି ପ୍ରତିଯୋଗିତାର ଶୀର୍ଷସ୍ତରରେ ଅଂଶଗ୍ରହଣ କରିପାରୁନାହିଁ। ଖେଳ ଜାରି ରଖିବାକୁ ମୋ ଶରୀର ଆଉ ଅନୁମତି ଦେଉନାହିଁ।

୨୦୧୦ରେ ଜୁନିଅର ବିଶ୍ୱକପ୍‌ରେ ଚାମ୍ପିଅନ ହୋଇ ଆକ୍ସେଲସେନ ଚର୍ଚ୍ଚାକୁ ଆସିଥିଲେ। ସେ କ୍ରମାଗତ ଦୁଇଟି ଅଲିମ୍ପିକ ୨୦୨୧ (ଟୋକିଓ) ଓ ୨୦୨୪ (ପ୍ୟାରିସ)ରେ ଚାମ୍ପିଅନ ହୋଇ ଐତିହାସିକ ସଫଳତା ପାଇଥିଲେ। ଏଥିପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ଭିକ୍ଟର କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଏହି ଡାନିସ ତାରକା ୨୦୧୭ ଓ ୨୦୨୨ ବିଶ୍ୱଚାମ୍ପିଅନସିପ୍ ଟାଇଟଲ୍ ଜିତି ବ୍ୟାଡ୍‌ମିଣ୍ଟନରେ ଦବ୍‌ଦବା ଜାରି ରଖିଥିଲେ। ଏହାବାଦ୍ ସେ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୩ଥର ୟୁରୋପିଆନ ଟ୍ରଫି ଜିତିଛନ୍ତି। ଲିନ୍ ଦାନଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଭିକ୍ଟର ଅଲିମ୍ପିକ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଥିଲେ। କ୍ୟାରିୟରରେ ୧୮୩ ସପ୍ତାହ ଧରି ସେ ବିଶ୍ୱର ଏକ ନମ୍ବର ସ୍ଥାନରେ ରହିଥିଲେ।



## କାମ୍ବ୍ଲିଙ୍କ ମସ୍ତିଷ୍କରେ ରକ୍ତ ଜମାଟ

**ନୂଆଦିଲ୍ଲୀ, ୧୫।୪ (ଏଜେନ୍ସି):** ନବେ ଦଶକର ପ୍ରତିଭାବାନ ଭାରତୀୟ କ୍ରିକେଟର୍ ବିନୋଦ କାମ୍ବ୍ଲିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି। ୫୪ ବର୍ଷୀୟ ଏହି ମୁମ୍ବଇ କ୍ରିକେଟର୍‌ଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଛି। ତାଙ୍କର ବନ୍ଧୁ ମାର୍କସ କୌଟ ଏହି ସୂଚନା ଦେଇଛନ୍ତି। ଏକ ସାକ୍ଷାତ୍‌କାର ଅବସରରେ ମାର୍କସ କହିଛନ୍ତି ଯେ କାମ୍ବ୍ଲିଙ୍କ ସ୍ମୃତିଶକ୍ତି ଭଲ ନାହିଁ। ଏପରିକି ଗତ ୬ ମାସ ଧରି ମଧ୍ୟ ହ୍ରାସ ଘଟିନାହିଁ। ସେ ଅନେକ କିଛି ଘଟଣା ମନେ ରଖିପାରୁନାହାନ୍ତି। ତାଙ୍କ ମସ୍ତିଷ୍କରେ ଏକ ଜମାଟ ବାନ୍ଧିଛି। କିନ୍ତୁ ଏହାକୁ ବର୍ତ୍ତମାନ କାଢ଼ିହେବ ନାହିଁ। କାହିଁକି ନା ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏହାକୁ ନେଇ ସତର୍କତା ଅବଲମ୍ବନ କରି ନ ଥିଲେ। ତାଙ୍କର ବ୍ରେନ ଷ୍ଟୋକ୍ ମଧ୍ୟ ଆଶଙ୍କା ଥିବା ନେଇ ଡାକ୍ତର ସତର୍କ କରାଇଦେଇଛନ୍ତି। ମାର୍କସ ଆହୁରି ମଧ୍ୟ କହିଛନ୍ତି ଯେ କାମ୍ବ୍ଲି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ମଦ୍ୟପାନ ବନ୍ଦ କରିଦେଇଛନ୍ତି। କିନ୍ତୁ ଯେତେବେଳେ ସେ ବାହାରକୁ ଯାଆନ୍ତି ସମସ୍ତଙ୍କୁ ଧୂମପାନ ଲାଗି ସହାୟତା ମାଗିଥାନ୍ତି। ଏପରିକି ଅଟୋ ଚାଳକଙ୍କୁ ସିଗାରେଟ୍ ଆଣିଦେବା ପାଇଁ ଅନୁରୋଧ କରିଥାନ୍ତି। ଡ୍ରାଇଭରମାନେ ଖୁସିରେ ରାଜି ହୋଇଯାଆନ୍ତି। ସେମାନେ ଭାବନ୍ତି ଯେ କାମ୍ବ୍ଲିଙ୍କ ଭଳି ବଡ଼ ଖେଳାଳିଙ୍କୁ ସହାୟତା କରୁଛନ୍ତି। କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ କ'ଣ କ୍ଷତି କରୁଛନ୍ତି। କାମ୍ବ୍ଲିଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବାକୁ ତାଙ୍କ ବନ୍ଧୁ ଅନୁରୋଧ କରିଛନ୍ତି।



■ ଫିଫା ମହିଳା ବିଶ୍ୱକପ

## ସପ୍ତମଥର ଲାଗି ନ୍ୟୁଜିଲାଣ୍ଡ ଦଳର ଯୋଗ୍ୟତା

**ଅକ୍‌ଲାଣ୍ଡ, ୧୫।୪ (ଏଜେନ୍ସି):** ନ୍ୟୁଜିଲାଣ୍ଡ ମହିଳା ଫୁଟ୍‌ବଲ ଦଳ ଆସନ୍ତା ବର୍ଷ ବ୍ରାଜିଲରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଓସେନିଆ କନଫେଡେରେସନ କ୍ୱାଲିଫାଇଂ ସିରିଜର ଫାଇନାଲ ମ୍ୟାଚରେ ପପୁଆ ନ୍ୟୁ ଗିନିଆକୁ ୧-୦ ଗୋଲ୍‌ରେ ପରାସ୍ତ କରି ନ୍ୟୁଜିଲାଣ୍ଡ ଏହି ସଫଳତା ପାଇଛି। ନ୍ୟୁଜିଲାଣ୍ଡ ମିଡ୍‌ଫିଲ୍ଡର କେଟି କିଟିଙ୍ଗ ମ୍ୟାଚର ୫୫ତମ ମିନିଟରେ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଏଥିସହ ନ୍ୟୁଜିଲାଣ୍ଡ ୨୦୦୭ରୁ କ୍ରମାଗତ ଷଷ୍ଠଥର ଓ ମୋଟ୍ ଉପରେ ୭ମଥର ଲାଗି ଫିଫା ମହିଳା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ମଧ୍ୟ ଚଳିତ ବର୍ଷ ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଟିକଟ୍ ଅର୍ଜନ କରିଛି।

## କିଟ୍-କିସ୍‌କୁ ଜାତୀୟ ପୁରସ୍କାର

**ଭଟବନେଶ୍ୱର, ୧୫।୪ (ସମିସ):** କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ବୁଧବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୪୯ତମ ଜାତୀୟ ବୈଶାଖୀ ମହୋତ୍ସବରେ କିଟ୍-କିସ୍‌କୁ ସମ୍ମାନଜନକ ଚିନ୍ତା ଓ ଚେତନା ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ପୁରସ୍କାର କ୍ରୀଡା ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପ୍ରଦାନ କରାଯାଇଥାଏ। ମୁଖ୍ୟଅତିଥି ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିକଟରୁ ବିଶ୍ୱବିଦ୍ୟାଳୟର କ୍ରୀଡା ନିର୍ଦ୍ଦେଶକ ଡକ୍ଟର ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ।



## ଡାଏମଣ୍ଡ ଲିଗ୍ ପୁରସ୍କାର ରାଶିରେ ବଡ଼ ବୃଦ୍ଧି

**ବେଙ୍ଗାଲୁରୁ/ବ୍ରସେଲ୍ସ, ୧୫।୪ (ଏଜେନ୍ସି):** ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଦୌଡ଼କୁଦ ପ୍ରତିଯୋଗିତା 'ଡାଏମଣ୍ଡ ଲିଗ୍' ପକ୍ଷରୁ ୨୦୨୬ ସିଜନ୍ ପାଇଁ ପୁରସ୍କାର ରାଶି ବୃଦ୍ଧି ଘଟିଛି। କିଛି ନିର୍ଦ୍ଦିଷ୍ଟ ବର୍ଗରେ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ଅର୍ଥ ପ୍ରଦାନ କରାଯିବ। ମୋଟ ପୁରସ୍କାର ୯.୨୪ ମିଲିୟନ ଡଲାର (ପାଖାପାଖି ୮୭ କୋଟି ଟଙ୍କା) ରଖାଯାଇଥିବା ବେଳେ ଏହାକୁ ନୂତନ ତଥା ପରିବର୍ତ୍ତିତ ଢଙ୍ଗରେ ବଣ୍ଟନ କରାଯିବ। ଲିଗ୍‌ର ୧୭ ବର୍ଷର ଇତିହାସରେ ଏହା ସବୁଠାରୁ ଅଧିକ ବ୍ୟକ୍ତିଗତ ପୁରସ୍କାର ରାଶି ହେବ। ୨୦୨୬ ସିଜନ୍‌ରେ ପ୍ରତ୍ୟେକ ମିଟିଂରେ ଆଠଟି 'ଡାଇମଣ୍ଡ+' ବର୍ଗ ରହିବ, ଯେଉଁଥିରେ ଆଥଲେଟ୍‌ମାନଙ୍କୁ ଅଧିକ ପୁରସ୍କାର ରାଶି ମିଳିବ। ପୂର୍ବରୁ କେବଳ ଚାରୋଟି ବିଭାଗରେ ବର୍ଦ୍ଧିତ ପୁରସ୍କାର ମିଳୁଥିବା ବେଳେ ଏବେ ଏହାକୁ ଆଠକୁ ବୃଦ୍ଧି କରାଯାଇଛି।

■ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍

## ମଥୁରା ଚାମ୍ପିଅନ; ଗୌରୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୫।୪ (ସମିସ):** ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗର ପ୍ରଥମ ସଂସ୍କରଣରେ ମଥୁରା ବ୍ରିଜଷ୍ଟାର ଚାମ୍ପିଅନ ହୋଇଛି। ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ମଥୁରା ୧୦-୦ ଗୋଲ୍ ବ୍ୟବଧାନରେ ଗୋରଖପୁରକୁ ପରାସ୍ତ କରିଥିଲା। ସାଂସଦ ସୀମା ଦ୍ୱିବେଦୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଲିଗ୍‌ରେ ଟେକନିକାଲ ଅଫିସର ଭାବେ କାର୍ଯ୍ୟ କରିଥିବା ଓଡ଼ିଶାର ଗୌରୀ ଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲିଗର ପ୍ରତିଷ୍ଠାତା ଅମିତ କିଶାନ ଗୌରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିକଟରେ ଉଜବେକିସ୍ତାନରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର କୋଚ୍ ଭାବେ ଗୌରୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।



ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ପ୍ରୀତୀଶ, ତନ୍ମୟ ଓ ସଂଗ୍ରାମଙ୍କ ଦମ୍‌ଦାର ପ୍ରଦର୍ଶନ

**ଭୁବନେଶ୍ୱର, ୧୫।୪ (ସମିସ):**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ରେ ବୁଧବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ କଟକ-ଏ ୨୫୦ ରନର ବିଶାଳ ବ୍ୟବଧାନରେ ମାଲକାନଗିରିକୁ ପରାସ୍ତ କରିଛି। କଟକର ପ୍ରୀତିଶ ମିଶ୍ର ୧୧୬ ବଲରେ ୧୪୫ ରନର ଦର୍ଶନୀୟ ଶତକୀୟ ପାଳି ଖେଳିଥିଲେ। ସେହିଭଳି ରେଲୱେ ଗ୍ରାଉଣ୍ଡରେ ସଂଗ୍ରାମ ନଚିକାଙ୍କ ୭ ୱିକେଟ୍ ସଫଳତା ବଳରେ ଯାଜପୁର ୧୩୨ ରନରେ କୋରାପୁଟକୁ ହରାଇଦେଇଛି। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ଲୋ-ସ୍କୋରିଂ ମ୍ୟାଚରେ ବାଲେଶ୍ୱର ୪୭ ରନରେ ସମ୍ବଲପୁର-ଏ ଦଳକୁ ମାତ୍ ଦେଇଛି। ବାଲେଶ୍ୱର ପକ୍ଷରୁ ଧାର୍ଯ୍ୟ ୯୩ ରନର ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ଦଳ ମାତ୍ର ୪୫ ରନରେ ସୀମିତ ରହିଥିଲା। ବାଲେଶ୍ୱର ଦଳର ତନ୍ମୟ ପାଢ଼ୀ ୮ ରନରେ ୫ଟି ୱିକେଟ୍ ନେଇ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୯ ୱିକେଟରେ ଅନୁଗୋଳକୁ, ଗଞ୍ଜାମ ୨୧୨ ରନରେ ମୟୂରଭଞ୍ଜକୁ ଓ ନବରଙ୍ଗପୁର ୩ ୱିକେଟରେ ବୌଦ୍ଧକୁ ପରାସ୍ତ କରିଛି।



ପ୍ରୀତିଶ ମିଶ୍ର



ସଂଗ୍ରାମ ନଚିକା



ତନ୍ମୟ ପାଢ଼ୀ

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି କ୍ୟାଡେଟ୍‌ଙ୍କୁ ସଫଳତା

**ଭୁବନେଶ୍ୱର, ୧୫।୪ (ସମିସ):** ଝାଡଖଣ୍ଡର ରାଞ୍ଚିଠାରେ ଶେଷ ହୋଇଥିବା ଜାତୀୟ ସବ୍-ଜୁନିଅର ବାଳିକା ହକି ଚାମ୍ପିଅନସିପ୍‌ରେ ଓଡିଶା ଟିମ୍ କାଂସ୍ୟ ପଦକ ବିଜୟୀ ହୋଇଛି। ତୃତୀୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୪-୨ ଗୋଲରେ ଉତ୍ତରପ୍ରଦେଶ ହକି ଦଳକୁ ପରାସ୍ତ କରିଥିଲା। ରାଜ୍ୟ ଦଳକୁ ଏହି ସଫଳତା ମିଳିବାରେ ଓଡିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଏଚପିସି)ର କ୍ୟାଡେଟ୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଏଚପିସି କ୍ୟାଡେଟ୍ ବିଷ୍ଣୁପ୍ରିୟା ସେଠୀ ଏବଂ କିରଣ କୁଜୁର ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସଫଳତା ଓଡିଶା ନାଭାଲ ଟାଟା ହକି ଏଚପିସିରେ ପ୍ରଦାନ କରାଯାଉଥିବା ଉନ୍ନତ ପ୍ରଶିକ୍ଷଣ, ଶୃଙ୍ଖଳା ଏବଂ ଆଥଲେଟ୍ ବିକାଶ ବ୍ୟବସ୍ଥାକୁ ସ୍ପଷ୍ଟ କରିଛି। ଏହି କେନ୍ଦ୍ର ବର୍ତ୍ତମାନ ଯୁବ ପ୍ରତିଭାମାନଙ୍କୁ ଜାତୀୟସ୍ତରର ପ୍ରତିଯୋଗୀ ଭାବେ ଗଢ଼ିତୋଳିବା ସହ ଭାରତୀୟ ହକି ପାଇଁ ଭବିଷ୍ୟତର ତାରକା ସୃଷ୍ଟି କରିବାରେ ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏହି ଅବସରରେ ଏଚ୍‌ପିସି ପକ୍ଷରୁ ବିଷ୍ଣୁପ୍ରିୟା ଓ କିରଣଙ୍କ ସମେତ ସମଗ୍ର ଓଡିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS